


'ଦ ରାଜା ସାବ୍'ରେ
କରିନା
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-13 ◆MONDAY ◆7 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩ ◆ସୋମବାର ◆୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ରଥରେ ଝଟକିଲେ ସୁନା ଠାକୁର







■ **ପୁରୀ,୬।୭ (ସମିସ):** ସରିସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଆଉ ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲଭ ସୁନାବେଶ ବା ବଡ଼ତଡ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଆସନ୍ତାକାଲି (ସୋମବାର) ରଥ ଉପରେ

**ବଡ଼ଦାଣ୍ଡ ପାଲଟିଲା ଜନସମୁଦ୍ର**

**ରଥାରୂଢ଼ ଠାକୁରଙ୍କୁ ଦର୍ଶନ କଲେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**

ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ନୀଳାଦ୍ରିବିଜେ। ଏହିଦିନ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ବୁଧବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ରବିବାର ସକାଳୁ ପୁରୀକୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ଆକାଶ ଥିଲା ମୋଘାଚ୍ଛନ୍ନ। ହେଲେ ବର୍ଷା ନ ଥିଲା। ମଝିରେ ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା, ତାହା କିନ୍ତୁ ବାଧକ ସାଜିନଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ▶ପୃଷ୍ଠା-୭

### ଆଜି ରଥ ଉପରେ ଅଧରପଣା ନୀତି | ତିନି ରଥରେ ଭାଙ୍ଗିବ ୯ ଅଧରହାଣ୍ଡି

ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ସୋମବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ▶ପୃଷ୍ଠା-୭

## 'ଏକ ଦେଶ-ଏକ ନିର୍ବାଚନ'ରେ କେଁ

### ଆପତ୍ତି ଉଠାଇଲେ ପୂର୍ବତନ ପ୍ରଧାନ ବିଚାରପତି

■ **ନୂଆଦିଲ୍ଲୀ, ୬।୭ (ଏଜେନ୍ସି):** 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ ନେଇ ଭାରତର ଅନେକ ପ୍ରଧାନ ବିଚାରପତି ସେମାନଙ୍କର ମତାମତ ଦେଇଛନ୍ତି। ଏଭଳି ପ୍ରସ୍ତାବ ସାମ୍ବିଧାନିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ବୋଲି ସେମାନେ କହିଛନ୍ତି। ତେବେ ଏଥିରେ ଏଭଳି କେତେକ ବ୍ୟବସ୍ଥା ରହିଛି ଯାହାକି ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ବିଶେଷ କରି ନିର୍ବାଚନ କମିସନଙ୍କୁ ଯେଭଳି ଅଖଣ୍ଡ କ୍ଷମତା ଦିଆଯାଇଛି ତାହାକୁ ନେଇ ସେମାନେ ଘୋର ଆପତ୍ତି ଉଠାଇଛନ୍ତି। କେବଳ ସେତିକି ନୁହେଁ, ଏଭଳି ପ୍ରସ୍ତାବକୁ ନେଇ ବିଭିନ୍ନ ଆଞ୍ଚଳିକ ଦଳ ଯେଉଁ ଉଦ୍‌ବେଗ ଜଣାଇଛନ୍ତି ତାହା ସହିତ ଏମାନେ ମଧ୍ୟ ଏକମତ ହୋଇଛନ୍ତି।



**ନିର୍ବାଚନ କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆ ନ ଯାଉ**

**କ୍ଷତିଗ୍ରସ୍ତ ହେବେ ଆଞ୍ଚଳିକ ଓ କ୍ଷୁଦ୍ର ରାଜନୈତିକ ଦଳ**

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟିକୁ ତାଙ୍କର ମତାମତ ଦେଇ କହିଛନ୍ତି ଯେ ପ୍ରସ୍ତାବିତ ନିର୍ବାଚନ ବ୍ୟବସ୍ଥା ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧାଚରଣ କରୁନାହିଁ। ଏସଂପର୍କରେ ବିଭିନ୍ନ ବିରୋଧୀ ଦଳ କରିଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି ପୃଥକ ପୃଥକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରିବା ଲାଗି ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ। ତେବେ ଭାରତର ନିର୍ବାଚନ କମିସନଙ୍କୁ ପ୍ରସ୍ତାବିତ ବ୍ୟବସ୍ଥାରେ ଯେପରି ଅଖଣ୍ଡ କ୍ଷମତା ଦିଆଯାଇଛି ତାହା ଗ୍ରହଣୀୟ ନୁହେଁ। ଏସଂପର୍କରେ ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଂଜନ ଗୋଗଇ ଦେଇଥିବା ମତାମତକୁ ସମର୍ଥନ କରି ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି ଯେ କମିସନଙ୍କ କ୍ଷମତାରେ ଅଙ୍କୁଶ ଲଗାଇବା ପାଇଁ କୌଣସି ଗାଇଡଲାଇନ୍ସ ନାହିଁ। ଲୋକସଭା ସହିତ ଏକ ସମୟରେ ନିର୍ବାଚନ କରିବା ଲାଗି ବିଧାନସଭାମାନଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ବା ହ୍ରାସ କରିବା ଲାଗି କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଏଭଳି ପରିସ୍ଥିତିରେ କମିସନ ନିଜ ମର୍ଜି ମୁତାବକ ନିଷ୍ପତ୍ତି ନେଇପାରିବେ। ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ ବୋଲି ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ କମିସନ ଚାହିଁଲେ ଏହାର କାର୍ଯ୍ୟକାଳ ବୃଦ୍ଧି କରିପାରିବେ ବୋଲି 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବରେ ବ୍ୟବସ୍ଥା କରାଯାଇଛି। କମିସନଙ୍କୁ ଏଭଳି କ୍ଷମତା ଦିଆଯିବା ଠିକ୍ ନୁହେଁ। କେଉଁ ପରିସ୍ଥିତିରେ ଏବଂ କିଭଳି କମିସନ ଏହି କ୍ଷମତାର ▶ପୃଷ୍ଠା-୭

## ସୃଷ୍ଟିହେଲା ଲଘୁଚାପ | ଆଜି ଅଧା ଓଡ଼ିଶାରେ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୬।୭ (ସମିସ):** ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରବିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨ରୁ ୩ ଦିନ ଯାଏ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ୧୨ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

**୧୨ ଯାଏଁ ନିସ୍ତାର ନାହିଁ**

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ଅନୁଗୋଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ଥିବା ▶ପୃଷ୍ଠା-୭

### ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

**ଆଈଶାଶୂ, ନାତୁଣୀବୋହୂ ମୃତ**

**ଅଳ୍ପକେ ବର୍ତ୍ତିଗଲା ୬ ବର୍ଷର ଶିଶୁ**

■ **ନୂଆପଡ଼ା,୬।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଲଖନା ଥାନା ଅଧୀନ ପଟକରପାଲି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ କୁକୁଡ଼ା ଫାର୍ମ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ରୂପେ ଶବର (୬୧) ଏବଂ ତାଙ୍କ ନାତୁଣୀ ବୋହୂ ବାଲମିତି ଶବର (୩୫)। ଲଖନା ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁ ଶ୍ମଶାନରେ ଏକାଠି ଆଈଶାଶୂ, ନାତୁଣୀବୋହୂଙ୍କ ଜୁଇ ଜଳିଛି। ଏଭଳି ହୃଦୟବିଦାରକ ଘଟଣା ଗାଁକୁ ସ୍ତବ୍ଧ କରିଦେଇଛି। ଗୋଟିଏ ଘରୁ ଦୁଇ ଦୁଇଟି



ଶବ ଉଠିବା ପଟକରପାଲି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଗାଁର ଦିବାକର ଶବର (୩୮) ନାମକ ଜଣେ କ୍ଷୁଦ୍ର ଚାଷୀ ସରକାରୀ ଯୋଜନାରେ ୫ଶହ ବ୍ରଏଲର କୁକୁଡ଼ା ପାଳନ ସକାଶେ ଏକ କୁକୁଡ଼ା ଫାର୍ମ ତିଆରି କରୁଛନ୍ତି। ଫାର୍ମର କାନ୍ଥ ଉଠି ସାରିଥିଲା। ତେବେ ▶ପୃଷ୍ଠା-୭

## ହୀରାକୁଦ ଖୋଲିଲା ୨୦ ଗେଟ୍

### ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୦.୦୪ ଫୁଟ୍

■ **ସମ୍ବଲପୁର, ୬।୭ (ସମିସ):** ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଥିଲା। ପରେ ଅପରାହ୍ନରେ ଆଉ ୮ଟି ଗେଟ୍ ଖୋଲାଯାଇଥିଲା। ସେଥିମଧ୍ୟରୁ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୧୦.୦୪ ଫୁଟ୍ ରହିଥିଲା। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଓ ଯନ୍ତ୍ରୀମାନେ ଏହାକୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ



ସେବା ଶିକ୍ଷାନବୀଶ ଶୁଭ୍ରା ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୫୦,୧୦୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୬,୫୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୭,୨୮୦ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୫୭୭୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୨୨୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୫୨୬୨ ▶ପୃଷ୍ଠା-୭

## ବାହୁଡ଼ାରେ ବାହୁଡ଼ିଗଲେ ୪ ସାଙ୍ଗ

■ **ମାଲକାନଗିରି/କୋରାପୁଟ, ୬।୭ (ସମିସ):** ସାଙ୍ଗ ହୋଇ ବିଶ୍ୱନିୟନ୍ତାଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଯାଇଥିଲେ। ରଥ ଟାଣିବା ସହ ପରିବାରଲୋକଙ୍କ ପାଇଁ ଆଶିଷ ଭିକ୍ଷା କରିଥିଲେ। କିନ୍ତୁ ସେଠାରୁ ଘରେ ପହଞ୍ଚିବା ପୂର୍ବରୁ ଅଫେରା ରାଇଜକୁ ବାହୁଡ଼ିଗଲେ। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଦୁଇ ପୃଥକ୍ ଦୁର୍ଘଟଣାରେ ୪ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ଏମ୍‌ଭି-୮୪ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରାକ୍ଟର୍ ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ତଙ୍ଗପାଲ ଗ୍ରାମର ରାଜେଶ ସୋଡ଼ି(୨୦), ବସନ୍ତ କବାସୀ(୧୯)। ସେହିପରି ଏହି ଦୁର୍ଘଟଣାରେ ବବୁଲୁ ମାଡ଼ି (୧୮) ନାମକ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ଗତକାଲି ୩ ସାଙ୍ଗ ରାଜେଶ, ବସନ୍ତ ଓ ବବୁଲୁ ମାଡ଼ି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଏକ ବାଇକ୍‌ରେ ମାଲକାନଗିରି ଯାଇଥିଲେ। ତିନିଜଣଯାକ ରାତିରେ ଘରକୁ ଫେରୁଥିବା ବେଳେ ଏମ୍‌ଭି-୮୪ ଗ୍ରାମ ନିକଟରେ ଏକ ଟ୍ରାକ୍ଟର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ଜଣଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ରାଜେଶ ଓ ବସନ୍ତକୁ ମୃତ ଘୋଷଣା କରିଥିଲେ। ବବୁଲୁର ଗୁରୁତର ଅବସ୍ଥାରେ ଚିକିତ୍ସା ଜାରି ରହିଛି। ମୃତ ରାଜେଶଙ୍କ ବାପା କମଲଙ୍କ ଲିଖିତ ଅଭିଯୋଗ ମାଲକାନଗିରି ଆଦର୍ଶ ଥାନା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ▶ପୃଷ୍ଠା-୭

## ବିଜେପି ଅଧ୍ୟକ୍ଷ ଦୌଡ଼ | ଶିବରାଜ, ଧର୍ମେନ୍ଦ୍ର, ଖଟ୍ଟର ଆଗରେ

■ **ନୂଆଦିଲ୍ଲୀ, ୬।୭ (ସମିସ):** ବିଜେପିର ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସ୍ଥାନରେ ନିଯୁକ୍ତ ହେବେ ସ୍ଥାୟୀ ଅଧ୍ୟକ୍ଷ। କାର୍ଯ୍ୟକାଳ ଶେଷ ସତ୍ତ୍ୱେ ୨୦୨୩ରୁ ଶ୍ରୀ ନଡ୍ଡା ଦଳର କାମଚଳା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା, ମାତ୍ର ଏବେ ନୂଆ ଅଧ୍ୟକ୍ଷ ନିଯୁକ୍ତି ନିମନ୍ତେ ନୂତନ କମିଟି ଗଠନ ପରେ ଖୁବ୍ ଶୀଘ୍ର ନୂଆ ଅଧ୍ୟକ୍ଷ ନିଯୁକ୍ତି ପାଇ ପାରନ୍ତି ବୋଲି କୁହାଯାଉଛି। ବିଶେଷ ଭାବରେ ଜାତିଗତ ଓ ଆଞ୍ଚଳିକ ସମୀକରଣ ସହ ଅଭିଜ୍ଞତା ଓ ଗ୍ରହଣୀୟତାକୁ ଦଳ ବିଶେଷ ଗୁରୁତ୍ୱ ଦେଉଛି। ଏହା ସହ ଜାତୀୟ ସଭାପତି ନିଯୁକ୍ତିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଭୂମିକା କେଉଁ ପର୍ଯ୍ୟନ୍ତ ରହିବ ତାହା ସ୍ଥିର ହୋଇ ନ ଥିବାରୁ ଏହି ପ୍ରକ୍ରିୟା ଶେଷ ହେବାକୁ କିଛିମାସ ଲାଗିବ ବୋଲି ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି।

**ସନ୍ତୋଷ, ପୁରନ୍ଦେଶ୍ୱରୀ ଓ ଭୂପେନ୍ଦ୍ରଙ୍କ ନାମ ବି ଚର୍ଚ୍ଚାରେ**

**ଅଭିଜ୍ଞତା ସହିତ ଜାତିଗତ, ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ**



ଗଣମାଧ୍ୟମଗୁଡ଼ିକରେ ବିଜେପି ସଭାପତି ନିର୍ବାଚନକୁ ନେଇ ଯାବତୀୟ ଆଲୋଚନା ଚାଲିଛି। ବଙ୍ଗାରୁ ଲକ୍ଷ୍ମଣଙ୍କ ପରେ ପ୍ରାୟ ଗତ ୨୦ ବର୍ଷ ଧରି ଦକ୍ଷିଣ ଭାରତରୁ କେହି ବିଜେପିର ଜାତୀୟ ସଭାପତି ହୋଇ ନାହାନ୍ତି। ସେହିପରି ଆଗାମୀ ଦିନରେ ତାମିଲନାଡୁ, ତେଲଙ୍ଗାନା, କେରଳରେ ନିର୍ବାଚନ ହେବ। ତେଣୁ ବିଜେପିର ପରବର୍ତ୍ତୀ ଜାତୀୟ ଅଧ୍ୟକ୍ଷ ଦକ୍ଷିଣ ଭାରତରୁ ହୋଇ ପାରନ୍ତି ବୋଲି କୁହାଯାଉଛି ଏବଂ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଓ ଦଳର ବରିଷ୍ଠ ନେତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟି ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀଙ୍କ ନାମ ମଧ୍ୟ ଏଥିପାଇଁ ଚର୍ଚ୍ଚା ହେଉଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବିହାର ବିଧାନସଭା ▶ପୃଷ୍ଠା-୭

### ରାଜ୍ୟ ସଭାପତି ନାମାଙ୍କନ ଆଜି

■ **ଭୁବନେଶ୍ୱର,୬।୭ (ସମିସ):** ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଦୀର୍ଘଦିନ ଧରି କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ସୋମବାର ଏହାଉପରୁ ପରଦା ଉଠିବ। ସୋମବାର ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବ। ସଭାପତି ଦୌଡ଼ରେ ମନମୋହନ ସାମଲ ସବୁଠାରୁ ଆଗରେ ରହିଥିବା ବେଳେ ଦଳର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ,ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମ ମଧ୍ୟ ସଭାପତି ରେସରେ ଥିବା ଚର୍ଚ୍ଚା ହେଉଛି। ତେବେ ଏକାଧିକ ନାମାଙ୍କନ ପରିବର୍ତ୍ତେ ଦଳୀୟ ସଭାପତି ଚୟନ ସହମତି ଭିତ୍ତିରେ ହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ ହେବ। ଅପରାହ୍ଣ ୩ଟା ସୁଦ୍ଧା ନାମାଙ୍କନ ସଂକ୍ରାନ୍ତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟାରେ ଅନ୍ତିମ ସୂଚୀ ପ୍ରକାଶ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ।

# ଦାରୁ ଦିଅଁଙ୍କ ସୁନାବେଶ

## ପୁରୀ ବଡ଼ଦାଣ୍ଡ ଜନସମୁଦ୍ର

















ଶୟନ ଗଲେ ହରି

## ଆରମ୍ଭ ହେଲା ଅଶୁଭ କାଳ

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚତୁର୍ମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥା'ନ୍ତି। ଏହାକୁ ହରିଶୟନ ଏକାଦେଶୀ କୁହାଯାଏ। ରବିବାରଠାରୁ ହରି ଶୟନ କରିଛନ୍ତି। ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥା'ନ୍ତି। ଠାକୁରଙ୍କ ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟା ବ୍ରତ ପାଳନ କରିଥା'ନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥା'ନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥା'ନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି।

ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ଠା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥା'ନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥା'ନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥା'ନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ, ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥାନ୍ତି, ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୁଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସୋମବାରଠାରୁ ଗରୁଡ଼ ଶୟନ ଯିବେ। ଏହାକୁ ଗରୁଡ଼ ଶୟନ ନୀତି କୁହାଯାଏ।

■ ସୁନାବେଶରେ ଅଘଟଣ

## ମଠରୁ ଖସି ଭକ୍ତ ଗୁରୁତର

ରଥାରୂଢ଼ ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଟେଳୀ ଗାଁର ବାବାଜୀ ବେହେରା ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ଉପରକୁ ଯାଇଥିଲେ। ହେଲେ କୌଣସି କାରଣରୁ ସେ ହଠାତ୍ ମଠ ଉପରୁ ତଳକୁ ଖସି ପଡ଼ିଥିଲେ।

ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାବାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପାଟି ଓ ନାକରୁ ରକ୍ତ ବାହାରୁଛି। ତେବେ ସେ କେଉଁ ପରିସ୍ଥିତିରେ ସେ ମଠ ଉପରକୁ ଯାଇଥିଲେ ଓ କିଭଳି ଖସିପଡ଼ିଲେ, ତାହା ସ୍ପଷ୍ଟ ହୋଇନାହିଁ।

ରଥ ଉପରେ ଅଧରପଣା

## ପୂର୍ବେ ହେଉଥିଲା ୧୨ ହାଣ୍ଡି, ଏବେ ୯ ହାଣ୍ଡି

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧା ବିଗ୍ରହ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ସୁନାବେଶ ଅନୁଷ୍ଠିତ ହୋଇଛି। ସୋମବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ଏହି ନୀତି ପାଇଁ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିଲା। କିନ୍ତୁ ଏବେ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଗବେଷକଙ୍କ ମତରେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ପାଇଁ ୧ ହାଣ୍ଡି (ସାନ) ଏହିପରି ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତ ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାତି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ। ପୂର୍ବରୁ ପାଣିଆପଟ୍ଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥା'ନ୍ତି। କୂଅରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥା'ନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଗାମୁଛା ଟେରା ଧରିଥା'ନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥା'ନ୍ତି। ଏହାକୁ ପତ୍ରୀବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନିରଥ ଉପରେ ପୂଜା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥା'ନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଇଥାଏ।

ଜନଶ୍ରୁତିରୁ ଜଣାଯାଏ, ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡି ଚାମଣ୍ଡା ଓ ଅର୍ଦ୍ଧଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଚଣ୍ଡି ଚାମଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନକାଳରୁ ରହି ଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥା'ନ୍ତି।

### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ଅଧରପଣା ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ, ଚନ୍ଦନଲାଗି | ୧୨ଟା ୩୦ |
| ବଡ଼ସିଂହାର ବେଶ | ୧ଟା |
| ବଡ଼ସିଂହାର ଭୋଗ | ୧ଟା ୩୦ |
| ଶ୍ରୀଗରୁଡ଼ ଶୟନ | ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |



ଆକାଶେ ହସୁଛି କଳା ବଉଦ, ସୁନାବେଶ ଦେଖି ଭକ୍ତ ବିମୁଗ୍ଧ (ଫଟୋ-ଅନିଲ)

■ ବିନିକାରେ ଅଘଟଣ

# ରଥଚକ ତଳେ ଚାପି ହୋଇ ୬ ଗୁରୁତର

**ବିନିକା, ୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ରବିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବେଳେ ଏକ ଅଘଟଣ ଘଟିଛି। ରଥଟଣା ବେଳେ ୪ ଜଣ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇ ଗୁରୁତର ହୋଇଛନ୍ତି। ୪ ନାବାଳକ ହେଲେ, ପିଙ୍କୁ ମେହେର(୧୨), ପ୍ରତ୍ୟଶ ମାହାଣା, ଆଦର୍ଶ ଦାସ(୯), ସରୋଜ ଦାସ (୯)। ଅନ୍ୟ ୨ ଭକ୍ତଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ୪ ନାବାଳକଙ୍କ ଭିତରୁ ଜଣେ ନାବାଳକଙ୍କ ସଂକଟାପନ୍ନ ରହିଛି। ତାକୁ ବୁର୍ଲା ଭିମ୍‌ସାର୍ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବିନିକା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।



ସୂଚନାନୁଯାୟୀ, ରବିବାର ଅପରାହ୍ଣ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗୁଣ୍ଡିଚା ମନ୍ଦିରକୁ ନିକଟରେ ରଥ ପହଞ୍ଚିଲା ବେଳକୁ ୪ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇଯାଇଥିଲେ। ତୁରନ୍ତ ଉପସ୍ଥିତ ଭକ୍ତ ସମସ୍ତଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

**ଗୁଣି ସନ୍ଦେହରୁ ପୁଣି ଗଡ଼ିଲା ମୁଣ୍ଡ**

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

**ରାଉରକେଲା/କୋଇଡ଼ା, ୬।୭ (ସମିସ):** ଗୁଣି ସନ୍ଦେହରେ ପଥରରେ ଛେଚି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ପଞ୍ଚାୟତର କାକରପାଣି ଗ୍ରାମରେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ, ଉକ୍ତ ଗ୍ରାମରେ ରହୁଥିବା ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ। ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଗାବ୍ରିଏଲ୍ ସୁରିନ(୨୧)କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।



ସୂଚନାନୁଯାୟୀ, ଉଭୟ ଗାବ୍ରିଏଲ ଓ ଅମ୍ରିତର ଘର ଝାଡ଼ଖଣ୍ଡ ଅଞ୍ଚଳରେ। ପ୍ରାୟ ୨୦ବର୍ଷ ହେବ ସେମାନେ କାକରପାଣି ଗ୍ରାମରେ ରହି ଆସୁଛନ୍ତି। ଉଭୟ ମିତ୍ତଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ସେ ସନ୍ଦେହ କରିଥିଲା। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା। କେବଳ ସୁଯୋଗ ଅପେକ୍ଷାରେ ରହିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ ଗାଁକୁ ଫେରିବା ବେଳେ ପୁନର୍ବାର ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମାରପିଟ୍ ଠେଲାପେଲା ପରେ ଅମ୍ରିତ ତଳେ ପଡ଼ିଯିବାରୁ ଗାବ୍ରିଏଲ ଏକ ବଡ଼ ପଥର ଅମ୍ରିତର ମୁଣ୍ଡରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଥିଲା। କିଛି ଗ୍ରାମବାସୀ ସେହି ରାସ୍ତା ଦେଇଆସୁଥିବା ବେଳେ ଅମ୍ରିତର ରକ୍ତାକ୍ତ ଶରୀର ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପହଞ୍ଚି ଶବ ଜବତ କରିଥିଲେ। ରବିବାର ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୁଲିସ ଅଭିଯୁକ୍ତ ଗାବ୍ରିଏଲକୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

**ବିଏଡ୍ ପ୍ରବେଶିକା ଜାଲିଆତି**

# ଏସ୍‌ଏସ୍‌ବିର ଭୁଲ୍; ତଣ୍ଡ ଗଣିବେ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୬।୭(ସମିସ):** ବିଏଡ୍ ପ୍ରବେଶିକା ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ନମ୍ବର ନେଇ ଆରମ୍ଭ ହୋଇଥିବା ବିବାଦ ସରିବାର ନା ନେଉନି। ଗୋଟିଏ ପରେ ଗୋଟିଏ ଅଭିଯୋଗ ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ଏବଂ ଉଚ୍ଚଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି। ନମ୍ବର ବଢ଼ାଇବାକୁ ଶତାଧିକ ଛାତ୍ରଛାତ୍ରୀ ଆବେଦନ କରିବା ପରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ କରିବାକୁ ବିଜ୍ଞପ୍ତି ଜାରି କରିଛି। ଉତ୍ତରକୁ ନେଇ ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କୁ ଅଭିଯୋଗ କରିବା ପାଇଁ ସୁଯୋଗ ଦିଆଯାଇଛି। ହେଲେ ପ୍ରତିଟି ଉତ୍ତର ପାଇଁ ୨ଶହ ଟଙ୍କା ଲେଖାଏଁ ଅଣଫେରସ୍ତ ଫି ଧାର୍ଯ୍ୟକୁ ନେଇ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏସ୍‌ଏସ୍‌ବିର ଭୁଲ୍ ପାଇଁ ପରୀକ୍ଷାର୍ଥୀମାନେ କାହିଁକି ତଣ୍ଡ ଗଣିବେ ବୋଲି ପ୍ରଶ୍ନ କରିଛନ୍ତି।

ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ୧୧ଟାରେ ବିଏଡ୍ ପରୀକ୍ଷାର ଆନ୍‌ସାର୍ କି' ପ୍ରକାଶ ପାଇବ। ତହିଁରେ ଦର୍ଶାଯାଇଥିବା ଉତ୍ତରକୁ ୮ରୁ ୧୦ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ପରୀକ୍ଷାର୍ଥୀ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ), ଓଡ଼ିଶା ଲୋକ ସେବା ଆୟୋଗ

■ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କାକୁ ବିରୋଧ
■ ଉଚ୍ଚଶିକ୍ଷା ବିଭାଗ ଏକ୍ସରେ ବର୍ଷିଲେ ପରୀକ୍ଷାର୍ଥୀ

(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରି ବିଭିନ୍ନ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ ପରେ କୌଣସି ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କ ଠାରୁ ଆବେଦନ ଆହ୍ୱାନ କରିଥାନ୍ତି। ଏଥିପାଇଁ ଫି' ନିର୍ଦ୍ଧାରଣ କରିବା ସହ ଅଭିଯୋଗ ସତ୍ୟ ହେଲେ ସେହି ଫି' ତାଙ୍କୁ ଫେରସ୍ତ କରାଯାଏ। ସତ୍ୟତା ନ ଥାଇ ଅଭିଯୋଗ କଲେ ଫି' ଫେରସ୍ତ ହୋଇନଥାଏ। ଫଳରେ ଅଭିଯୋଗ ସଂଖ୍ୟା କମାଇବାକୁ ଲକ୍ଷ୍ୟ ଥାଏ। ହେଲେ ଅଭିଯୋଗରେ ସତ୍ୟତା ଥିଲେ ଏସ୍‌ଏସ୍‌ବି କାହିଁକି ଫି' ଫେରସ୍ତ କରିବ ନାହିଁ? ଅପରପକ୍ଷରେ ଅନେକ ପିଲା ୨୦ରୁ ୩୧.୨୫ ମାର୍କ ଯାଏଁ ବଢ଼ିବ ବୋଲି ଦାବି କରିଛନ୍ତି। ସର୍ବାଧିକ ୩୧.୨୫ ମାର୍କ ମଧ୍ୟ ବଢ଼ିଛି। ତାହେଲେ ପ୍ରତି ପ୍ରଶ୍ନ ପିଛା ୨ଶହ ଟଙ୍କା ହିସାବରେ ୬,୨୫୦ଟଙ୍କା ଫି' ଦାଖଲ କରିବାକୁ ହେବ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। ଏସ୍‌ଏସ୍‌ବି ପକ୍ଷରୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ପିଲାଙ୍କ ମାର୍କ କମିଛି। ସେହି ତ୍ରୁଟିକୁ ସଜାଡ଼ିବାକୁ ପରୀକ୍ଷାର୍ଥୀମାନେ କାହିଁକି ଆର୍ଥିକ ଦଣ୍ଡ ପାଇବେ?

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଗତ ୩ତାରିଖରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଥିବାବେଳେ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆବେଦନ କଲାବେଳେ ୫ଶହ ଏବଂ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କା ଆଦାୟ କରିବା ଏସ୍‌ଏସ୍‌ବିର ବ୍ୟବସାୟିକ ମନୋଭାବ ଜଣାପଡୁଥିବା ଜଣେ ୟୁଜର୍ ଲେଖିଛନ୍ତି। ସେହିପରି ଗୌରିମଣୀ ଦାସ୍ ନାମକ ଜଣେ ପରୀକ୍ଷାର୍ଥୀ ତାଙ୍କ ପାଖରେ ଟଙ୍କା ନାହିଁ, ତାଙ୍କୁ ନ୍ୟାୟ ଦେବାକୁ ଅପିଲ୍ କରିଛନ୍ତି। ରଶ୍ମିରଞ୍ଜନ ଦାସ୍ ନାମକ ଜଣେ ୟୁଜର୍ ଲେଖିଛନ୍ତି ଯେ ପ୍ରଥମେ ଭୁଲ୍ ଉତ୍ତର ଦେବେ, ତା ପରେ ପ୍ରତିଟି ଚ୍ୟାଲେଞ୍ଜ ପାଇଁ ୨ଶହ ଲେଖାଏଁ ଆଦାୟ କରିବେ। ଗରିବ ମେଧାବୀଙ୍କ କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନେକ ୟୁଜର୍ ଏହି ନିଷ୍ପତ୍ତିକୁ ପାଗଳାମି କହି ଉଭୟ ଏସ୍‌ଏସ୍‌ବି ଓ ବିଭାଗ ଉପରେ ବର୍ଷିଛନ୍ତି। ଏଣୁ ଏହି ନିଷ୍ପତ୍ତିର ପୁନଃ ବିଚାର କରିବା ସହ ଅଭିଯୋଗ ସତ୍ୟ ହେଲେ ଫି' ଫେରସ୍ତ କରିବାକୁ ଦାବି କରିଛନ୍ତି। ବିଏଡ୍ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସନ୍ଦେହ ଥିବାରୁ ଆନ୍‌ସାର୍ କି' ପ୍ରକାଶ ପାଇବା ପରେ ବହୁ ପରୀକ୍ଷାର୍ଥୀ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି।

# ବିଷାକ୍ତ ଛତୁ ଖାଇ ୧୧ ଅସୁସ୍ଥ




**ରାୟଗଡ଼ା/ଟିକିରି, ୬।୭(ସମିସ):** ବିଷାକ୍ତ ଜଙ୍ଗଲୀ ଛତୁ ଖାଇ କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଟିକରାପଡ଼ା ଗାଁର ତିନି ପରିବାରର ୧୧ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରେ ଗୋଟିଏ ପରିବାରର ୬ଜଣ ରହିଛନ୍ତି। ସେମାନେ ହେଲେ, ରେଙ୍ଗୁ ନାଏକ, କୁମାରୀ ନାଏକ, ଅଞ୍ଜନା ନାଏକ, ଧନମଣି ନାଏକ, ଲାକେବତୀ ନାଏକ ଓ ଦୁର୍ଯ୍ୟୋଧନ ନାଏକ। ସମସ୍ତଙ୍କୁ ଟିକିରି ଓଷାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିଭଳି ଅନ୍ୟ ଦୁଇ ପରିବାରର ୫ ଜଣଙ୍କୁ ପ୍ରଥମେ ଓଷାପଡ଼ା ଓ ସେଠାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ଦାମୁ ଖୋଡ଼ିଆ, ଚମ୍ପା ଖୋଡ଼ିଆ ଓ ତାଙ୍କ ୮ ବର୍ଷର ପୁଅ ଏବଂ ଧନୁ ଗୌଡ଼ ଓ ତାଙ୍କ ପତ୍ନୀ କବିଲା ଗୌଡ଼। ଗାଁର ତିନିଜଣ ମହିଳା ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଯାଇ ଛତୁ ଗୋଟାଇ ଆଣିଥିଲେ। ସମସ୍ତେ ଛତୁ ରୋଷେଇ କରି ଖାଇଥିଲେ। ସନ୍ଧ୍ୟାରେ ସମସ୍ତଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଦାମୁ କହିଛନ୍ତି ଯେ ଏହି ଛତୁ ପୂର୍ବରୁ ବହୁତଥର ଖାଇଛନ୍ତି, ହେଲେ କେବେ କିଛି ହୋଇନଥିଲା।

# ମୀନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

**ଭୁବନେଶ୍ୱର,୬।୭(ସମିସ):** ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ପୁନର୍ବାର ନିଯୁକ୍ତି ପାଇଛନ୍ତି ମିନାକ୍ଷୀ ବାହିନୀପତି। ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌କେ ଶ୍ରୀମତୀ ବାହିନୀପତିଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଥିବା ନେଇ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁ ଗୋପାଳ ଘୋଷଣା କରିଛନ୍ତି। ଶ୍ରୀମତୀ ବାହିନୀପତି ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ଏତଦଭିନ୍ନ ସେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। କୋରାପୁଟ ପୌରାଞ୍ଚଳର ଅଧ୍ୟକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ। ଏହି ନିଯୁକ୍ତି ପାଇଁ ଶ୍ରୀମତୀ ବାହିନୀପତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଏଆଇସିସି ମହିଳା ସଭାନେତ୍ରୀ ଅଳକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖରଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ରାଜ୍ୟରେ ମହିଳା ସଂଗଠନକୁ ସୁଦୃଢ଼ କରାଯିବ। ଏହାସହ ନାରୀନ୍ୟାୟ ସଂଗ୍ରାମକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀମତୀ ବାହିନୀପତି ନିଜ ପ୍ରତିକ୍ରିୟାରେ କହିଛନ୍ତି।



# ଦୁଇ ମାଓବାଦୀ ଗିରଫ



**ମାଲକାନଗିରି, ୬।୭ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେରରେ ଜଣେ ମହିଳା ମାଓବାଦୀ ସମେତ ଦୁଇ ମାଓବାଦୀ ଗିରଫ ହୋଇଛନ୍ତି। କାଙ୍କେର ଜିଲ୍ଲା ମିଞ୍ଜି ଜଙ୍ଗଲରେ ପୁଲିସ ଏବଂ ବିଏସ୍‌ଏଫ ବାହିନୀ ପକ୍ଷରୁ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଯବାନଙ୍କୁ ଦେଖି ଜଣେ ମହିଳା ଓ ପୁରୁଷ ଦୌଡ଼ିଥିଲେ। ସନ୍ଦେହ ହେବାରୁ ସେମାନଙ୍କୁ ଯବାନମାନେ କାବୁ କରିଥିଲେ। ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଜବତ କରାଯାଇଛି। ସେମାନେ ମାଓବାଦୀ କାର୍ଯ୍ୟରେ ଜଡ଼ିତ ଥିବା ପ୍ରକାଶ କରିଛନ୍ତି। ଅଧିକ ତଦନ୍ତ ପରେ ମହିଳା ମାଓବାଦୀର ନାମ ସୁକମି ପଦା ଏବଂ ପୁରୁଷ ମାଓବାଦୀର ଲଖମୁ ପଦା ବୋଲି ଜଣାପଡ଼ିଥିଲା। ଗିରଫ ମହିଳା ମାଓବାଦୀ ସୁକମି ନାମରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ଉଭୟ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ।

# ମହିଳାଙ୍କୁ ପୋଡ଼ି ମାରିଦେଲେ!

**ଘର ଭିତରୁ ଅର୍ଦ୍ଧଦଗ୍ଧ ଶବ ଜବତ; ୩ ଅଟକ**

**ବାଲେଶ୍ୱର, ୬।୭ (ସମିସ):** ବାଲେଶ୍ୱର ଟାଉନ ଥାନା କାଦ୍ରାବାଦ ଅଞ୍ଚଳର ଏକ ଘର ମଧ୍ୟରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମଧୁସ୍ମିତା ପାଢ଼ୀ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ହିମାଂଶୁ ପାଢ଼ୀଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଦିଲ୍ଲୀପ କୁମାର ଦାସ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମଧୁସ୍ମିତା ୧୮ ବର୍ଷ ତଳେ ହିମାଂଶୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ସେମାନେ କାଦ୍ରାବାଦ ଅଞ୍ଚଳରେ ଘର କରି ରହୁଥିଲେ। ସେମାନଙ୍କର ୧୭ ବର୍ଷର ଏକ ପୁଅ ମଧ୍ୟ ରହିଛି। ଆଜି ସକାଳେ ମଧୁସ୍ମିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଘର ମଧ୍ୟରେ ଥିବା ଶିଡ଼ି ନିକଟ ଗାଧୁଆ ଘରଠାରେ ପଡ଼ିଥିଲା। ଘରୁ ପୋଡ଼ା ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ଟାଉନ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚିଥିଲା। ତେବେ କେଉଁ ପରିସ୍ଥିତିରେ ମଧୁସ୍ମିତାଙ୍କ ମୃତ୍ୟୁ ଘଟିଲା ଓ ତାଙ୍କ ଦେହରେ କିଏ ନିଆଁ ଲଗାଇଲା, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

# ମଝି ସମୁଦ୍ରରେ ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ

**ଚନ୍ଦନେଶ୍ୱର,୬।୭(ସମିସ):** ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଡ଼ଙ୍ଗାରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ମତ୍ସ୍ୟଜୀବୀ ହେଲେ, ଭୋଗରାଇ ବ୍ଲକ କୀର୍ତ୍ତନିଆ ପଞ୍ଚାୟତ ଅଧୀନ ସେହି ଗ୍ରାମର ଜଗନ୍ନାଥ ବଡ଼ାଇ (୫୦)। ଗ୍ରାମର ଭୀମ ଚରଣ ବଡ଼ାଇଙ୍କ ପୁଅ ଜଗନ୍ନାଥ ଆଜି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଅସାବଧାନତାବଶତଃ ଡଙ୍ଗାରୁ ଖସି ପାଣିରେ ପଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ଡଙ୍ଗାରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ପାଖାପାଖି ୨୦ ମିନିଟ୍ ପରେ ସମୁଦ୍ର ଭିତରୁ ତାଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭୋଗରାଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଜଗନ୍ନାଥ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ସେ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା, ସମିତି ସଦସ୍ୟ ବିଜୟ ଗିରି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବେହେରା ପ୍ରମୁଖ ଦାବି କରିଛନ୍ତି।

**ଜଗନ୍ନାଥ ନିଆଁରେ ସନ୍ତୋଷ ଘିଅ**

# ଅଗ୍ନିପରୀକ୍ଷାରେ ବିଜେପି 'ଅସ୍ମିତା'

■ ଜଗନ୍ନାଥ ପ୍ରସଙ୍ଗରେ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଫାଟ
■ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ନେତା ଅସୁଖୀ
■ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ
■ ଅପରାଜିତାଙ୍କ ପାଇଁ ମହଙ୍ଗା ହେବ କି ଜଗା ବିରୋଧୀ ବୟାନ

**ଭୁବନେଶ୍ୱର,୬।୭(ସମିସ):** ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଭୂମିକା ଏବଂ ଗିରଫଦାରୀକୁ ନେଇ ବିଜେପିରେ ଅସନ୍ତୋଷ କୁହୁଳୁଛି। ଜଗନ୍ନାଥଙ୍କ ଗିରଫଦାରୀକୁ ଗୋଟିଏ ଗୋଷ୍ଠୀ ସଠିକ୍ ବୋଲି ଦର୍ଶାଉଥିବା ବେଳେ ଅନ୍ୟ ଗୋଷ୍ଠୀଗୁଡ଼ିକ ଏହାର ବିରୋଧ କରୁଛନ୍ତି। ବିଜେପିରେ ଥିବା ଫାଟକୁ ଜଗନ୍ନାଥ ପ୍ରସଙ୍ଗ ଆହୁରି ମେଲାଇ ଦେଇଥିବାବେଳେ ଆଗକୁ ଏହା ଭୟଙ୍କର ଗୋଷ୍ଠୀକନ୍ଦଳର ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି । ଏହି ସମୟରେ ସନ୍ତୋଷ ଖଟୁଆଙ୍କ ଅରୁଚିକର ଓ ଅତ୍ୟନ୍ତ ଘୃଣ୍ୟ ମନ୍ତବ୍ୟ ଦଳ ପାଇଁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି । ଓଡ଼ିଆ ଅସ୍ମିତାର କାହାଣୀ ଗାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଏହି ପ୍ରସଙ୍ଗଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ପରି ହୋଇଛି । ଜଗନ୍ନାଥ ନିଆଁରେ ସନ୍ତୋଷଙ୍କ ପ୍ରସଙ୍ଗ ଘିଅ ହୋଇ ଦଳ ଓ ସରକାର ବିରୋଧରେ ଲୋକଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। କେବଳ ଜଗନ୍ନାଥ ନୁହନ୍ତି, ସନ୍ତୋଷ ଖଟୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଥିବା ବିଜେପିର କିଛି ଟାଣୁଆ ନେତା ଦଳୀୟ ନେତୃତ୍ୱଙ୍କ ନିକଟରେ ଦାବି କରିଛନ୍ତି। ସନ୍ତୋଷଙ୍କ ବିରୋଧରେ ଦଳୀୟ କିମ୍ବା ଆଇନଗତ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ବେଳେ ଏହାକୁ ନେଇ ଅନେକ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସନ୍ତୋଷଙ୍କୁ କିଏ ସୁରକ୍ଷା ଦେଉଛି ବୋଲି ଏବେ ଖୋଦ୍ କର୍ମୀମାନେ ପ୍ରଶ୍ନ କରିଛନ୍ତି ।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଜଗନ୍ନାଥଙ୍କ ବିରୋଧରେ ସାର୍ବଜନୀନ ଭାବେ ବୟାନ ରଖିଥିଲେ ବିଜେପି ଭୁବନେଶ୍ୱର ସାଂସଦ ତଥା ଦଳର ପାୱାରଫୁଲ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ। ଜଗନ୍ନାଥ ପ୍ରଧାନ ଭୁଲ କରିଛନ୍ତି ବୋଲି ସେ କହିବା ସହ ଭୁଲକୁ ଭୁଲ ବୋଲି କହିବା ପାଇଁ ସତସାହସର ଆବଶ୍ୟକ ବୋଲି କହିଥିଲେ। ଅପରାଜିତାଙ୍କ ଏପରି ମନ୍ତବ୍ୟ ସିଧାସଳଖ ଦଳର ରାଜ୍ୟସ୍ତରୀୟ ନେତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଚି। ଜଗନ୍ନାଥଙ୍କୁ ଦଳର କିଛି କ୍ଷମତାଶାଳୀ ନେତା ସୁରକ୍ଷା ଦେଉଥିବା ବେଳେ ଅପରାଜିତା ନିଜ ବୟାନ ମାଧ୍ୟମରେ ସିଧାସଳଖ ସେମାନଙ୍କୁ ନିଶାଣ କରିଥିଲେ ବୋଲି କୁହାଯାଉଛି। ସେଥିପାଇଁ ଅପରାଜିତା ଏହି ପ୍ରସଙ୍ଗକୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ଅପରପକ୍ଷେ ଅପରାଜିତାଙ୍କ ଏପରି ଟିପ୍ପଣୀ ପରେ ବିଜେପିର ଅନେକ ନେତା ତାଙ୍କ ସହ ଦୂରତା ଅବଲମ୍ବନ କରୁଛନ୍ତି। ଯାହା ଆଗାମୀ ଦିନରେ ବିଜେପି ରାଜନୀତିରେ ରୋଚକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଗିରଫଦାରୀକୁ ନାପସନ୍ଦ କରିଛନ୍ତି ଦଳର ଅନ୍ୟତମ ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର। ତାଙ୍କ ଗିରଫଦାରୀକୁ ମୁଁ ବିଲକୁଲ ପସନ୍ଦ କରୁନାହିଁ ବୋଲି ସେ କହିବା ସହ ଓଲଟା ଓଏଏସ ରତ୍ନାକରଙ୍କ ଉପରେ ଦୋଷ ଲଦିଛନ୍ତି। ଯଦିଓ ଶ୍ରୀ ମିଶ୍ରଙ୍କ ମନ୍ତବ୍ୟକୁ ଦଳ ସେତେ ଗୁରୁତ୍ୱ ଦେଇନାହିଁ, ତଥାପି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୟନାରାୟଣଙ୍କୁ ସମର୍ଥନ କରୁଥିବା ସୂଚନା ମିଳିଛି।

ଏହି ସମୟରେ ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ବୟାନ ମଧ୍ୟ ଖୁବ ବିବାଦ ସୃଷ୍ଟି କରିଛି। ଉଭୟ ବିଜେଡି ଓ କଂଗ୍ରେସ ସନ୍ତୋଷଙ୍କ ଟିପ୍ପଣୀକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ତାଙ୍କ ବିରୋଧରେ ବିଜେପି ତୁରନ୍ତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସନ୍ତୋଷଙ୍କ ନିମ୍ନରୁଚିର ଟିପ୍ପଣୀ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଥିବା ବେଳେ ଏହାଯୋଗୁଁ ରାଜ୍ୟ ବିଜେପି ଜାତୀୟସ୍ତରରେ ନିନ୍ଦିତ ହୋଇଛି। ବିଜେପିର ନେତ୍ରୀଙ୍କ ପ୍ରତି ଏପରି ମନ୍ତବ୍ୟ ଦେଇଥିଲେ ଦଳ ସହ୍ୟ କରିଥାଆନ୍ତା କି ବୋଲି ମଧ୍ୟ ବିରୋଧୀ ପ୍ରଶ୍ନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଅନେକ ନେତା ଓ କର୍ମୀ ସିଧାସଳଖ ନହେଲେ ମଧ୍ୟ ବାହାରେ ମତ ପ୍ରକାଶ କରୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଏନେଇ ମୁହଁ ନ ଖୋଲିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଦଳର ଶୃଙ୍ଖଳା କମିଟି ବୈଠକ ବସିଲେ ଏନେଇ ବିଚାର କରାଯିବ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ହେଁ ଏହା ଦଳର କର୍ମୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସନ୍ତୋଷଙ୍କ କ୍ଷେତ୍ରରେ ରାଜ୍ୟ ନେତୃତ୍ୱଙ୍କ ନିରବତା ଆଗକୁ ଦଳରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବ ବୋଲି ବିଜେପିର ଅନେକ ନେତା ଓ କର୍ମୀ ସାଧାରଣରେ ମତ ରଖୁଥିବା ଶୁଣିବାକୁ ମିଳୁଛି।

## ଗବଗାଁ ବାସୀଙ୍କ ଦୁଃଖ ସୁବର୍ଣ୍ଣରେଖା ବନ୍ୟା

# ମାସାଧିକ କାଳ ଲୋକେ ଜଳବନ୍ଦୀ, ଡଙ୍ଗା ସାହା ଭରସା

ଭୋଗରାଇ, ୬।୭ (ସମିସ)

ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲେ ଭୋଗରାଇ ବ୍ଲକର ଗବଗାଁ ବାସୀଙ୍କ ଆଖିରୁ ନିଦ ହଜିଯାଏ। ଏହି ଗାଁ ସବୁଠାରୁ ତଳିଆ ଅଞ୍ଚଳ ହୋଇଥିଲା ବେଳେ ଥରେ ବନ୍ୟା ଜଳ ପଶିଲେ ୧ମାସରୁ ଅଧିକ ଦିନ ଗାଁ ଲୋକମାନଙ୍କୁ

**● ବନ୍ୟାର ସ୍ଥାୟୀ ପ୍ରତିକାର ଦାବି**

ଜଳବନ୍ଦୀ ଜୀବନ କଟାଇବାକୁ ପଡ଼ିଥାଏ। ଏପରିକି ରାସ୍ତା ଘାଟ ପାଣିରେ ବୁଡ଼ି ରହୁଥିବାରୁ ବଜାରରୁ ସଉଦା ଆଣିବା, ରୋଗୀକୁ ଡାକ୍ତର ଖାନା ନେବା ପାଇଁ ନୀତିଦିନ ଡଙ୍ଗା ଉପରେ ଭରସା କରିବାକୁ ପଡ଼ିଥାଏ।

ଏହି ଗାଁର ତଳିଆ ୱାର୍ଡ ହେଉଛି ୯ ନମ୍ବର ଓ ୧୦ ନମ୍ବର ୱାର୍ଡ। ସେଠାରେ ପ୍ରାୟତଃ ୨୦୦ରୁ ଊର୍ଦ୍ଧ୍ୱ ଦଳିତ ସମ୍ପ୍ରଦାୟର ଲୋକମାନଙ୍କ ବସବାସ କରିଥାନ୍ତି। ବର୍ଷା ଦିନରେ ଯେତେବେଳେ ସୁବର୍ଣ୍ଣରେଖାରେ ବନ୍ୟା ଆସେ ସେତେବେଳେ ସେମାନଙ୍କ ଜୀବନ ଜୀବିକା ସମ୍ପୂର୍ଣ୍ଣ ଠପ ହୋଇଯାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନଙ୍କୁ ବହୁ କଷ୍ଟ ହୋଇଥାଏ। ସମସ୍ତଙ୍କ ଘର ଭିତରକୁ ବନ୍ୟାଜଳ ପଶି ଯାଉଥିବାରୁ ପ୍ରାୟ



୫୦ ପରିବାରର ଲୋକମାନେ ପାଖରେ ଥିବା ସେବା ଆଶ୍ରମରେ ଆସି ଆଶ୍ରୟ ନେଇ ଥାନ୍ତି। ଏପରିକି ବନ୍ୟା ସମୟରେ ସମସ୍ତ ନଳକୂପ ବୁଡି ଯାଉଥିବାରୁ ବନ୍ୟା ପାଣି ପିଇ ଝାଡ଼ାବାନ୍ତି ଓ ହଇଜା ରୋଗରେ ଆକ୍ରାନ୍ତ ହୋଇଥାନ୍ତି। କୌଣସି ଲୋକ ଅସୁସ୍ଥ ହେଲେ ବହୁ ସମୟରେ ଡାକ୍ତର ପାଖରେ ପହଞ୍ଚିବା ଆଗରୁ ରୋଗୀଙ୍କ ମୃତ୍ୟୁ ହେବାର ନଜିର ରହିଛି। ସରକାର ବିଭିନ୍ନ ଯୋଜନା ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାକାର ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନଥିବା ଗ୍ରାମର ବିମଳ ଦଣ୍ଡପାଟ, ରମେଶ ଦଣ୍ଡପାଟ, ଅମୁଲ୍ୟ ଦଳେଇ, ଅମୁଲ୍ୟ ଦଣ୍ଡପାଟ, ବାବୁରାମ ଦଳେଇ, ଗଜେନ୍ଦ୍ର ଦଳେଇ ଆଦି ଅଭିଯୋଗ କରିଛନ୍ତି।

ସେମାନେ କହିଛନ୍ତି ଏହି ସମସ୍ୟା ଆଜିର ନୁହେଁ ବର୍ଷ ବର୍ଷ ଧରି ରହିଛି। ବନ୍ୟା ବେଳେ ନେତା ମନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନେ ଆସନ୍ତି, ଆଶ୍ୱାସନା ଦିଅନ୍ତି ଏବଂ ମୁଠେ ଅଧେ ରିଲିଫ ବାଣ୍ଟି ଦାୟିତ୍ୱ ଶେଷ କରିଦିଅନ୍ତି। ମାତ୍ର ଏଠାକାର ଲୋକ ମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବୀ ହୋଇଆସୁଥିବା ବନ୍ୟାର ସ୍ଥାୟୀ ପ୍ରତିକାର ପ୍ରତି କେହି ଦୃଷ୍ଟି ଦେଉନଥିବା ଲୋକେ କହିଛନ୍ତି। ବନ୍ୟା ପ୍ରତିବର୍ଷ ଆସିବ ତାକୁ କେହି ଅଟକାଇ ପାରିବ ନାହିଁ, ମାତ୍ର ବନ୍ୟା ଜଳ ନିଷ୍କାସନ ତୁରନ୍ତ କିପରି ନିଷ୍କାସନ ହୋଇପାରିବ ସେନେଇ ସରକାରଙ୍କ କୌଣସି ଯୋଜନା ନାହିଁ କିମ୍ବା ଏଥିପାଇଁ ଆନ୍ତରିକତା ନ ଥିବା କ୍ଷୋଭର ସହ ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

## ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ



ବାଲିଆପାଳ, ୬।୭ (ସମିସ): ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଆଜି ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି, ଅବକାଶ, ସକାଳ ଧୂପ ପ୍ରଭୃତି ପୂଜାପାଠ କରାଯାଇ ଶ୍ରୀ ଜୀଉ ମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇଥିଲା। ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଭିନ୍ନ ସୁନା ଅଳଙ୍କାରରେ ବିଭୂଷିତ କରାଯାଇଥିଲା। ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ବେଶ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଶହ ଶହ ଭକ୍ତ ମନ୍ଦିର ପରିସରରେ ଏହି ବେଶ ଦର୍ଶନ ପାଇଁ ଭିଡ ଜମାଇଥିଲେ। ଆସନ୍ତାକାଲି ଅଧରପଣା ଏବଂ ମଙ୍ଗଳବାର ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, କୁମାର କୌସ୍ତବ ପାଠୀ, ପୁଲୀନକାନ୍ତ ରଥ, ଲୋକନାଥ ପାଠୀ ପ୍ରମୁଖ ସେବାୟତମାନେ ସେବା କାର୍ଯ୍ୟ କରିଥିଲା ବେଳେ ମନ୍ଦିର ପରିଚାଳନା କମିଟିର ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ସାହୁ ପ୍ରମୁଖ ପରିଚାଳନା କରିଥଲେ।

## ବଳଦେବଜୀଉଙ୍କ ରୁପା ବେଶ

ସୋର, ୬।୭ (ସମିସ): କୁଶକ୍ଷେତ୍ର ଗୁଡରେ ପ୍ରଭୁ ଶ୍ରୀ ବଳଦେବ ଜୀଉଙ୍କ ରୁପା ବେଶ ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତିନିଦିନ ଧରି ବାହୁଡାଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଗତକାଲି ରଥ ଟଣାଯାଇ ଚନ୍ଦନ ପଡ଼ିଆ ନିକଟରେ ଅଟକିଥିଲା। ଆଜି ସକାଳେ ରଥାରୂଢ଼ ଥିବା ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସଠିକ ସମୟରେ ସମାପନ କରାଯାଇଥିଲା। ପରେ ପୂର୍ବାହ୍ଣ ୧୧.୩୦ରେ ଠାକୁରଙ୍କୁ ଏକ କେଜି ସୁନା ଓ ୨୫ କେଜି ରୁପାରେ ନିର୍ମିତ ମୁକୁଟ, ହାତ, ଶଙ୍ଖ, ହଳ, ଗଦା ଆଦିରେ ବେଶ କରାଯାଇଥିଲା। ଏହି ବେଶ ଅତ୍ୟନ୍ତ ମନୋହର ଥିଲା। ଏହି ରୁପା ବେଶ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗେମ ହୋଇଥିଲା। ପରେ ସଂଧ୍ୟା ୫.୩୦ରେ ରଥ ଟଣାଯାଇ ସୁଚନା କେନ୍ଦ୍ର ନିକଟରେ ରଥ ଅଟକିଥିଲା। ଆସନ୍ତା କାଲି ବିଭିନ୍ନ କାର୍ଯ୍ୟକ୍ରମ ପରେ ଶ୍ରୀଜୀଉଙ୍କ



ଅଧରପଣା କାର୍ଯ୍ୟ ଅନୁଷ୍ଠିତ ହେବ ଏବଂ ଶ୍ରୀ ଜୀଉ ନିଳାଦ୍ରୀ ବିଜେ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଜିଓବିପିର ପଞ୍ଚମ ପ୍ରତିଷ୍ଠା ଦିବସ



ଖନ୍ତାପଡ଼ା, ୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଓଳିଆପଟଣା ନିକଟରେ ଥିବା ଜିଓ ବିପି ପେଟ୍ରୋଲପମ୍ପର ପଞ୍ଚମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କେକ କାଟି ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବାଲେଶ୍ୱର ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଓବିପିର ଏରିଆ ମ୍ୟାନେଜର ରୋହିତ କୁମାର ଚାଟାର୍ଜୀ, ଜିଓବିପିର ପମ୍ପ ଅପରେଟର ବିଜୟ କୁମାର ସାହୁ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ନୀଳଗିରି, ୬।୭ (ସମିସ): ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ନୀଳଗିରି ମହୁରୀର ସଂଘର ସଦସ୍ୟ ହରେକୃଷ୍ଣ ଜେନା (୭୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇ ଯାଇଛି। ଚାଷଖଣ୍ଡ ଗ୍ରାମର ବାସ ଭବନରେ ଗତକାଲି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ଅପରାହ୍ନ ୩ ଘଟିକା ସମୟରେ ହୃଦଘାତରେ ପରଲୋକ ହୋଇଥିଲା। ଗ୍ରାମରେ ପାର୍ଥିବ ଶରୀର ପହଞ୍ଚିବା ପରେ ସିପିଆଇ ଜିଲ୍ଲା ସମ୍ପାଦକ ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସ୍ଥାନୀୟ ସରପଞ୍ଚ ଅଶୋକ ଜେନା, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି ଶେଷ ଦର୍ଶନ କରିଥିଲେ। ପରେ ଦଳର ଜିଲ୍ଲା ସମ୍ପାଦକ ଏବଂ ମହୁରୀର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପରିବାରକୁ ୨୦ ହଜାର ଅର୍ଥ ରାଶି ସହଧର୍ମିଣୀଙ୍କୁ ପ୍ରଦାନ କରିଥିଲେ। ତାଙ୍କ ସହ ଧର୍ମିଣୀ, ବଡ଼ପୁଅ ପୁଲିନ, ସାନପୁଅ ଲଲିନ ଜେନା, ପୁତ୍ରବଧୂ, ନାତି, ନାତୁଣୀ, ପରିବାର ବର୍ଗ, ଜ୍ଞାତି କୁଟୁମ୍ବ ଶବାଧାରରେ ଯାଇ ଥିବା ବେଳେ ଗ୍ରାମ ମଶାଣି ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁତ୍ର ଲଲିନ ମୁଖାଗ୍ନି ଦେଇଥିଲେ।

## ଅସହ୍ୟ ହେଲା ଶାଶୂଘରର ଲୋକଙ୍କ ନିର୍ଯାତନା

# ଓଢ଼ଣି ଲଗାଇ ଝୁଲି ପଡ଼ିଲା ବୋହୂ

ଭୋଗରାଇ, ୬।୭ (ସମିସ): ଅଧୁନା ସମାଜରେ ଝିଅ ମାନେ ସବୁ କ୍ଷେତ୍ରରେ ପୁଅ ମାନଙ୍କଠାରୁ ସମସ୍ତ କ୍ଷେତ୍ରରେ ଆଗୁଆ ରହୁଛନ୍ତି। ସରକାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ସଂଗଠନ ସ୍ତରରେ ନାରୀ ମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାତ୍ର ସମାଜରେ ଆଜି ବି ଝିଅମାନେ ଅଲୋଡ଼ା ହେଉଛନ୍ତି। କନ୍ୟା ଭ୍ରୁଣ ହତ୍ୟାକୁ ରୋକା ଯାଇପାରୁନି। ଘରର ବୋହୂ ଟେ ଯଦି ପୁତ୍ର ସନ୍ତାନ ଟିଏ ଦେଇପାରୁନି ତେବେ ବିଭିନ୍ନ ଗଞ୍ଜଣା, ନିର୍ଯାତନା ସହିବାକୁ ପଡୁଛି। ଏହି ଭଳି ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜୟରାମପୁର ଗ୍ରାମରେ ଆଜି ଜଣେ ମହିଳା ପୁତ୍ର ସନ୍ତାନଟିଏ ଜନ୍ମ ଦେଇପାରି ନ ଥିବାରୁ ଶ୍ୱଶୁର ଘର ଲୋକ ନିର୍ଯାତନା ସହ୍ୟ ନ କରିପାରି ଶେଷରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।



ଗ୍ରାମର ଅଜୟ ସାମଲଙ୍କ ଭଉଣୀ ସୁସ୍ମିତାଙ୍କୁ ଜଁଲା ଥାନା ଅନ୍ତର୍ଗତ ମଧୁପୁରା ଗ୍ରାମର ରାମଚନ୍ଦ୍ର ଘୋଷଙ୍କ ପୁଅ ପ୍ରଦୀପ ଘୋଷଙ୍କ ସହିତ ବୈଦିକ ରୀତିରେ ବିବାହ ଦିଆଯାଇଥିଲା। ବାହାଘର ଦୁଇବର୍ଷ ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ଚାଲିଥିଲା। ପରେ ସୁସ୍ମିତାଙ୍କ ଗର୍ଭରୁ କନ୍ୟା ସନ୍ତାନ ଜନ୍ମ ହେବା ପରେ ଉଭୟ ସ୍ୱାମୀ ପ୍ରଦୀପ, ଶ୍ୱଶୁର ରାମଚନ୍ଦ୍ର ଓ ଶାଶୂ ତୁଳସୀ ବୋହୂ ସୁସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ସହି ନ ପାରି ସୁସ୍ମିତା ବାପା ଘରକୁ ଚାଲିଆସିଥିଲେ। ଏ ନେଇ ଗ୍ରାମର ଭଦ୍ରବ୍ୟକ୍ତି ମାନଙ୍କୁ ବସାଇ ସୁସ୍ମିତାଙ୍କ ବାପ ଘର ଲୋକେ ତାଙ୍କୁ ଶ୍ୱଶୁର ଘରେ ଛାଡି ଦେଇଆସିଥିଲେ। ପୁଣି କିଛିଦିନ ପରେ ସୁସ୍ମିତାଙ୍କ ଦ୍ୱିତୀୟ ଗର୍ଭରେ କନ୍ୟା ସନ୍ତାନ ଜନ୍ମ ହେବାରୁ ସ୍ୱାମୀ ପ୍ରଦୀପ, ଶ୍ୱଶୁର ଓ ଶାଶୂ ସୁସ୍ମିତାଙ୍କୁ ଶାରୀରିକ ମାନସିକ ଯନ୍ତ୍ରଣା ଦେଇ ଘରୁ ବାହର କରିଦେଇଥିଲେ। ରାତି ଅଧିଆ ସୁସ୍ମିତା ୪ ଜୁଲାଇ ଶୁକ୍ରବାର ରାତି ୮ଟାରେ ବାପଘରେ ଏକା ପହଞ୍ଚି ଥିଲେ। ଭାଉଜ ଗାୟତ୍ରୀ ସାମଲ ବହୁ ବୁଝାସୁଝା କରିବା ପରେ ଶନିବାର ରାତିରେ ଖାଇପିଇ ଘରେ ଶୋଇ ଥିଲେ। ମାତ୍ର ସକାଳ ଉଠି ଦେଖିବାରୁ ସୁସ୍ମିତା ଘର ବାରଣ୍ଡାରେ ଥିବା ଫ୍ୟାନରେ ଓଢ଼ଣୀ ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ନେଇ ଭାଉଜ ଗାୟତ୍ରୀ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

# ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଗ୍ରାମରେ ଅସନ୍ତୋଷ



ପଞ୍ଚଲିଙ୍ଗେଶ୍ୱର, ୬।୭ (ସମିସ): ଔପଦା ବ୍ଲକ ଅଧିନ ତରତୁଆ ଟଏଟଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ ହିରଣ୍ୟମୟୀ ପଣ୍ଡାଙ୍କ ଅନ୍ୟତ୍ର ବଦଳି ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକ ରେ ତାଲା ପକାଇ ଫାଟକ ସାମନାରେ ଆନ୍ଦୋଳନରେ ବସିଥିଲେ। ଶିକ୍ଷୟତ୍ରୀଙ୍କୁ ପୁନର୍ବାର ବିଦ୍ୟାଳୟକୁ ନ ଫେରାଇଲେ ଧାରଣା ବଳବତ୍ତର ରହିବ ନ ହେଲେ ପିଲାମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇଯିବେ ବୋଲି ପ୍ରକାଶ କରିଥିଲେ। ତେବେ ଶିକ୍ଷୟତ୍ରୀ ହିରଣ୍ମୟୀ ପଣ୍ଡା ଜଣେ ଛାତ୍ର ବତ୍ସଳ, ଅନୁଷ୍ଠାନ ପ୍ରେମୀ ଏବଂ ଭଲ ଶିକ୍ଷା ଦାନ କରିବା ସହ ବିଦ୍ୟାଳୟ ର ଉନ୍ନତି କରଣ ରେ ବିଶେଷ ରୁଚି ରଖିଥିବା ଏକ କାରଣ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ତାଙ୍କ ବଦଳିରେ ବିଦ୍ୟାଳୟର ଅଧ୍ୟୟନରତ ୧୧୫ ଜଣ ଛାତ୍ରଛାତ୍ରୀ ଙ୍କ ଜୀବନ ଅନ୍ଧାର ରେ ବୋଲି ଗ୍ରାମବାସୀ ମାନେ ମତ ଦେଇଛନ୍ତି। ତାଙ୍କ ବଦଳି ଏକ ରାଜନୈତିକ ଦଳ ଆକ୍ରୋଶ ମୂଳକ ଭାବେ କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟ ପଟେ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିର୍ଦ୍ଦେଶରେ ବଦଳି ହୋଇଥିବା ବେଳେ ସେ ଏହାକୁ ସମ୍ମାନ ଦେବା ସହ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କ ଭଲପାଇବା ଓ ଶ୍ରଦ୍ଧା ସବୁବେଳେ ମନେ ରହିବ ବୋଲି ମତପ୍ରକାଶ କରିଛନ୍ତି।

## ପୁରାତନ ଛାତ୍ର ସଂସଦର ଶ୍ରଦ୍ଧାଞ୍ଜଳି ସଭା



ପଞ୍ଚଲିଙ୍ଗେଶ୍ୱର, ୬।୭ (ସମିସ): ନୀଳଗିରି ଉପଖଣ୍ଡ ସନ୍ତରାଗଡ଼ିଆ ନୋଡାଲ ହାଇସ୍କୁଲ ସଭାଗୃହରେ ପୁରାତନ ଛାତ୍ର ସଂସଦ ସନ୍ତରାଗଡ଼ିଆ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଦିବଙ୍ଗତ ପୁରାତନ ଛାତ୍ର ସାଥି ହାଡିବନ୍ଧୁ ଦଳାଇ, ରାଜେନ୍ଦ୍ର ମିଶ୍ର, କମଳାକାନ୍ତ ଜେନା, ରାଜୀବ ପାଣିଗ୍ରାହୀଙ୍କ ଦେହାନ୍ତ କିଛି ଦିନ ଭିତରେ ହୋଇଥିବା ବେଳେ ସ୍ୱର୍ଗତ ସାଥି ମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ଅମରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ, ଉପ ସଭାପତି ହିମାଂଶୁ ଶେଖର ସେନାପତି, କୋଷାଧକ୍ଷ ରାମକୃଷ୍ଣ ସ ମଞ୍ଚାସିନ ରହି ଦିବଂଗତ ସାଥି ମାନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିବା ବେଳେ ପୁରାତନ ଛାତ୍ର ବ୍ରଜକିଶୋର ଜେନା, ଜଗବନ୍ଧୁ ସ, ରତ୍ନାକର ବେହେରା, ଦେବେନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ରଣା, ଗଙ୍ଗାଧର ବେହେରା, ଅମୀୟ ପାଣିଗ୍ରାହୀ, କରୁଣାକର ରାଉଳ, ଅଲେଖ ଜେନା, କପିଳ ସାମଲ, ନିତ୍ୟାନନ୍ଦ ରାଉତ, ଉଦୟ ମହାନ୍ତି, ମନରଞ୍ଜନ ରାଉତ, ଭାଗିରଥି ସାହୁ, ସତ୍ୟନାରାୟଣ ପଣ୍ଡା, ହେମନ୍ତ କୁମାର ସାମଲ, ମାଧବ ଚନ୍ଦ୍ର ସ, ରମାକାନ୍ତ ପାଢ଼ୀ, ନିହାର ରଞ୍ଜନ ଜେନା ପ୍ରମୁଖ ପୁରାତନ ଛାତ୍ର ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ସାଥି ମାନଙ୍କ ବିୟୋଗ ରେ ଛାତ୍ର ସଂସଦକୁ ଅପୂରଣୀୟ କ୍ଷତି ହୋଇଥିବା କହି ଦୁଃଖ ପ୍ରକାଶ କରିଥିଲେ।

## ନୀଳଗିରି ବିଧାୟକଙ୍କ ନାଁରେ ସୋର ଥାନାରେ ଅଭିଯୋଗ




ସୋର, ୬।୭ (ସମିସ): ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ସୋର ବ୍ଲକ ବିଜୁ ମହିଳା ଜନତା ଦଳ ତରଫରୁ ସୋର ଥାନାରେ ଥାନାଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଜୁ ଜନତା ଦଳର ମହିଳା ସଭାପତି ପୁଷ୍ପଲତା ଜେନାଙ୍କ ନେତୃତ୍ୱରେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୟା ମଲିକ, ବାଳଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଉଳବାଳା ନାଥ, ସବିରା ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଅପରାଜିତା ମହାନ୍ତି, ନଟାପଡ଼ା ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଅନୁପମା ଜେନା, ସୁଚରିତା କର, ସ୍ୱାତି ଭୋଳ, ଆରତୀ ପଲେଇ, ମଧୁସୂଦନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମାଳତୀ ଜେନା, ମଧୁସୂଦନପୁର ସମିତି ସଭ୍ୟା ସରୋଜିନୀ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଖଟୁଆଙ୍କୁ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା କର୍ମୀ ଏଥିରେ ଯୋଗ ଦେଇଥିଲେ।

# ଉଦୟପୁର ବେଳାଭୂମି ପାଲଟିଛି ନିଶା ସାମ୍ରାଜ୍ୟର ଭୂସ୍ୱର୍ଗ

ଭୋଗରାଇ, ୬।୭ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ବାଲୁକା ବିସ୍ତୀର୍ଣ୍ଣ ମନୋରମ ଉଦୟପୁର ବେଳାଭୂମି ନିଶା ସାମ୍ରାଜ୍ୟର ଭୂସ୍ୱର୍ଗ ପାଲଟିଛି। ଏହି ମନଲୋଭା ବେଳାଭୂମିକୁ ପ୍ରତ୍ୟେକ ଦିନ ଦେଶବିଦେଶରୁ ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସୁଥିବା ବେଳେ ନିଶା ସାମ୍ରାଜ୍ୟର ଭୂସ୍ୱର୍ଗ କୁହାଯାଉଥିବା

**● ପୁଲିସ ଜାଣି ଅଜଣା**

ଉଦୟପୁର ବେଳାଭୂମିରେ ବେଆଇନ ମଦ, ଗଞ୍ଜେଇ, ବ୍ରାଉନ ସୁଗାର, ଚରସ ଆଦି ନିଶା ପର୍ଯ୍ୟଟକଙ୍କୁ ମୃତ୍ୟୁମୁହଁକୁ ଠେଲି ଦେଉଛି। ପର୍ଯ୍ୟଟକମାନେ ଉଦୟପୁର ବେଳାଭୂମିକୁ ବୁଲିବାକୁ ଆସୁଥିବା ବେଳେ ବେଳାଭୂମିରେ ବ୍ୟବସାୟ କରୁଥିବା ଉଠା ଦୋକାନୀ ଓ ଦଲାଲ ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଶା ଓ ଦେହଜୀବୀ ଯୋଗାଇ ଦେଇ ଆର୍ଥିକ ଶୋଷଣ କରିବା ସହିତ ପର୍ଯ୍ୟଟକମାନେ ନିଶା ସେବନ କରି ସମୁଦ୍ରରେ



ଗାଧୋଇବା ବେଳେ ପାଣିରେ ବୁଡ଼ି ଜୀବନ ହାରୁଛନ୍ତି। ରବିବାର ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର ୮ ଜଣ ଯୁବକ ଉପରଓଳି ପ୍ରାୟ ୩ଟା ସମୟରେ ଉଦୟପୁର ବେଳାଭୂମିରେ ମଦ୍ୟପାନ କରି ସମୁଦ୍ରରେ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅପରାହ୍ନ ୫ଟା ସମୟରେ ପଶ୍ଚିମବଙ୍ଗର ୫ଜଣ ଯୁବକ/ଯୁବତୀ ସ୍ନାନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଭାସି ଯାଇଥିଲେ। ୪ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି।

ସୂଚନା ମୁତାବକ, ଉଦୟପୁର ବେଳାଭୂମିରେ ମାଛ, କଙ୍କଡ଼ା, ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ପର୍ଯ୍ୟଟକ ମାନଙ୍କୁ ବେଳାଭୂମିରେ ମାଛ, କଙ୍କଡ଼ା ସହିତ ନିଶା ସାମଗ୍ରୀ ଯୋଗାଇ ଆସୁଛନ୍ତି। ପାଖରେ ତାଳସାରି ସାମୁଦ୍ରିକ ଥାନା ପୋଲିସ ଥିଲେ ହେଁ ଏଥିପ୍ରତି ତାଙ୍କର ଦୃଷ୍ଟି କି ପର୍ଯ୍ୟଟକଙ୍କୁ ସଚେତନ କରିବା ଦିଗରେ କୌଣସି ପଦକ୍ଷେପ ନାହିଁ କିମ୍ବା ପର୍ଯ୍ୟଟକ ମୃତ୍ୟୁ ନେଇ କୌଣସି ଖବର ମଧ ନାହିଁ। ଅପରପକ୍ଷରେ ତାଳସାରି ସାମୁଦ୍ରିକ ଥାନାର କେତେକ ତଳିଆ କର୍ମଚାରୀ ପର୍ଯ୍ୟଟକଙ୍କୁ ମଦ, ଗଞ୍ଜେଇ ଆଦି ନିଶା ସାମଗ୍ରୀ ଯୋଗାଇ ଦେଉଥିବା ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ଏପଟେ ମଦ ଗଞ୍ଜେଇ ନିଶା ସେବନ କରି ସମୁଦ୍ରରେ ସ୍ନାନ କଲାବେଳେ ପର୍ଯ୍ୟଟକ ପାଣିରେ ବୁଡ଼ି ମୃତ୍ୟୁବରଣ କଲାବେଳେ ପର୍ଯ୍ୟଟକଙ୍କ ପ୍ରତି ପୋଲିସର ନିଘା ମଧ୍ୟ ନାହିଁ। ଫଳରେ ଦୋକାନୀ ମାନେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମିରେ ଚେୟାର ଟେବୁଲ୍ ପକାଇ ପର୍ଯ୍ୟଟକଙ୍କୁ ବସାଇ ବିଭିନ୍ନ ନିଶା ସାମଗ୍ରୀ ଓ ମାଛ, କଙ୍କଡ଼ା ତରକାରୀ ଖାଇବାକୁ ଦେଉଛନ୍ତି। କେବଳ ଏତିକି ନୁହେଁ, ବେଳାଭୂମିରେ ଦେହଜୀବୀଙ୍କୁ ଆଣି ଖୋଲାଖୋଲି ଦେହ ବ୍ୟବସାୟ କାର୍ଯ୍ୟରେ ଲଗେଇବା, ଅର୍ଦ୍ଧ ଉଲଗ୍ନ ନୃତ୍ୟ ପରିବେଷଣ କରି ପର୍ଯ୍ୟଟକଙ୍କୁ ମତୁଆଲା କରିବା ଆଦି ଅସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଫଳ ଶୂନ। ଏଥିପ୍ରତି ରାଜ୍ୟ ସରକାର ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଦୁଇ ଘଣ୍ଟା ବର୍ଷାରେ ସହର ଜଳାର୍ଣ୍ଣବ



ବାଲେଶ୍ୱର, ୬।୭(ସମିସ): ଆଜି ଅପରାହ୍ନରେ ଦୁଇ ଘଣ୍ଟା ବର୍ଷାରେ ବାଲେଶ୍ୱର ସହର ବେହୋଲ ହୋଇଯାଇଛି। ପ୍ରବଳ ବର୍ଷା ଯୋଗଁ ପାଣି ରାସ୍ତାରେ ଲହଡି ଭାଙ୍ଗୁଥିବା ବେଳେ ସହରରେ ଏକ ପ୍ରକାର କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ବାଲେଶ୍ୱର ସହରର ଅରଡବଜାର, ବାମପଦା ଛକ ସମେତ ଗୋପାଳଗାଁ, କଂଗ୍ରେସ ଗଳି, ପଦ୍ମୁଆଁପଦା ଛକ, ନଳମଗଞ୍ଜ ଆଦି ବିଭିନ୍ନ ସ୍ଥାନରେ ରାସ୍ତାରେ ପାଣି ଲହଡି ଭାଙ୍ଗୁଛି। ଏହାଛଡା ଡ୍ରେନ ସମସ୍ୟା ପାଇଁ ବର୍ଷା ପାଣି ରାସ୍ତା ଉପରେ ଲହଡି ମାରୁଛି। ଡ୍ରେନରୁ ସବୁ ଅଳିଆ ଆବର୍ଜନା ରାସ୍ତାକୁ ପଳାଇ ଆସିଥିବାରୁ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

### ସୁବର୍ଣ୍ଣରେଖା ଓ ଜଳକା ବନ୍ୟାର ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ

# ୩୭୨ ହେକ୍ଟର ଉଦ୍ୟାନ କୃଷି ନଷ୍ଟ

ବାଲେଶ୍ୱର, ୬।୭(ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷା ଗତ ସପ୍ତାହରେ ଲାଗି ରହିଥିଲା। ଜିଲ୍ଲାରେ ପାଖାପାଖି ୪ଦିନ ଲଗାଣ ବର୍ଷା ଜାରି ରହିଥିଲା। ଏହି ଲଗାଣ ବର୍ଷା ଫଳରେ ଜିଲ୍ଲାରେ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା, ଜଳକା ଏବଂ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଏହା ଫଳରେ ଜଳକା ଏବଂ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ଉପୁଜିଥିଲା। ଏହାଛଡା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇବା କାରଣରୁ ସଦର ଓ ରେମୁଣା ବ୍ଲକର ବିଭିନ୍ନ ଅଞ୍ଚଳରେ ପଣିପଶିଥିଲା। ବିଶେଷ ଭାବେ ଜଳକା ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଫଳରେ ଜିଲ୍ଲାର ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଯାହାଫଳରେ ଉଦ୍ୟାନ କୃଷି, ଚାଷ ସମେତ ଝୋଟ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଯାହାର ପ୍ରାଥମିକ ରିପୋର୍ଟ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ମିଳିଛି।

ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବନ୍ୟା ପାଣି ସମ୍ପୂର୍ଣ୍ଣ ଭାବେ ଛାଡି ନଥିବା ବେଳେ କିଛି ମାତ୍ରାରେ ପାଣି ଖସିବା ପରେ ପ୍ରାଥମିକ ସ୍ତରରେ କ୍ଷୟକ୍ଷତିର ରିପୋର୍ଟ କରାଯାଇଛି। ସମ୍ପୂର୍ଣ୍ଣ ଭାବେ ପାଣି ଛାଡିବା ପରେ ଏହାର ପୂର୍ଣ୍ଣାଙ୍ଗ ରିପୋର୍ଟ ମିଳିବ। ହେଲେ ଏହାରି ମଧ୍ୟରେ ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକରେ ଚାଷ ସାଙ୍ଗକୁ

**● ୩୫ହଜାରରୁ ଅଧିକ ଲୋକେ ପ୍ରଭାବିତ, ୪ ମୃତ**

ଧାନତଳି ମଧ୍ୟ ନଷ୍ଟ ହୋଇଛି। ବିଶେଷ କରି ଏହି ଚାରୋଟି ବ୍ଲକରେ ୩୭୨ହେକ୍ଟର ଉଦ୍ୟାନ କୃଷି ଚାଷ ନଷ୍ଟ ହୋଇଥିବା ବେଳେ ୨୯୮ ଏକରରେ ହୋଇଥିବା ଝୋଟ ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ବନ୍ୟା ପାଣି ଏହ ଝୋଟ ଚାଷ ଉପରେ ମାଡିଯିବା ଫଳରେ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହାଛଡ଼ା ତଳିଧାନରେ ପାଣି ବୁଡି ରହିଥିବା ବେଳେ କେତେ ପରିମାଣରେ ତାହା ନଷ୍ଟ ହୋଇଛି ତା'ର ବର୍ତ୍ତମାନ ସୁଦ୍ଧା ଆକଳନ ହୋଇପାରି ନାହିଁ। ସମ୍ପୂର୍ଣ୍ଣ ଭାବେ ପାଣି ଛାଡିଲେ ତାର ଆକଳନ ହୋଇପାରିବ ବୋଲି ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନା କହିଛନ୍ତି। ଏହାଛଡା ସେ କହିଛନ୍ତି ଯେ, ଚଳିତ ବନ୍ୟା ଓ ସୁବର୍ଣ୍ଣରେଖା ନଦୀରେ ପ୍ରଥମଥର ହୋଇଥିବା ବନ୍ୟାରେ ୨୧ଟି ଘର ଭାଙ୍ଗିଥିବା ବେଳେ ୩୫ଟି ଗୁହାଳ ଘର ମଧ୍ୟ ଭାଙ୍ଗିଥିଲା। ଏହାଛଡା ଚଳିତ ବନ୍ୟାରେ ଏହି ଚାରୋଟି ବ୍ଲକରେ ୪୩ଟି ପଞ୍ଚାୟତର ୧୫୪ଟି ଗାଁ ଏଥିରେ ପ୍ରଭାବିତ ହୋଇଥିଲା। ଏଥିରେ ୩୫ହଜାର୧୪୫ଜଣ ଲୋକେ ମଧ୍ୟ ପ୍ରଭାବିତ ହୋଇଥିବା ବେଳେ ବାଲିଆପାଳ, ସଦର ଏବଂ ବସ୍ତା ବ୍ଲକରେ ବନ୍ୟାରେ ତିନି ଜଣ ଲୋକ ଭାସିଯିବା ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଭୋଗରାଇ ବ୍ଲକରେ ବନ୍ୟା ପାଣିରେ ସାପ କାମୁଡାରେ ଜରେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଏହାଛଡା ଆଜି ପର୍ଯ୍ୟନ୍ତ ମଧ୍ୟ ବନ୍ୟା ଜଳ ସମ୍ପୂର୍ଣ୍ଣ ଭାବେ ଛାଡି ନଥିବା ବେଳେ ପାଖାପାଖି ୭ଟି ପଞ୍ଚାୟତ ଏବେ ବି ପାଣି ଘେରରେ ରହିଛି। ବିଶେଷ କରି ଏହି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିରେ ବର୍ତ୍ତମାନ ପର୍ଯ୍ୟନ୍ତ ୬ଟି ମେଡିକାଲ ଟିମ ନିୟୋଜିତ ରହିଥିବା ବେଳେ ଲୋକମାନଙ୍କୁ ମଧ୍ୟ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ବୋଲି କହିଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବା ଫଳରେ ଲୋକେ ବହୁମାତ୍ରାରେ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ଚାଷ ମଧ୍ୟ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହାଛଡା ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ହେବା ଫଳରେ ରେମୁଣା ଓ ସଦର ବ୍ଲକରେ ମଧ୍ୟ ତଳିଧାନ ନଷ୍ଟ ହେବା ସହ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ଏ ନେଇ ଜିଲ୍ଲା ଜରୁରୀ ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ ଜାରି ରହିଛି। ପାଣି ଛାଡିବା ପରେ ସମ୍ପୂର୍ଣ୍ଣ ଭାବେ କ୍ଷୟକ୍ଷତି କରାଯିବ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ସଠିକ ଭାବେ ରିଲିଫ ସହ ଔଷଧ ଯୋଗାଯାଉଛି ବୋଲି କହିଛନ୍ତି।

## ୯ ରେ ଦେଶବ୍ୟାପୀ ଧର୍ମଘଟ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୬।୭(ସମିସ): ଆସନ୍ତା ୯ତାରିଖ ବୁଧବାର ଦିନ ସର୍ବଭାରତୀୟ ଧର୍ମଘଟକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କର ମିଳିତ ଶେଷ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଟିୟୁସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ଆବାହକ ତଥା ଟିୟୁସିସିର ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ଆନ୍ଦୋଳନର ୧୭ଦଫା ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ୪ଟି ଶ୍ରମକୋର୍ଡ଼ ବାତିଲ କରିବା, ଜାତୀୟ ଶ୍ରମ ସମ୍ମିଳନୀ ତୁରନ୍ତ କରାଇବା, ସ୍କିମ ୱାର୍କରର୍ସଙ୍କୁ ଶ୍ରମିକ ମାନ୍ୟତା, ଘରୋଇକରଣ ବନ୍ଦ କରିବା, ସର୍ବନିମ୍ନ ମଜୁରୀ ମାସିକ୨୬ ହଜାର ଟଙ୍କା ପ୍ରଦାନ, ଦରଦାମ ବୃଦ୍ଧି ବନ୍ଦ କରିବା, ପୁରୁଣା ପେନସନ ଲାଗୁକରିବା, ସର୍ବନିମ୍ନ ଇପିଏଫ ପେନସନ ମାସିକ ୯ହଜାର ଟଙ୍କା ଓ ଶିକ୍ଷକ, ଛାତ୍ର, ମହିଳାମାନଙ୍କର ବିଭିନ୍ନ ଦାବିକୁ ଶ୍ରୀ ପାଣିଗ୍ରାହୀ ବୈଠକରେ ଉପସ୍ଥାପିତ କରିଥିଲେ। ଟିୟୁସିସିର ଉପାଧ୍ୟକ୍ଷ ଶାନ୍ତନୁ ଦାସ ଏହି ଧର୍ମଘଟକୁ ସମସ୍ତ ବାମପନ୍ଥୀ ଦଳ ଓ କେତେକ ବିରୋଧୀ ଦଳ ସମର୍ଥନ ଜଣାଇଥିବାର ପ୍ରକାଶ କରିଥିଲେ। ଆସନ୍ତା ୯ତାରିଖ ଦିନ ବାଲେଶ୍ୱରରେ ରେଳ, ବସ, ଟ୍ରକ, ଅଟୋରିକସା ଓ ସମସ୍ତ ପ୍ରକାର ଯାନବାହନ ଚଳାଚଳ ବନ୍ଦ ରହିବା ସହ କୋର୍ଟ କଚେରୀ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ହାଟବଜାର ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ସମଗ୍ର ଜିଲ୍ଲାରେ ପାଳନ କରାଯିବ। ବ୍ୟାଙ୍କ, ବୀମା, ପ୍ରତିରକ୍ଷା, ବିଦ୍ୟୁତ, ଉଠା ଜଳସେଚନ, ପରିବହନ, ଡାକ, ବିଭିନ୍ନ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନର ଶ୍ରମିକ ସଂଗଠନ ପକ୍ଷରୁ ଜଗଦୀଶ ବାରିକ, ପ୍ରଦୀପ ବେହେରା, ଅରୁଣ ଜେନା, ରସାନନ୍ଦ ଦାସ, ନିରଞ୍ଜନ ରାଉତ, ସୁଦର୍ଶନ ଜେନା, ଭରତ ଚନ୍ଦ୍ର ସେଠୀ, ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରେମରଞ୍ଜନ ପାତ୍ର ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ୨୮ ନମ୍ବର ୱାର୍ଡରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ବାଲେଶ୍ୱର, ୬।୭(ସମିସ): ବାଲେଶ୍ୱର ପୌରପାଳିକାର ୨୮ ନଂ ୱାର୍ଡରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏମଆରବି ଫଣ୍ଡ ଅନୁଦାନରେ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଦରଜୀ ପୋଖରୀ ନିକଟ ଗୟା ପ୍ରସାଦ ଜେନାଙ୍କ ଘର ଠାରୁ ଖିଲାର ବାବୁଙ୍କ ଘର ପର୍ଯ୍ୟନ୍ତ ରାସ୍ତା, ନାଳ ଓ ସ୍ଲାବ ନିର୍ମାଣ କାର୍ଯ୍ୟର ଶୁଭ ଦିଆଯାଇଥିଲା। ସେହିପରି ସ୍ଥାନୀୟ ଗୋପାଳଗାଁର ବୁଦ୍ଧ ବିହାର ଠାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦାବି ଓ ଆଗ୍ରହକୁ ଦୃଷ୍ଟିରେ ରଖି ପୌରପାଳିକାର ଏମଆରବି ଫଣ୍ଡ ଅନୁଦାନରୁ୧୫ଲକ୍ଷ ୯୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଲାଲବବାହାଦୁର ଶାସ୍ତ୍ରୀ ମାର୍ଗ ଠାରୁ ପମ୍ପ ହାଉସ ଦେଇ ସୁଧାଂଶୁ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ ପେଭର ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଶିଳାନ୍ୟାସ ହୋଇଥିଲା। କାଉନସିଲର ଗୌରୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରଧାକ୍ଷା ସବିତା ସାହୁ, ପୌର ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ କାଉନସିଲର ଜୟ ପ୍ରକାଶ ଦାଶ, ଉପେନ୍ଦ୍ର ଶତପଥୀ, ବରିଷ୍ଠ ନେତା ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ରାଜେନ୍ଦ୍ର ଚାଟର୍ଜୀ, ପର୍ଶୁରାମ ମହାନ୍ତି, ଧୀରଜ ମହାନ୍ତି, ଅତୁଲ ଖଟୁଆ, ସସ୍ମିତା ଶୁକ୍ଳ ପ୍ରମୁଖ ଉପସ୍ଥିତ

## ଉତ୍କଳ ଯୋଗ ଓ ବୈଦିକ ଏକାଡେମୀର ଯୋଗ କର୍ମଶାଳା



ବାଲେଶ୍ୱର, ୬।୭(ସମିସ): ଯୋଗର ପ୍ରଚାର ପ୍ରସାର ଓ ପ୍ରଶିକ୍ଷଣ ପାଇଁ ଉତ୍କଳ ଯୋଗ ଓ ବୈଦିକ ଏକାଡେମୀର ଏକ ଯୋଗ କର୍ମଶାଳା ଏକାଡେମିର ସଭାପତି ଗୋବର୍ଦ୍ଧନ ସାହୁଙ୍କ ଅଧ୍ୟକ୍ଷତାରେ ଖନ୍ତାପଡ଼ା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ କର୍ମଶାଳାରେ ବରିଷ୍ଠ ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ, ଦିବ୍ୟରଞ୍ଜନ ମହାନ୍ତି, ମମତା ସାହାଣୀ, ଅଧ୍ୟକ୍ଷ ପୀତାମ୍ବର ଦାସ, ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରସାଲପୁର ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ସାହୁ, ଶିକ୍ଷକ ଅଶୋକ କୁମାର ନାୟକ, ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ଯୋଗର ଡିପ୍ଲୋମା, ପିଜି ଡିପ୍ଲୋମା, ଏମଏ ଇନ ଯୋଗର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୬।୭ (ସମିସ): ଆସନ୍ତା ଏଗାର ତାରିଖ ବିରୋଧୀ ଦଳର ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତକୁ ସଫଳ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ସଂଯୋଜକ ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକର ପୂର୍ବତନ ସଭାପତିଙ୍କ ସମେତ ନିର୍ବାଚନ ମଣ୍ଡଳୀ ନେତୃତ୍ୱ ଓ ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇ ବାଲେଶ୍ୱର ଜିଲ୍ଲାରୁ ଚାରି ହଜାର ରୁ ଅଧିକ କର୍ମୀ ଏହି ସମ୍ବିଧାନ ବଞ୍ଚାଅ ସମାବେଶ ରେ ଯୋଗ ଦେବାର ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ପ୍ରଭାରୀ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ, ସୁଦର୍ଶନ ଜେନା, ଭୋଗରାଇ ନେତା ସତ୍ୟ ଶିବ ଦାସ, ସଦର ଯୁବ ନେତା ସରୋଜ ଲେଙ୍କା, ସୋର ନେତା ସୁବ୍ରତ ଧଡା, ସିମୁଳିଆ ନେତା ହିମାଂଶୁ ବେହେରା, ରାଜ୍ୟ ବ୍ୟବସାୟ କଂଗ୍ରେସ ସଭାପତି ଯୋଗେଶ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଦେଇଥିଲେ।

## ବିବିସିଏ ପକ୍ଷରୁ ଗୌଡ଼ପଦାରେ ଚାରାରୋପଣ

ବାଲେଶ୍ୱର, ୬।୭ (ସମିସ): ଆଜି ବଡକିଆ ବାଙ୍କେଶ୍ୱର କ୍ରିକେଟ ଆସୋସିଏସନର କର୍ମ କର୍ତ୍ତା ଓ ସଦସ୍ୟମାନେ ଗୌଡ଼ ପଦା ପଡ଼ିଆରେ ଚାରାରୋପଣ କରିଛନ୍ତି। ପଦ୍ମପୁର ପଞ୍ଚାୟତର ଗୌଡ଼ପଦା ଗାଁର ଯୁବକ ମାନେ ବଡ଼କିଆ ବାଙ୍କେଶ୍ୱର କ୍ରିକେଟ ଆସୋସିଏସନ ଗଠନ କରି ଗ୍ରାମ୍ୟ କ୍ରିକେଟ ଓ ଅନ୍ୟାନ୍ୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିଆସୁଛନ୍ତି। ଯୁବକ ମାନେ ଚଳିତ ବର୍ଷ ଠାରୁ ଗାଁ ରେ ଚାରାରୋପଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ସତ୍ୟ ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କ୍ଲବର ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ସରୋଜ ଚନ୍ଦ୍ର ପାତ୍ର ଓ ସମସ୍ତ ସଦସ୍ୟ ଯୋଗ ଦେଇ ଅଶିରୁ ଅଧିକ ମୂଲ୍ୟବାନ ଚାରା ରୋପଣ କରି ତାର ବାଡ଼ ଖଞ୍ଜି ଥିଲେ।



## ବ୍ୟାସକବି ନଗରରେ ବାହୁଡ଼ା ଯାତ୍ରା



ବାଲେଶ୍ୱର, ୬।୭(ସମିସ): ଶ୍ରୀଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ାଯାତ୍ରା ସହଦେବଖୁଣ୍ଟା ସ୍ଥିତ ବ୍ୟାସକବି ନଗରରେ ଅନୁଷ୍ଠିତ ହୋଇଯାଇଛି। ଗୋଶାଳାସ୍ଥିତ ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ଗତ ମାସ ୨୭ତାରିଖ ଦିନ ପବିତ୍ର ରଥଯାତ୍ରା ଅବସରରେ ବ୍ୟାସକବି ନଗରସ୍ଥିତ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର ପରିସରରେ ନିର୍ମିତ ମାଉସୀ ମା' ମନ୍ଦିରକୁ ବିଜେ କରିଥିଲେ। ଦୀର୍ଘ ନବଦିନ ବ୍ୟାପି ଲୀଳା ସମ୍ପନ୍ନ କରି ଶନିବାର ଅପରାହ୍ନରେ ଶ୍ରୀମନ୍ଦିରକୁ ଯାତ୍ରା କରିଥିଲେ। ସ୍ଥାନୀୟ ଅଧିବାସୀ ଓ ଶହଶହ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ଛେନାପୋଡ଼ ଭୋଗ ଲାଗୁ ପରେ ଶ୍ରଦ୍ଧାଳୁମାନଙ୍କୁ ତାହା ବଣ୍ଟନ କରାଯାଇଥିଲା। ମହାପ୍ରଭୁଙ୍କର ନବଦିନ ଯାତ୍ରା ମହାସମାରୋହରେ ପାଳନ ପାଇଁ ସହଯୋଗ କରିଥିବା ଭକ୍ତମାନଙ୍କୁ ବ୍ୟାସକବି ନଗର ବିକାଶ ପରିଷଦ ଓ ରୟାଲ କମ୍ୟୁନିଟି ସେଂଟର ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ରଥ ବାହୁଡା ଉଦ୍‌ଯାପିତ

ବାଲେଶ୍ୱର, ୬।୭(ସମିସ)




ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଉଦଯାପନୀ ଉତ୍ସବ ଡା ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରଥରୁ ବାହୁଡ଼ା ପର୍ଯ୍ୟନ୍ତ ନଅଦିନ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ନୂତନ ଅନୁଭୂତି ପ୍ରଦାନ କରିବା ସହିତ ସମସ୍ତଙ୍କ ସହିତ ସାରସ୍ୱତ ସମ୍ପର୍କ ଯୋଡିବାରେ ସକ୍ଷମ ହୋଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ବକ୍ତାଭାବରେ ଯୋଗଦେଇ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଇଞ୍ଜିନିୟର ଲକ୍ଷ୍ମୀକାନ୍ତ ମହାନ୍ତି ଓ ବରିଷ୍ଠ ସାହିତ୍ୟିକ ଶିରୀଶ ଚନ୍ଦ୍ର ଜେନା ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ଚେତନା ସମୃଦ୍ଧ କରିଛି ବୋଲି କହିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ଉନ୍ନତି ପାଇଁ ଭାଷା ବିକାଶ ଆନ୍ଦୋଳନ କାର୍ଯ୍ୟ କରୁଥିବାରୁ ଆନନ୍ଦ ପ୍ରକାଶ କରୁଥିଲେ। ଏହି ଅବସରରେ ଯୁଗରତା ମହାନ୍ତି, ଜାଗୃତି ରଣା, କାଶ୍ୟପୀ ଦାସ, ଅଙ୍କିତା ଦିଣ୍ଡା, ତସ୍ମେଶ୍ରୀ, ଭାଗ୍ୟଲିପି ସିଂହ, ଅଶ୍ଳେଷା ଓଜସ୍ୱୀ ସାମନ୍ତ, ଗୌତମୀ ଦାସ, ମନସ୍ୱିନୀ, ଭିଏନାବି ଗିରି, ବିଦ୍ୟା ଆମ୍ରଲିପି ମଲ୍ଲିକ, ପଙ୍କଜ ବେହେରା, ଗାୟତ୍ରୀମୟୀ ବେହେରା, ଅଲିଭା ମଲ୍ଲିକ, କ୍ରିଷ୍ଣାରାଣୀ ବେହେରା, ପୀୟୁଷ ପାଲ, ଦିଶିତା ଦିଣ୍ଡା ଆଦି କୁନି ଚିତ୍ରଶିଳ୍ପୀମାନେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ଶତପଥୀ, ଅର୍ଚ୍ଚନା କର ଓ ପୁଷ୍ପଲତା ଚକ୍ରବର୍ତ୍ତୀ ପ୍ରାରମ୍ଭରେ 'ଆହେ ପ୍ରଭୁ କଳା ଶ୍ରୀମୁଖ' ସଙ୍ଗୀତ ପରିବେଷଣ କରିଥିଲେ ଓ ସେସବୁକୁ ସଂଯୋଜନା କରିଥିଲେ ତପନ ରାୟ। ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଷ୍ଟମ ଦିବସରେ ଡ. କୁମାର ଗୋପାଳ ଓ ସାଥୀମାନେ ଜଗନ୍ନାଥଙ୍କ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ମହାନ୍ତି, ପୀତାମ୍ବର ଦାସ, ସଞ୍ଜୟ କୁମାର ପଣ୍ଡା, ବିଦ୍ୟାଧର ସାହୁ, ମହେନ୍ଦ୍ର ପୁଥାଳ, ମଧୁମିତା ଦିଣ୍ଡା, ଶରତ କୁମାର ମହାପାତ୍ର, ନିରଞ୍ଜନ ରାଉତ, ଲକ୍ଷ୍ମୀମଣି ମଲ୍ଲିକ, କୃଷ୍ଣା ପ୍ରଧାନ, ଡ ହେମମାଳା ଦାଶ, ଦୀପକ କୁମାର ଦାସ, ପ୍ରଦୀପ କୁମାର ଚାଟାର୍ଜୀ, ଲକ୍ଷ୍ମୀକାନ୍ତ ବେହେରା, ଲମ୍ବୋଦର ନାୟକ, ପ୍ରଫୁଲ୍ଲ କୁମାର ଦାସ, ଜ୍ଞମର ନାଥ ପାତ୍ର, ମଧୁସୂଦନ ମାଝୀ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ପ୍ରଭାକର ସାହୁ ଆଦି ବହୁ ଜଗନ୍ନାଥ ପ୍ରେମୀ ଅଂଶ ଗ୍ରହଣ କରିଥିଲେ।

## ଗୁମ୍ ଆଖଡ଼ାରେ ସାମିଲ ହେଲେ ୧୧ଟି ଦଳ



ବାଲେଶ୍ୱର, ୬।୭ (ସମିସ): ୭ତାରିଖ ମହରମ ପର୍ବ ପୂର୍ବରୁ ବାଲେଶ୍ୱରରେ ଗୁମ୍ ଆଖଡ଼ା ଶାନ୍ତି ଶୃଙ୍ଖଳା ମଧ୍ୟରେ ସମାପ୍ତ ହୋଇଯାଇଛି। ଶନିବାର ରାତି ୧୦ ଟାରୁ ବିଭିନ୍ନ ସାହି ବସ୍ତିରୁ ଆଖାଡ଼ା ଦଳ ବାହାରି ଗୋଲାପୋଖରୀ ବାଟ ହୋଇ ଦରଘା ମଇଦାନରେ ପହଞ୍ଚିଥିଲେ। ମୋଟ ୧୧ଟି ଆଖଡ଼ା ଦଳ ସାମିଲ ହୋଇଥିଲେ। ବାହୁଡ଼ା ଯାତ୍ରା ପାଇଁ କେତେକ ଆଖଡ଼ାର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ୧, ୬, ୯, ୮, ୧୩ ନମ୍ବର ଆଖାଡ଼ା ଦଳ ଗୁଡ଼ିକ ଚୌକ୍ ବଜାର ବାଟ ଦେଇ ଦରଘା ମଇଦାନରେ ପହଞ୍ଚିଥିବାବେଳେ ୫, ୨, ୩, ୭, ୧୨, ୪ ନମ୍ବର ଆଖାଡ଼ା ଦଳ ଗୋଲାପୋଖରୀ ହୋଇ ଦରଘା ମଇଦାନରେ ପହଞ୍ଚିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଖେଳାଳୀ ମାନେ ଅନେକ କିସମର ଆଖାଡ଼ା ଖେଳ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବାକୁ ହଜାର ହଜାର ଲୋକେ ଭିଡ଼ ଜମାଇଥିବା ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ବାଲେଶ୍ୱର ଏସପି ରାଜ୍ ପ୍ରସାଦ ରାତି ତମାମ୍ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଥିଲେ। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଗାୟତ୍ରୀ ପ୍ରଧାନ, ସଦର ଏସ୍ଡିପିଓ ଶୁଭ୍ରାଂଶୁ ନାୟକ, ଟାଉନ ଥାନା ଆଇଆଇସି ବିଜୟ ଦାସ, ସହଦେ?ଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ସଦର ଥାନା ଆଇଆଇସି ସଲଖାନ ମୁର୍ମୁ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ।

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ।
--ୱିଲିୟମ ଏସ୍ ବରୋସ

ସକାଳ
THE SAKALA

## ଅଦିନିଆ ମୂଲ୍ୟସ୍ଫୀତି

ଏବେ ରାଜ୍ୟରେ, ବିଶେଷକରି ସହରାଞ୍ଚଳରେ, ପନିପରିବା ଦରରେ ଆକସ୍ମିକ ବୃଦ୍ଧି ଘଟିଛି। ସାଧାରଣତଃ ବର୍ଷାଋତୁରେ ବାଡ଼ି ପନିପରିବା ସହିତ ଚାଷକ୍ଷେତରୁ ବିଭିନ୍ନ ପରିବା ଉତ୍ପାଦନ ଅଧିକ ହେଉଥିବାରୁ ଖାଉଟି ସୁଲଭ ମୂଲ୍ୟରେ ପରିବା ପାଇବା କଥା। କିନ୍ତୁ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଶେଷକରି ଗତ ଦୁଇ ସପ୍ତାହ ଧରି ପରିବା ଦର ଦ୍ୱିଗୁଣା ହୋଇଛି। ଏହାର ତତ୍କାଳ ପ୍ରଭାବ ଋତୁକାଳୀନ ଫଳ ଆମ୍ବ ଉପରେ ପଡ଼ିଛି। କିଲୋ ପିଛା ୨୦ରୁ ୩୦ ଟଙ୍କାରେ ମିଳୁଥିବା ବିଭିନ୍ନ କିସମର ଆମ୍ବର ଦର ଏବେ ପ୍ରାୟ ଚାରିଗୁଣା ବଢ଼ିଯାଇଛି। ବିକ୍ରେତାଙ୍କ କହିବା କଥା ଲଘୁଚାପ ବର୍ଷା ଯୋଗୁଁ ବାହାର ଅଞ୍ଚଳରୁ ପରିବା ଯୋଗାଣ ବ୍ୟାହତ ହୋଇଛି। ତେଣୁ ବଜାରରେ ଦାମ ଉଚ୍ଚା ରହିଛି। କିନ୍ତୁ ବର୍ଷା ଜନିତ ଗମନାଗମନ ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଏ ପର୍ଯ୍ୟନ୍ତ ଓଡ଼ିଶାରେ ଉପୁଜିନାହିଁ। ତଥାପି ପରିବା ଦର ଉଚ୍ଚା ରହିବା ପଛରେ କିଛି ଭିନ୍ନ କାରଣ ରହିଛି।

କେତେକ ବଜାର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପରିବା ଦର ବୃଦ୍ଧିରେ ଲଗାଣ ବର୍ଷାର ଭୂମିକା ଯେତିକି ନାହିଁ, ତା'ଠାରୁ ଅଧିକ ରହିଛି ରଥଯାତ୍ରାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଦାତବ୍ୟ ଭୋଜନ ଓ ଅନ୍ନଛତ୍ର ବ୍ୟବସ୍ଥା। ସମ୍ପ୍ରତି ଗଣଉତ୍ସବଗୁଡ଼ିକରେ ଦାତବ୍ୟ ଭୋଜନ ବା ମାଗଣା ଅନ୍ନଛତ୍ର ଏକ ଧାରା ପାଲଟି ଯାଇଛି। ଧନାଢ୍ୟ ବ୍ୟକ୍ତିମାନେ ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ଏଭଳି ପନ୍ଥା ଆପଣେଇଥିବା ବେଳେ ଦେଖାଦେଖି ଏଭଳି ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସଂଖ୍ୟା ବଢ଼ିଚାଲିଛି। ଚଳିତ ବର୍ଷ ରଥଯାତ୍ରାରେ ଦେଶର ବହୁ ବିଶିଷ୍ଟ ଶିଳ୍ପପତିଙ୍କ ଟ୍ରଷ୍ଟମାନ ବିଗତ ପ୍ରାୟ ୧୦ ଦିନ ଧରି ପୁରୀ ଶ୍ରୀକ୍ଷେତ୍ରରେ ଭକ୍ତଙ୍କୁ ମାଗଣା ଭୋଜନ ଦେଇଆସୁଛନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଦୈନିକ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପାଇଁ ଏହି ଭୋଜନ ବ୍ୟବସ୍ଥା ହେଉଥିବା ବେଳେ ଆଖପାଖ ଅଞ୍ଚଳ ଓ ଅନ୍ୟାନ୍ୟ ସହରାଞ୍ଚଳଗୁଡ଼ିକରେ ମଧ୍ୟ ଏଭଳି ଦାତବ୍ୟ ଅନ୍ନଛତ୍ର ଖୋଲିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାମାନେ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ଅଧୀନରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଆଉ କେତେକ ନିଜର ଧାର୍ମିକ ପରିଚୟ ଦେବା ଆଳରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାପିତ କରୁଥିବା ଦେଖାଯାଉଛି। ଦୈନିକ ଏଭଳି ବିଶାଳ ଆୟୋଜନର ପ୍ରତ୍ୟକ୍ଷ ପ୍ରଭାବ ପରିବା ବଜାର ଉପରେ ପଡ଼ିଛି। ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଯୋଗାଣ ସୀମିତ ରହି ଚାହିଦା ବଢ଼ିବାରୁ ସ୍ୱାଭାବିକ ଭାବେ ନିତିଦିନିଆ ପରିବା ଦାମ ବଢ଼ିଛି।

ଭିନ୍ନ ଏକ ଦୃଷ୍ଟିକୋଣରୁ ଆଲୋଚନା କଲେ ଏଭଳି ଋତୁକାଳୀନ ବା ଆକସ୍ମିକ ମୂଲ୍ୟସ୍ଫୀତି ଭଳି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମ ରାଜ୍ୟ ଏ ପର୍ଯ୍ୟନ୍ତ ସ୍ୱାବଲମ୍ବୀ ହୋଇପାରିନାହିଁ। ଏବେ ମଧ୍ୟ ଓଡ଼ିଶାବାସୀଙ୍କ ପନିପରିବା ଚାହିଦାର ୮୦ ଭାଗ ବାହାର ରାଜ୍ୟରୁ ଆମଦାନୀ ହେଉଛି। ସେହିସବୁ ରାଜ୍ୟରେ ବର୍ଷା, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକ କିମ୍ବା ଅନ୍ୟ କୌଣସି କାରଣରୁ ଉତ୍ପାଦନ ଓ ପରିବହନରେ ବାଧା ଉପୁଜିଲେ ତାହାର ତତ୍କାଳ ପ୍ରଭାବ ଓଡ଼ିଶା ବଜାର ଉପରେ ପଡୁଛି। ଆଳୁ, ପିଆଜ, ଟମାଟୋ ଉପରେ ପୂର୍ବରୁ ଆମେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିବା ବେଳେ ଏବେ ଲଙ୍କା, ଲେମ୍ବୁ, ପୋଟଳ, ବିନ୍, ଝୁଡ଼ଙ୍ଗ, ବାଇଗଣ, କୋବି ପାଇଁ ମଧ୍ୟ ବାହାର ରାଜ୍ୟର ହାତକୁ ଚାହିଁ ବସିବାକୁ ପଡୁଛି।

ଆମେ ଯେଉଁସବୁ ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛୁ ସେହିସବୁ ରାଜ୍ୟ କେବଳ କୃଷିପ୍ରଧାନ ନୁହନ୍ତି। କିନ୍ତୁ ଶିଳ୍ପ ସହିତ କୃଷିକୁ ସମନ୍ୱିତ ଭାବେ ପରିଚାଳନା କରିପାରୁଥିବାରୁ ଏବଂ ଉତ୍ପାଦନ ଓ ବଜାର ଦର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିପାରୁଥିବାରୁ ସେହି ରାଜ୍ୟମାନେ କୃଷିଜାତ ଦ୍ରବ୍ୟରେ ବଳକା ରାଜ୍ୟ ଭାବେ ପରିଗଣିତ ହେଉଛନ୍ତି। ଏକଦା ଆମ ରାଜ୍ୟ ମଧ୍ୟ ଦେଶରେ ଦ୍ୱିତୀୟ ବୃହତ୍ ପନିପରିବା ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କିନ୍ତୁ କୃଷି ପ୍ରତି ନିରନ୍ତର ଅବହେଳା, ସରକାରୀ ପ୍ରୋତ୍ସାହନ ଓ କୃଷି ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆଜି ଆମେ ପରହାତକୁ ଚାହିଁ ବସିବାକୁ ପଡୁଛି।

ଓଡ଼ିଶାରେ ପନିପରିବା ଉତ୍ପାଦନ କମିବା ପଛର ଆଉ ଏକ କାରଣ ହେଲା ଚାଷ ପ୍ରତି ବଢ଼ିଚାଲିଥିବା ବୀତସ୍ପୃହ ମନୋଭାବ। ବିଲମୁଣ୍ଡର ଦର ଓ ବଜାର ଦର ମଧ୍ୟରେ ଆକାଶପାତାଳ ତାରତମ୍ୟ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି। ଉଦାହରଣ ସ୍ୱରୂପ ଭେଣ୍ଡିଚାଷ କରୁଥିବା କୃଷକଟିଏ ଯେତେବେଳେ ପୋଟଳ କିମ୍ବା ଜହ୍ନି କିଣିବା ପାଇଁ ବଜାରକୁ ଯାଉଛି ସେତେବେଳେ ସେ ବିଲମୁଣ୍ଡରେ କେଜି ପିଛା ୫ଟଙ୍କାରେ ବିକ୍ରି କରିଥିବା ତା'ର ଉତ୍ପାଦକୁ ବଜାରରେ ୬୦ ଟଙ୍କାରେ ବିକ୍ରି ହେଉଥିବା ଦେଖୁଛି। ଖାଉଟି ବଜାର ଓ ବିଲ ହୁଡ଼ା ମଧ୍ୟରେ ରହିଯାଉଥିବା ଦାମର ଏହି ତାରତମ୍ୟର ସର୍ବାଧିକ ହିତାଧିକାର ହେଉଛନ୍ତି ଦଲାଲ୍। ଏ ବିଷୟରେ ସରକାର ଜାଣି ମଧ୍ୟ ଉଦାସୀନତା ରହିବାର ପ୍ରଭାବ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି ଏବଂ ବଜାରରେ ପନିପରିବା ଦରଦାମରେ ପ୍ରତିଫଳିତ ହେଉଛି।

ଓଡ଼ିଶାରେ ପରିବା ଚାଷୀର ସବୁଠାରୁ ବଡ଼ ଆହ୍ୱାନ ହେଉଛି ସଂରକ୍ଷଣ। ପ୍ରତିବର୍ଷ ବଜେଟ୍‌ରେ ବ୍ୟୟବରାଦ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଶୀତଳଭଣ୍ଡାର ନିର୍ମାଣ ଆବଶ୍ୟକ ମୁତାବକ ହୋଇପାରୁନାହିଁ। ତେଣୁ ବାଧ୍ୟ ହୋଇ ଚାଷୀ କମ୍ ମୂଲ୍ୟରେ ଉତ୍ପାଦ ବିକି ପ୍ରଭୂତ କ୍ଷତି ସହୁଛି କିମ୍ବା ବିଲରେ ଗୋରୁଙ୍କ ପାଇଁ ଛାଡ଼ି ଦେଉଛି। ଏଭଳି ପରିସ୍ଥିତିରେ ରାଜ୍ୟ ପନିପରିବା ଉତ୍ପାଦନରେ ସ୍ୱାବଲମ୍ବୀ ହେବ କେମିତି? ଆମ ରାଜ୍ୟର ବିଡ଼ମ୍ବନା ହେଲା ଶିଳ୍ପାୟନ ନାଁରେ ଯେଉଁ ସବୁ ଜମିର କିସମ ପରିବର୍ତ୍ତନ ହେଉଛି ସେଠାରେ ଶିଳ୍ପ ତ ଆଶାନୁରୂପ ପ୍ରତିଷ୍ଠା ହୋଇପାରୁନାହିଁ, ଅଧିକନ୍ତୁ ଚାଷ ଜମି ସଂକୁଚିତ ହୋଇଚାଲିଛି। ଏ ଦିଗରେ ନୀତି ନିର୍ଦ୍ଧାରକମାନେ ଯତ୍ନଶୀଳ ହେବା ଆବଶ୍ୟକ। ଏହାବାଦ୍ ବର୍ତ୍ତମାନର କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ବଦଳରେ ବାତାନୁକୂଳିତ କୋଠରିରେ ବସି ନିଷ୍ପତ୍ତି ନେଉଥିବାରୁ ଚାଷ ଓ ଚାଷୀର ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଏ ଦିଗରେ ମଧ୍ୟ ସରକାର ଦୃଷ୍ଟି ଦେବା ବିଧେୟ।

## ଅସ୍ତ୍ରବିରତି ଅନ୍ତରାଳେ...

ଗୌରୀପ୍ରସାଦ ମହାପାତ୍ର

ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତି ଘୋଷଣା ହେବା ପରେ ପ୍ରଶ୍ନ ଉଠିଛି - ଏହି ୧୨ଦିନିଆ ଯୁଦ୍ଧରେ କାହାକୁ କ'ଣ ମିଳିଲା? ଏହାର ଉତ୍ତର ଖୋଜିବା ବେଳେ କାଚମିସ୍ତ୍ରୀ ଭୂମିକାରେ ଅବତୀର୍ଣ୍ଣ ଖ୍ୟାତନାମା ବ୍ୟଙ୍ଗ କଳାକାର ଚାର୍ଲି ଚାପ୍ଲିନ୍‌ଙ୍କ ସେହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଥରେ ମନେ ପକାନ୍ତୁ, ଯେଉଁଥିରେ କିଛି ମୁଦ୍ରା ବିନିମୟରେ ଚାର୍ଲିଙ୍କ ଦ୍ୱାରା ପ୍ରଲୋଭିତ ଜଣେ ଚପଳମତି ଶିଶୁ ଲୁଚିଛପି କୌଣସି ଏକ ଘରର ଝରକାକୁ ଟେକା ମାରି ଭାଙ୍ଗିଦିଏ। କିଛିସମୟ ପରେ ଚାର୍ଲି ଝରକାକାଚର ପସରା ପିଠିରେ ଝୁଲାଇ ସେହି ବାଟ ଦେଇ କିଛି ନ ଜାଣିବା ପରି ଯା'ନ୍ତି। ଅଗତ୍ୟା ସେହି ଘର ମାଲିକ ଦୁଆର ପାଖରେ କାଚମିସ୍ତ୍ରୀଟିଏ ମିଳିଯାଇଥିବାରୁ ଆଶ୍ୱସ୍ତି ହୋଇ ମରାମତି କରିବାକୁ ଚାର୍ଲିଙ୍କୁ ପଚାରନ୍ତି ଏବଂ ଚାର୍ଲି ବିନା ଦ୍ୱିଧାରେ ତାଙ୍କ ପ୍ରଚ୍ଛଦ ପ୍ରାୟୋଜିତ କାମଟି ସାରି ପାଉଣା ନେଇଆସନ୍ତି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପୃଷ୍ଠଭୂମିକୁ ଅନୁଶୀଳନ କଲେ ଚାର୍ଲି ଭୂମିକାରେ ଟ୍ରମ୍ପ ଏବଂ ସେହି ଚପଳମତି ଶିଶୁ ଭୂମିକାରେ ଇସ୍ରାଏଲ୍‌ର ଜୀବନ୍ତ ଅଭିନୟ ସ୍ପଷ୍ଟ ହେବ ଏବଂ ଉପରୋକ୍ତ ପ୍ରଶ୍ନର ଉତ୍ତର ମିଳିଯିବ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ କିମ୍ବା ଲୁଚାଛପାରେ ଆଣବିକ ଅସ୍ତ୍ର ପରୀକ୍ଷଣ କରୁଥିବା ଏକମାତ୍ର ରାଷ୍ଟ୍ର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଆହୂତ ହୋଇ ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଆମେରିକା ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକ ହୋଇ ନ ପାରେ। ତେଣୁ ସେହି ୧୨ଦିନିଆ ଯୁଦ୍ଧର ପ୍ରାୟୋଜକ, ନିର୍ଦ୍ଦେଶକ, ଚିତ୍ରନାଟ୍ୟ ଲେଖକ କିଏ ତାହା ପରଦାରେ ଉଲ୍ଲେଖ ନଥିଲେ ମଧ୍ୟ ଦର୍ଶକମାନେ ବୁଝିବାରେ ଦ୍ୱିଧାଗ୍ରସ୍ତ ହୋଇନାହାନ୍ତି।

ବସ୍ତୁତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍ ଓ ଆଫ୍‌ଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦ ଓ ଉତ୍ତେଜନାର ପୃଷ୍ଠଭୂମିରେ ଆମେରିକାର ଭୂମିକାକୁ ତର୍ଜମା କଲେ ସେହି ସମରବିଳାସୀ ରାଷ୍ଟ୍ରର ଚାର୍ଲି ଅଭିନୀତ ଉପରୋକ୍ତ କାଚମିସ୍ତ୍ରୀ ସୁଲଭ ଚରିତ୍ରଟି ସାମ୍ନାକୁ ଆସିବ ଏବଂ ପାଉଣା ସ୍ୱରୂପ ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଥିବା ମଧ୍ୟ ମନେ ପଡ଼ିବ। ଆମେରିକାର ଚାର୍ଲି ଅଭିନୀତ ଚଳଚ୍ଚିତ୍ରରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆଉ ଏକ ଦୃଶ୍ୟପଟ ମାତ୍ର। ଏବେ ଇସ୍ରାଏଲ୍ ଯେଉଁ ଚପଳମତି ଶିଶୁ ସୁଲଭ ଭୂମିକାରେ ଅବତୀର୍ଣ୍ଣ ହୋଇଛି ସେହି ଭୂମିକାରେ ପୂର୍ବରୁ ଇରାକ୍ ବିରୋଧରେ କୁଏତ୍ ଏବଂ ଭାରତ ବିରୋଧରେ ପାକିସ୍ତାନ, ରୁଷ୍ ବିରୋଧରେ ୟୁକ୍ରେନ୍ ଅଭିନୟ କରିସାରିଛନ୍ତି। ସେହି ଧାରାବାହିକରେ ଡୋନାଲ୍ଡ ଟ୍ରମ୍ପ ନାମରେ ଏବେ ଜଣେ ନୂଆ କଳାକାରଙ୍କର କେବଳ ଯାହା ଆବିର୍ଭାବ ଘଟିଛି।

ଲକ୍ଷ୍ୟ କରିବାର କଥା ଶୀତଳଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ବିଶ୍ୱରେ ଯେତେସବୁ ଯୁଦ୍ଧ ସଂଗଠିତ ହୋଇଛି ତାହାର ମୁଖ୍ୟ କ୍ଷେତ୍ର ବା ମଞ୍ଚ ରହିଛି ପଶ୍ଚିମ-ଏସିଆ। ପଶ୍ଚିମ-ଏସିଆ ଓ ଉପସାଗରୀୟ ଅଞ୍ଚଳର ପ୍ରଚୁର ତୈଳ ଓ ପ୍ରାକୃତିକ ବାଷ୍ପର ଉତ୍ସ ଉପରେ ଆଧିପତ୍ୟ ବିସ୍ତାର କରିବା ଆମେରିକାର ଅନ୍ୟତମ ଆଭିମୁଖ୍ୟ ହୋଇପାରେ; କିନ୍ତୁ ତାହା ହିଁ ଏକମାତ୍ର ଓ ମୂଳଲକ୍ଷ୍ୟ ନୁହେଁ। ଏହାପଛରେ ଲୁକ୍କାୟିତ କିଛି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଆମେରିକାର ସେହି ଚାର୍ଲି ଅଭିନୀତ କାଚମିସ୍ତ୍ରୀ ଚରିତ୍ରକୁ ଅଧିକ ଜୀବନ୍ତ କରିଛି।

କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍(ସିଆରଏସ୍) ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଶୀତଳ ଯୁଦ୍ଧ ସମୟରେ ଆମେରିକାର ପ୍ରତିରକ୍ଷା ବିଭାଗ ଗୁପ୍ତରେ ୫୧ଟି ଦେଶର ୧୨୮ ଟି ସ୍ଥାନରେ ସାମରିକ କେନ୍ଦ୍ରମାନ ସ୍ଥାପନା କରିଛି, ଯେଉଁଥିରୁ ସର୍ବାଧିକ ରହିଛି ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରେ। ସେଥିମଧ୍ୟରୁ ଏବେ କେତେକ କେବଳ ରକ୍ଷଣାବେକ୍ଷଣରେ ସୀମିତ ରହିଥିବା ବେଳେ ଆଉ କେତେକ ସକ୍ରିୟ ରହିଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ ଦ୍ୱାରା ପରିଚାଳିତ ସେହିସବୁ ଆମେରିକୀୟ ସାମରିକ ଘାଟିର ରକ୍ଷଣାବେକ୍ଷଣ ବାବଦରେ ସମ୍ପୃକ୍ତ ରାଷ୍ଟ୍ର ଆମେରିକାଠାରୁ ମୋଟା ଅଙ୍କର ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି। କାଜାକ୍‌ସ୍ତାନରୁ ଇଜିପ୍ଟ ମଧ୍ୟରେ ୧୧ଟି ସେହିପରି ଆମେରିକୀୟ ସାମରିକ ଘାଟି ପ୍ରତ୍ୟକ୍ଷ ଓ ସକ୍ରିୟ ଭାବେ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳରେ ପରିଚାଳିତ ହେଉଛି। ସବୁଠାରୁ ବଡ଼ ଘାଟି ରହିଛି କାତାରାରେ। ତେଣୁ ଇରାନ୍‌ର କାତାର ଆକ୍ରମଣ ପରେ ଆମେରିକା ବାଧ୍ୟ ହୋଇ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତିରେ ମଧ୍ୟସ୍ଥତା କରିବାକୁ ବିବଶ ହୋଇପଡ଼ିଲା ଏବଂ ଇରାନ୍ ରାଷ୍ଟ୍ର ମୁଖ୍ୟ ଆୟାତୋଲ୍ଲା ଖେମିନି ଯୁଦ୍ଧର ବିଜୟୋତ୍ସବ ପାଳିଲେ।

ସିଆରଏସ୍‌ର ରିପୋର୍ଟ ଅନୁଯାୟୀ କାତାର ସ୍ଥିତ ଆଣବିକ ପରୀକ୍ଷଣ କେନ୍ଦ୍ରରେ ଆମେରିକା ପ୍ରାୟ ୧୦ ହଜାର ଆମେରିକୀୟ ସୈନିକ ଓ ଅଧିକାରୀଙ୍କୁ ମୁତୟନ କରିଛି ଏବଂ ରକ୍ଷଣାବେକ୍ଷଣ ବାବଦରେ କାତାରକୁ ୨୦୦୩ ମସିହାରୁ ବାର୍ଷିକ ୮୦୦ କୋଟି ଡଲାର ଲେଖାଏଁ ଆର୍ଥିକ ସହାୟତା ଦେଇ ଆସୁଛି। ସେହିପରି ଲୋହିତ ସାଗର, ଆରବ ସାଗର, ଭାରତ ମହାସାଗରର କେତେକ ଅଂଶ, ମଧ୍ୟପ୍ରାଚ୍ୟ-ପାରସ୍ୟ ଉପରେ ଦୃଷ୍ଟି ରଖିବା ପାଇଁ ଆମେରିକା ୧୯୪୮ ମସିହାରୁ ବାହାରିନ୍‌ରେ ସାମରିକ ଘାଟି ପ୍ରତିଷ୍ଠା କରି ୯ ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟ ସୈନିକ ଓ ସେନାଧିକାରୀଙ୍କୁ ସେଠାରେ ନିଯୁକ୍ତ କରିଛି। ଏହାଛଡ଼ା ଏବେ କୁଏତ୍, ସଂଯୁକ୍ତ ଆରବ ଏମିରଟସ, ଇରାକ୍, ସାଉଦୀ ଆରବ, ଇଜିପ୍ଟ, ସିରିଆ, ଜୋର୍ଡାନ୍, ଇସ୍ରାଏଲ୍, ୟେମେନ୍ ଆଦି ରାଷ୍ଟ୍ରର ଆମେରିକାର ଗୁପ୍ତ ସାମରିକ ଘାଟିମାନ ସକ୍ରିୟ ଅଛି। ତେଣୁ ଇରାନ୍ ପରମାଣୁ ଅସ୍ତ୍ରସମ୍ପନ୍ନ ହୋଇଗଲେ ପଶ୍ଚିମ ଏସିଆରେ କାର୍ଯ୍ୟକ୍ଷମ ଆମେରିକୀୟ ପରମାଣୁ କାର୍ଯ୍ୟକ୍ରମ ପ୍ରତି ଅଧିକ ବିପଦ ରହିଥିବା ଆମେରିକା ଆଶଙ୍କା କରୁଛି। ବୋଧହୁଏ ଏହି କାରଣରୁ ୩୫ ସଦସ୍ୟ ବିଶିଷ୍ଟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ମଣ୍ଡଳିର ସଦ୍ୟତମ ଅନୁଷ୍ଠିତ ବୈଠକରେ ଇରାନ୍ ବିରୋଧରେ ଆସିଥିବା କଟକଣା ସଂକଳ୍ପକୁ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋକୁ ବାଦ୍ ଦେଇ ବାକି ସମସ୍ତେ ସମର୍ଥନ କରିଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଯେଉଁ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତା'ପଛରେ ଯେ ଆମେରିକାର ଆଣବିକ କାର୍ଯ୍ୟକ୍ରମର ସୁରକ୍ଷା ଲକ୍ଷ୍ୟ ରହିଛି ତାହା ସିଆରଏସ୍‌ର ରିପୋର୍ଟରୁ କେତେକାଂଶରେ ପ୍ରମାଣିତ ହେଉଛି।

ନିକଟରେ ଚୀନ୍ ସାଟେଲାଇଟ୍ 'ମିଜାଜ୍ ଭିଜନ୍'ର ଫଟୋଚିତ୍ରକୁ ଉଦ୍ଧାର କରି ଆଉ ଏକ ଚମକ୍‌ପ୍ରଦ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଆମେରିକାର କାଚମିସ୍ତ୍ରୀ ଧାରାବାହିକରେ ପାକିସ୍ତାନର ଚପଳମତି ଶିଶୁଚରିତ୍ର ଆହୁରି ସ୍ପଷ୍ଟ ହେବା ସହିତ ଭାରତ-ପାକିସ୍ତାନ ସଦ୍ୟତମ ଅସ୍ତ୍ରବିରତି ଅନ୍ତରାଳର କିଛି ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି। ଉକ୍ତ ତଥ୍ୟ ଆଧାରରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଆଲେଖ୍ୟର ନିଷ୍କର୍ଷକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ 'ଅପରେସନ୍ ସିନ୍ଦୂର'ରେ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଗୁଡ଼ିକ ପାକିସ୍ତାନର ନୁରଖାନ୍, ମୁସାଫ୍ ଏୟାରବେସ୍ ଓ କିରାନା ହିଲ୍‌ସ୍‌କୁ କ୍ଷତବିକ୍ଷତ କରିବା ପରେ ଯୁଦ୍ଧବିରତି ପାଇଁ ଡୋନାଲ୍ଡ ଟ୍ରମ୍ପ ଅତିଶୟ ଆଗ୍ରହ ପ୍ରକାଶ କରିଥିଲେ। ବାସ୍ତବରେ ସେହି ଆଣବିକ ଘାଟିଗୁଡ଼ିକରେ ଆମେରିକା ପ୍ରାୟୋଜିତ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସେଠାରେ ତେଜସ୍କ୍ରିୟ ରଶ୍ମି ବିକିରଣର ସୂଚନା ମିଳିବା ପରେ ଆମେରିକାର ଆଣବିକ ବିଶେଷଜ୍ଞ ଦଳ ତତ୍କାଳ ସ୍ଥିତି ପରୀକ୍ଷା କରିବାକୁ ପହଞ୍ଚିଥିଲେ ଏବଂ ଇଜିପ୍ଟରୁ ବେରିୟମ ବୋଝେଇ ଟ୍ରକମାନ ପାକିସ୍ତାନକୁ ଆସୁଥିବାର ଦେଖାଯାଇଥିଲା। ତତ୍କାଳୀନ ସୋଭିଏତ୍ ରୁଷର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟଭେଦ କରିବା ପାଇଁ ପାକିସ୍ତାନରେ ଆମେରିକା ପ୍ରାୟୋଜିତ ଆଣବିକ କାର୍ଯ୍ୟକ୍ରମ ଏକ ଦୀର୍ଘମିଆଦୀ ଯୋଜନା। ଏହିକାରଣରୁ ପାକିସ୍ତାନ ଆମେରିକାର ଗେହ୍ଲା ପୁଅ ହୋଇ ଏଫ୍୧୬ ଯୁଦ୍ଧବିମାନ ହାସଲ କରିଛି ଏବଂ ଆତଙ୍କବାଦୀ ରପ୍ତାନିକାରୀ ରାଷ୍ଟ୍ର ଭାବେ କୁଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଆତଙ୍କବାଦୀ ଦମନ ନାମରେ ଆମେରିକା ସମେତ ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କରୁ ଅକୁଣ୍ଠ ଆର୍ଥିକ ସହାୟତା ହାତେଇ ଆସୁଛି।

ପୁଣି ଥରେ ଚାର୍ଲିଙ୍କ ଉପରୋକ୍ତ ଚଳଚ୍ଚିତ୍ରର କାହାଣୀକୁ ଫେରିବା। ଦିନେ ଶିଶୁଟି ଚାର୍ଲିଙ୍କ ଆୟରେ ତା'ର ଭୂମିକା ବୁଝିପାରି ଅଧିକ ପାଉଣା ଦାବି କରେ ଏବଂ ଚାର୍ଲିଙ୍କଠାରୁ ନାସ୍ତିବାଣୀ ଶୁଣି ପୁଲିସ୍ ଆଗରେ ଫେରାଦ ହୁଏ। ଏହାପରେ ଚାର୍ଲିଙ୍କ ସ୍ଥିତି କ'ଣ ହୋଇଥିବ ତାହା ଉଲ୍ଲେଖ ଅନାବଶ୍ୟକ। ଏଠାରେ କିନ୍ତୁ ବିଡ଼ମ୍ବନା ହେଲା ଚାର୍ଲି ଭୂମିକାରେ ଅଭିନୟ କରୁଥିବା ଆମେରିକା ହିଁ ବିଶ୍ୱରେ ପୁଲିସ୍ ଓ ଅଦାଲତ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଆଗକୁ ମଧ୍ୟ ଏଭଳି ଅନେକ ଭଦ୍ରଲୋକଙ୍କ ଘରର କାଚଝରକା ଭାଙ୍ଗିବାର ଧାରା ଜାରି ରହିଥିବ ଏବଂ ଆମେରିକା ସେଗୁଡ଼ିକୁ ମରାମତି କରିବାର ଶ୍ରେୟ ସହିତ ପାଉଣା ଅସୁଲ କରିଚାଲିଥିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଲୋକସଂସ୍କୃତିର ବାର୍ତ୍ତାବହ

ଡ ଚନ୍ଦ୍ରକଳା ନାୟକ

ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଏହା ତ୍ୟାଗ ଓ ସଂଯମର ବିଭୂତି। ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକନାଟକ, ଲୋକକଳା, ଲୋକଗୀତ, ଲୋକକଥା, ଲୋକସାହିତ୍ୟ ପରି ଅନେକ ବିଭାଗ। ତନ୍ମଧ୍ୟରୁ 'ଦାସକାଠି' ଅନ୍ୟତମ।

ଦାସକାଠିରେ କଳାକାର ମାତ୍ର ଦୁଇଜଣ। ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ। ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି। ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ। ଗାୟକ ସାଧାରଣତଃ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥା'ନ୍ତି। ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥା'ନ୍ତି। ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ।

ଦାସକାଠି ଲୋକଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ। ଏହାର ପରିବେଷଣ କୌଶଳ ଏବଂ ଶୈଳୀ ମନୋମୁଗ୍ଧକର, ସରସ, ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ। ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ତା'ର ଉପସ୍ଥିତ ବୁଦ୍ଧିବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ। ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଦାସକାଠି ମୁଖ୍ୟତଃ ଗଞ୍ଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ଲୋକମୁଖରେ ଶୁଣାଯାଏ, ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମପ୍ରକାଶିତ। କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ। ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା। ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମି ଦାସକାଠିରେ ପ୍ରତିଫଳିତ। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡ଼ି ଏମାନଙ୍କ ଆଦର୍ଶ। ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ।

ଦକ୍ଷିଣ ଓଡ଼ିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ। ଗାୟକମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡ଼ି, ହାତରେ ବଳାଖଡ଼ୁ, କାନରେ ଗୋଖରା ଶୋଭା ପାଇଥାଏ। କଳାକାରମାନେ ଧୋତୀକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରନ୍ତି ଏବଂ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢ଼ଣୀ, ଅଣ୍ଟା ପାଟିଆ, କପାଳରେ ବୈଷ୍ଣବ ଧର୍ମୀ ତିଳକ, କାନରେ ନୋଳି, ମସ୍ତକରେ ପଗଡ଼ି ଧାରଣ କରନ୍ତି। ଗାୟକ ଓ ପାଳିଆ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥା'ନ୍ତି।

କାଠି ସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆ ରୂପ ନେଇ ଦାସକାଠି ହୋଇଛି। ଗାୟକ ଓ ପାଳିଆ ସାଧାରଣତଃ ରାମ ଉପାସକ। ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦର ଘନଶ୍ୟାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥା'ନ୍ତି। ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନଦ୍ଧ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ। ଏହି ବାଦ୍ୟଯନ୍ତ୍ର ଦୁଇପ୍ରକାରର ବ୍ୟବହୃତ ହୁଏ। ଯଥା ରାମତାଳ ଓ ଲକ୍ଷ୍ମଣ ତାଳ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମତାଳ ଏବଂ ଚାରିଫାଳିଆ କାଠ, ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣତାଳ। ସାଧାରଣତଃ ଏହା ଶିଶୁ କାଠରୁ ପ୍ରସ୍ତୁତ।। ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରାକ୍ରମେ ଆସିଛି ବୋଲି କୁହାଯାଏ।

ଦାସକାଠିର କଳାକାର ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହୀତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥା'ନ୍ତି। ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀ ହରଣ, କାମକଳା ହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରା ହରଣ, କୀଚକ ବଧ, କର୍ଣ୍ଣ ବଧ, ଅଭିମନ୍ୟୁ ବଧ ପ୍ରଭୃତି ଏହାର ବହୁ ଜନାଦୃତ ଆଲୋଚିତ ବିଷୟ। ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟ ସହ ନଥାଏ। କିନ୍ତୁ ଦର୍ଶକର ମନୋରଞ୍ଜନ ହୋଇଥାଏ ଏବଂ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ। ଯେପରି ଗାୟକ ଆଗରେ ବୋଲେ - 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇ କ୍ଷତ୍ରୀ'। ପାଳିଆ ପଛରେ ବୋଲେ - 'ମଧୁପରିଡ଼ାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ କରି'। ଅଭିମନ୍ୟୁ ବଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ।

ଦାସକାଠି ଅଭିନୟ ମୁକ୍ତମଞ୍ଚରେ ହୋଇଥାଏ। ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠ କଲେ ମନେହୁଏ ଲବକୁଶ ଏହିପରି ମୁକ୍ତମଞ୍ଚରେ ରାମାୟଣର ନାଟ୍ୟ ରୂପ ପରିବେଷଣ କରିଥିଲେ। ଅଭିନୟ ସ୍ଥାନର ଚାରିପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ। ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ। ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି।

ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟ ସାହିତ୍ୟିକ କହିଲେ ଭୁଲ ହେବ ନାହିଁ। ଦାସକାଠିର ଅନ୍ୟ ନାମ ହେଉଛି- ରାମତାଳି। କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର ବାର୍ତ୍ତାବହ ଭାବରେ ଗ୍ରହଣ କରାଯାଇଛି। ଆମ ସାଂସ୍କୃତିକ ତଥା ସାହିତ୍ୟିକ ଶ୍ରୋତସ୍ୱିନୀକୁ ମୁଖରିତ କରି ଗଢ଼ି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ। ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ।

ଚଣ୍ଡିଖୋଲ, ମୋ: ୯୪୩୭୯୫୭୬୧୭

## ଆମ ବୃକ୍ଷଲତା ଆମ ଜୀବନ

### ବୃଦ୍ଧଦାରକ

**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ବୃଦ୍ଧଦାରକ ହେଉଛି ଭାରତୀୟ ଉପମହାଦେଶର ଏକ ବହୁବର୍ଷୀୟ ବଳିଷ୍ଠ ଲତା। ପରେ ଏହାକୁ ହାୱାଇ, ଆଫ୍ରିକା ଓ କାରିବିଆନ ସମେତ ବିଶ୍ୱବ୍ୟାପୀ ଅନେକ ଅଞ୍ଚଳରେ ପ୍ରଚଳିତ କରାଯାଇଥିଲା। ଆକ୍ରମଣାତ୍ମକ ହେଲେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଔଷଧୀୟ ମୂଲ୍ୟ ପାଇଁ ବୃଦ୍ଧଦାରକ ପ୍ରାୟତଃ ବହୁଳ ଆଦୃତ। ଅଷ୍ଟ୍ରେଲିଆରେ ବୃଦ୍ଧଦାରକକୁ ଏକ ଅନାବନା ଉଦ୍ଭିଦ ଭାବରେ ବିବେଚନା କରାଯାଏ ଏବଂ ଏହା କେପ୍ ୟର୍କ ଉପଦ୍ୱୀପ ପାଇଁ ଏକ ପ୍ରାଥମିକ ଅନାବନା ଉଦ୍ଭିଦ ତାଲିକାରେ ଅନ୍ତର୍ଭୁକ୍ତ ଅଛି।

ଦୃଢ଼କାଣ୍ଡ ବିଶିଷ୍ଟ ଏହି ଉଦ୍ଭିଦର ଡାଳ ବା ଶାଖା ରେଶମୀ ଧଳା ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗଛଟି ପ୍ରଥମ ୧/୨ବର୍ଷ ମଧ୍ୟରେ ଏକ ବୁଦା ଭାବରେ ବଢ଼ିଥାଏ ଏବଂ ୧୦ ମିଟର ଲମ୍ବ ପର୍ଯ୍ୟନ୍ତ ଲତାରେ ପରିଣତ ହୋଇ ଆଶ୍ରୟ ପାଇଁ ନିକଟବର୍ତ୍ତୀ ଯେକୌଣସି ବୃକ୍ଷ ବା ପଥର କିମ୍ବା କାନ୍ଥରେ ଗୁଡ଼େଇ ହୁଏ। ୮ ରୁ ୨୦ ସେମି ଲମ୍ବା ଏବଂ ୫ ରୁ ୧୫ ସେମି ଚଉଡ଼ା ପତ୍ରଗୁଡ଼ିକ ହାତୀ କାନ ଭଳି କିମ୍ବା ହୃତପିଣ୍ଡ ଆକାରର। ନିମ୍ନପୃଷ୍ଠ ଲୋମଯୁକ୍ତ ଓ ଧୂସର ଧଳା ଏବଂ ଉପଭାଗ ମସୃଣ। ଫନେଲ ଆକାରର ଫୁଲ ୩ ରୁ ୪ ସେମି ଲମ୍ବା ଏବଂ ଗୋଲାପୀ ଧଳା। ଫଳ (ବେରି) ଗୋଲାକାର, ୨ ସେମି ବ୍ୟାସବିଶିଷ୍ଟ, ଯେଉଁଥିରେ ୨ ରୁ ୪ ଟି ବିହନ ଥାଏ। ଭାରତରେ ଜୁଲାଇ-ଡିସେମ୍ବର ଏବଂ ମାର୍ଚ୍ଚ-ଏପ୍ରିଲରେ ଫୁଲ ଫୁଟେ। ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ପରିସଂସ୍ଥାରେ ଖୋଲା ଜଙ୍ଗଲ, ଘନ ତୃଣଭୂମି, ରାସ୍ତା କଡ଼, ନଦୀ କୂଳ, ହ୍ରଦର ଧାର ଆଦି ସ୍ଥାନମାନଙ୍କରେ ଏହି ଉଦ୍ଭିଦ ଅଧିକ ଦେଖାଯାଏ।

ଆୟୁର୍ବେଦିକ ଗ୍ରନ୍ଥଗୁଡ଼ିକ ସୂଚାଇ ଦିଏ ଯେ ବୃଦ୍ଧଦାରକରେ ଏପରି ଗୁଣ ଅଛି, ଯାହା ସ୍ମୃତି, ଏକାଗ୍ରତା ଏବଂ ସାମଗ୍ରିକ ଜ୍ଞାନାତ୍ମକ କାର୍ଯ୍ୟକୁ ଉନ୍ନତ କରେ। ଏହାକୁ ପ୍ରାୟତଃ ମାନସିକ ସୁସ୍ଥତା ଓ ମସ୍ତିଷ୍କ ଟନିକ୍ ଏବଂ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଦାହ-ବିରୋଧୀ ଗୁଣ ଯୋଗୁଁ ସନ୍ଧି ଯନ୍ତ୍ରଣା ଦୂର କରିବାରେ ଏହାକୁ ଉପଯୋଗ କରାଯାଏ। ଦାଗ, ଏକଜିମା, କୁଷ୍ଠିଆ ଓ ଅନ୍ୟାନ୍ୟ ଚର୍ମରୋଗ, ପାଚନ ପ୍ରଣାଳୀର ସନ୍ତୁଳନ, ଅନ୍ତନଳୀ ସୁସ୍ଥତା, ଗନୋରିଆ, କ୍ରନିକ୍ ଅଲସର, ମଧୁମେହ, ରକ୍ତହୀନତା, ଭୋକହୀନତା, ଗଳାଘାତ, ଶ୍ୱାସରୋଗ, ଦୀର୍ଘକାଳୀନ ଅଲସର, ବାତରୋଗ, ସ୍ନାୟୁତନ୍ତ୍ରର ରୋଗ, ସ୍ଥୂଳତା, ସିଫିଲିସ୍, ଦୀର୍ଘକାଳୀନ କାଶ, ଥଣ୍ଡା, ଜ୍ୱର, ବାତରୋଗ, ହେମିପ୍ଲେଜିଆ ଓ ପତଳାଝାଡ଼ା ଆଦି ଚିକିତ୍ସାରେ ଏହା ଉପଯୋଗୀ। ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ଆୟୁର୍ବେଦିକ ଔଷଧ ଭାବରେ ଏହାକୁ ଏଡ଼ାଇବାକୁ ସାଧାରଣତଃ ପରାମର୍ଶ ଦିଆଯାଏ। କାରଣ ଏହା କିଛି ବିପରୀତ ପ୍ରତିକ୍ରିୟା ପ୍ରଦର୍ଶନ କରିପାରେ। କିଛି କ୍ଷେତ୍ରରେ, ଏହା ବାନ୍ତି କିମ୍ବା ପତଳାଝାଡ଼ା ସହିତ ପାକସ୍ଥଳୀ ଅସ୍ୱସ୍ତିକର କାରଣ ହୋଇପାରେ।

ପ୍ରାଚୀନ କାଳରେ ସେନା 'ବୈଦ୍ୟରାଜ' ସର୍ବଦା ଏହି ବୃକ୍ଷର ବିଭିନ୍ନ ଅଂଶକୁ ପ୍ରାଥମିକ ଚିକିତ୍ସା ଭାବରେ ଯୁଦ୍ଧକ୍ଷେତ୍ରକୁ ନେଇ ଯାଉଥିଲେ। ଆଲେକଜାଣ୍ଡାର ମଧ୍ୟ ଯୁଦ୍ଧକ୍ଷେତ୍ରକୁ ଯିବା ବେଳେ ଏହି ପତ୍ର ଓ ଚେରମୂଳି ନେଇ ଯାଉଥିବା କୁହାଯାଏ। ବୃଦ୍ଧଦାରକରେ ବିଭିନ୍ନ ପ୍ରକାରର ଇମ୍ୟୁନୋମୋଡୁଲେଟ୍ରି, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ, ଲାଇସର୍ଗାମାଇଡ୍ସ, ଏର୍ଗୋଲାଇନ୍ ଆଲକାଲଏଡ୍ସ ଯେପରିକି ଏର୍ଜିନ୍ ଗୁଣ ସମେତ ଲାଇସର୍ଜିକ୍ ଏସିଡ୍, ମିଥାଇଲର୍ଗୋମେଟ୍ରିନ୍, ମେଥାଇସର୍ଗାଇଡ୍, ଲାଇସର୍ଜିଲାଲାନାଇନ୍, ଆର୍ଜିରୋସାଇଡ୍ ରହିଛି।

ବୃଦ୍ଧଦାରକ ବାଣିଜ୍ୟିକ ଭିତ୍ତିରେ ବହୁଳ ଭାବରେ ଚାଷ କରାଯାଏ ଏବଂ ଏହା ଏକ ଲୋକପ୍ରିୟ ଭାରତୀୟ ଔଷଧୀୟ ଉଦ୍ଭିଦ, ଯାହା ଦୀର୍ଘ ସମୟ ଧରି ପାରମ୍ପରିକ ଆୟୁର୍ବେଦିକ ଔଷଧରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ଏହାର ବ୍ୟାପକ ଔଷଧୀୟ ସମ୍ଭାବନା ହେତୁ ଏହାକୁ ସ୍ଥାନୀୟ ଚାଷୀମାନଙ୍କୁ ଆୟ ପ୍ରଦାନ କରିବା ଏବଂ ଏହାର ଔଷଧୀୟ ଗୁଣର ଆହୁରି ଅନୁସନ୍ଧାନ କରିବା ପାଇଁ ଭାରତରେ ଏହାର ବ୍ୟାପକ ପରିମାଣରେ ଚାଷ କରାଯିବା ଉଚିତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି

ଦିଗପହଣ୍ଡି,୬।୭(ସମିସ): ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି। ରବିବାର ଏଥିରେ ଆକ୍ରାନ୍ତ ହୋଇ ୯ ଜଣ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ୨ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।





- ୯ ଆକ୍ରାନ୍ତ; ୨ ଗୁରୁତର
- ସ୍ଥିତି ପରଖିଲା ସ୍ୱାସ୍ଥ୍ୟ ବିଭାଗ
- ୩ ଦିନ ତଳେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା

ଗତ କିଛି ଦିନ ଧରି ଦିଗପହଣ୍ଡି ସମେତ ଆଖପାଖ ଗ୍ରାମାଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଉସ୍ତପଲ୍ଲୀ ଗ୍ରାମର ଲୋକମାନେ ବର୍ଷାଜଳ ତଥା ଦୂଷିତ ପାଣି ବ୍ୟବହାର କରିବା ଫଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ରାମର କିଛି ପରିବାରର ସଦସ୍ୟମାନଙ୍କୁ ଝାଡ଼ାବାନ୍ତି ହୋଇଥିଲା। ସକାଳୁ ଆଶାକର୍ମୀ ଲିନୁ ସାହୁ ଗ୍ରାମରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ପ୍ରଥମେ ଗୋଟିଏ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ୨ ଜଣଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। ପରେ ଆଉ ୨ଟି ଆମ୍ବୁଲାନ୍ସ ଗ୍ରାମକୁ ଯାଇଥିଲେ ମଧ୍ୟ ରାସ୍ତାରେ କାଦୁଅ ଯୋଗୁ ଗ୍ରାମଠାରୁ ପ୍ରାୟ ୨୦୦ ମିଟର ଦୂରରେ ରହିଯାଇଥିଲା। ତେବେ ଗ୍ରାମବାସୀ ଏବଂ ସମାଜସେବୀ ମନୋଜ କୁମାର ସାହୁଙ୍କ ସହାୟତାରେ ଅନ୍ୟ ଆକ୍ରାନ୍ତଙ୍କୁ ଦୋଲାରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ଦିଗପହଣ୍ଡି ମେଡିକାଲଆଣିଯିବାପରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଦମୟନ୍ତୀ ଶବର, ଅନୀତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବର ରହିଛନ୍ତି। ଅନୀତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ୩ ତାରିଖ ଦିନ ଦାସ ଶବର ନାମକ ବୃଦ୍ଧଙ୍କୁ ପ୍ରଥମେ ଝାଡ଼ାବାନ୍ତି ହୋଇଥିଲା। ପରିବାରଲୋକ ଭୀଷ୍ମଗିରି ଗ୍ରାମ ମେଡିକାଲ ନେଇ ଚିକିତ୍ସା କରି ଆଣିଥିଲେ। କିନ୍ତୁ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ଗ୍ରାମରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ସ୍ଥିତି ତଦାରଖ କରିବା ସହ ପରୀକ୍ଷା ନିମନ୍ତେ ପାନୀୟଜଳ ନମୁନା ସଂଗ୍ରହ କରି ଫେରିଛନ୍ତି। ବ୍ଲକ ପାନୀୟ ଜଳ ବିଭାଗ କର୍ମଚାରୀ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ସରପଞ୍ଚ ପ୍ରତିନିଧି ଶ୍ୟାମ ନାୟକ, ସମିତିସଭ୍ୟ ପ୍ରତିନିଧି ସମୀର ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇବା ସହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରୁଛନ୍ତି।

■ ୧୦୮ ଆମ୍ବୁଲାନ୍ସ ଅଚଳ ଯୋଗୁ ଘାଟିରେ ଯୁବକଙ୍କ ମୃତ୍ୟୁ ଘଟଣା

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଅପରାଧିକ ଅବହେଳା: ବିଜେଡି

ବ୍ରହ୍ମପୁର/ଖଲ୍ଲିକୋଟ,୬।୭(ସମିସ): ୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣାଙ୍କ ମୃତ୍ୟୁ ଘଟିଛି। ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଏହାକୁ ସରକାରଙ୍କ ଚରମ ଅପରାଧିକ ଅବହେଳା ବୋଲି କହିଛି।

ସୂଚନାଯୋଗ୍ୟ, ଗୁରୁବାର କ୍ରିକେଟ୍ ଖେଳିବା ବେଳେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାରଲୋକେ ୧୦୮

- ମୃତକଙ୍କ ପରିବାରକୁ ଭେଟିଲେ ପ୍ରତିନିଧିମଣ୍ଡଳୀ
- ଆମ୍ବୁଲାନ୍ସ ପରିଚାଳନାରେ ସ୍ୱାସ୍ଥ୍ୟ ବିଭାଗର ଚରମ ଦାୟିତ୍ୱହୀନତା

ଆମ୍ବୁଲାନ୍ସକୁ କଲ୍ କରିଥିଲେ ମଧ୍ୟ ନ ଆସିବାରୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ବେଳେ ବଡ଼ଘାଟିରେଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଅନ୍ୟ ଆମ୍ବୁଲାନ୍ସ ଓ ପୁଲିସକୁ ଫୋନ୍ କରି ସହାୟତା ମାଗିଥିଲେ ମଧ୍ୟ ମିଳିନଥିଲା। ଫଳରେ ମା' ଆଗରେ ଛଟପଟ ହୋଇ ପୁଅର ଜୀବନ ଚାଲିଯାଇଥିଲା। ୩ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ନିଆଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲରେ ପହଞ୍ଚା ଯାଇଥାନ୍ତା, ତେବେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ରବିବାର ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳରେ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମକେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାରଲୋକେ ମୃତଦେହକୁ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଗତକାଲି ସୁଦ୍ଧା କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚିନଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଯିବାର ଖବର ପାଇ ଗତରାତି ୧୧ଟାରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କରଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣୀ ବୈଦ୍ୟ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳେଇ, ସୁବାସ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ପୂର୍ବତନ ଏନଏସି ଅଧ୍ୟକ୍ଷ ରାମମୋହନ ପଣ୍ଡା, ଭବାନୀକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁ, ଦୟାନିଧି ସାହୁ, ସ୍ଥାନୀୟ ସରପଞ୍ଚ ଟ୍ୱିଙ୍କିଲ୍ ତରାଇ ପ୍ରମୁଖ ସାମିଲ ଥିଲେ।

# ଆସନ୍ତା ବର୍ଷକୁ ସୁନାବେଶର ନୂଆ ସେଟ୍

ପୁରୀ, ୬।୭ (ସମିସ): ଆସନ୍ତା ବର୍ଷକୁ ମହାପ୍ରଭୁଙ୍କର ହେବ ସୁନାବେଶର ନୂଆ ସେଟ୍। ପବିତ୍ର ସୁନାବେଶ ଅବସରରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଏନେଇ ପ୍ରାଥମିକସ୍ତରରେ ଆଲୋଚନା ହୋଇଛି। କିନ୍ତୁ ଏହାର ଦାୟିତ୍ୱ ମହାପ୍ରଭୁଙ୍କର। ତାଙ୍କର ଇଚ୍ଛା ଥିଲେ, କିଛି ଅସମ୍ଭବ ନୁହେଁ। ଦୀର୍ଘ ଦିନ ହେବ ସେବାୟତମାନଙ୍କର ଏହି ଦାବି ଏବଂ ଅନୁରୋଧ ରହିଛି। ଗତ ପରିଚାଳନା କମିଟି ସଦସ୍ୟମାନେ ବୈଠକରେ ଏହି ପ୍ରସଙ୍ଗ ବାରମ୍ବାର ଉତ୍ଥାପନ କରିଛନ୍ତି। ଯଦି ମହାପ୍ରଭୁଙ୍କ ଇଚ୍ଛା ଏବଂ ଆଶୀର୍ବାଦ ରହିବ, ତେବେ ନୂଆ ଅଳଙ୍କାର ତିଆରି ହେବ। ଏନେଇ ସରକାରୀସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ଠାକୁରଙ୍କ ଆଶୀର୍ବାଦ ରହିଲେ ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ଭବ ହେବ। ସବୁ କିଛି ଠିକଠାକ୍

- ରତ୍ନଭଣ୍ଡାର ୯୯ ପ୍ରତିଶତ କାମ ସରିଛି
- ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ହେବ

ରହିଲେ ଆସନ୍ତା ବର୍ଷ ମହାପ୍ରଭୁଙ୍କର ନୂଆ ଅଳଙ୍କାର ଦେଖିବାକୁ ମିଳିବ।

ବର୍ତ୍ତମାନ ସୁନାବେଶରେ ବ୍ୟବହୃତ ଅଳଙ୍କାର ଦୀର୍ଘ ବର୍ଷର। ଏହା ମଧ୍ୟ ପତଳା ହୋଇଆସିଲାଣି। ନୂଆ ଅଳଙ୍କାର ହେଲେ ପୁରୁଣା ଅଳଙ୍କାରକୁ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପରିସରରେ କୌଣସି ଏକ ଜାଗାରେ ରଖିବାର ବ୍ୟବସ୍ଥା ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଇନମନ୍ତ୍ରୀ କହିଛନ୍ତି, ୯୯ ପ୍ରତିଶତ କାମ ଶେଷ ହୋଇଛି। ସମ୍ଭବତଃ ସୋମବାର ଏଏସ୍ଆଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ହସ୍ତାନ୍ତର କରିବାର ଯୋଜନା ରହିଛି। ନୀଳାଦ୍ରି ବିଜେ ପରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଏବଂ ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତିମଣତି କରାଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଏକ ଦେଶ...

ପ୍ରୟୋଗ କରିପାରିବେ, ସେଥିଲାଗି ଯଥେଷ୍ଟ ସେଫଗାର୍ଡ ରହିବା ଜରୁରୀ। ବିନା ଗାଇଡଲାଇନ୍ସରେ ଏଭଳି ନିଷ୍ପତ୍ତି ନେବାଲାଗି କମିସନଙ୍କୁ କ୍ଷମତା ମିଳିଲେ ସମଗ୍ର ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ସେ ଉଦବେଗ ଜଣାଇଛନ୍ତି। ଗତ ମାର୍ଚ୍ଚରେ ସଂସଦୀୟ କମିଟିରେ ହାଜର ହାଇ ଜଷ୍ଟିସ ଗୋଗଇ ମଧ୍ୟ ଏଭଳି ଉଦବେଜ ଜଣାଇଥିଲେ। ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ୟୁୟୁ ଲଳିତ ସଂସଦୀୟ କମିଟିକୁ କହିଥିଲେ 'ଏକ ଦେଶ, ଏକ ନିର୍ବାଚନ' ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

ଜଷ୍ଟିସ ଚନ୍ଦ୍ରଚୁଡ଼ ଆହୁରି କହିଛନ୍ତି ଯେ ଏକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ଓ କ୍ଷୁଦ୍ର ଦଳ କ୍ଷତିଗ୍ରସ୍ତ ହେବେ ବୋଲି ଯାହା କୁହାଯାଉଛି, ତାହା ସଂପୂର୍ଣ୍ଣ ରୂପେ ଭୁଲ ବୋଲି କୁହାଯାଇ ପାରିବ ନାହିଁ। ନିର୍ବାଚନ ପ୍ରଚାର ବେଳେ ଆର୍ଥିକ ସମ୍ବଳ ଦୃଷ୍ଟିରୁ ବଡ଼ ବଡ଼ ଜାତୀୟ ଦଳ ଅନ୍ୟମାନଙ୍କୁ ପଛରେ ପକାଇଦେବେ। ତେଣୁ ଆଞ୍ଚଳିକ ଦଳମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ବ୍ୟବସ୍ଥା ରହିବା ଜରୁରୀ। ସେ କହିଛନ୍ତି ଯେ ଲୋକପ୍ରତିନିଧି ଆଇନ ଓ ନିର୍ବାଚନ ଆଚରଣବିଧିରେ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସୀମା ନିର୍ଦ୍ଧାରିତ କରାଯାଇଛି। କିନ୍ତୁ ରାଜନୈତିକ ଦଳଙ୍କ ପାଇଁ ଏଭଳି ସୀମା ଧାର୍ଯ୍ୟ କରାଯାଇନାହିଁ। 'ଏକ ଦେଶ, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବା ପୂର୍ବରୁ ଏସବୁ ସମସ୍ୟାର ସମାଧାନ ବାହାର କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

### ରଥରେ ଝଟକିଲେ...

ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଅପରାହ୍ଣ ୧ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା।

ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୧୫ରୁ ୭ଟା ୩୫ ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଗୋପାଳବଲ୍ଲଭ ଭୋଗ ହୋଇଥିବା ବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୪୫ରୁ ୨ଟା ୪୫ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୩ଟା ୫୫ରୁ ୪ଟା ୧୦ମଧ୍ୟରେ ମଇଲମ, ୪ଟା ୧୦ରୁ ୪ଟା ୧୫ ମଧ୍ୟରେ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ପରେ ଅପରାହ୍ଣ ୪ଟା ୪୫ରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ଅପରାହ୍ଣ ୫ଟାରୁ ସୁନାବେଶ ଆରମ୍ଭ ହେବାକୁ ଥିବା ବେଳେ ଏହାର କିଛି ସମୟ ପୂର୍ବରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୫ଟା ୫୫ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିନଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାର୍ଶ୍ୱରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାର୍ଶ୍ୱ ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ରାତି ୧୧ଟା ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରିଥିଲେ ଭକ୍ତ। ଏହାପରେ ବେଶ ଓଲାଗି କରାଯାଇଥିଲା।

### ତିନି ରଥରେ...

ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।

### ଆଜି ଅଧା ଓଡ଼ିଶାରେ...

ଜଣାପଡ଼ିଛି। ୮ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବୁଲେଟିନରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ୧୨ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହାପରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

### ଲଗାଣ ବର୍ଷାରେ...

ସପ୍ତାହେ ହେବ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭିଜି ଦୁର୍ବଳ ହୋଇପଡ଼ିଥିଲା। ଦିବାକରଙ୍କ ଆଈ ରବିବାର ମଧ୍ୟାହ୍ନରେ ନାତୁଣୀବୋହୂ ବାଲମିତି ଏବଂ ଦିବାକରଙ୍କ ୬ ବର୍ଷର ଝିଅ ସିଦ୍ଧିଙ୍କୁ ନେଇ ଫାର୍ମ ଘର ନିକଟକୁ ଯାଇଥିଲେ। ଭିତରେ ବୁଲି ବୁଲି ସ୍ଥିତି ଦେଖିଲା ବେଳେ ଅଘଟଣ ଘଟିଥିଲା। ହଠାତ କାନ୍ଥଟି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଆଈଶାଶୂ ଓ ନାତୁଣୀବୋହୂ ଚାପି ହୋଇଯାଇଥିଲେ। ସୌଭାଗ୍ୟବଶତଃ କୁନି ଝିଅ ସିଦ୍ଧି ଅଳ୍ପକେ ବର୍ତ୍ତିଯାଇଥିଲା। ତୁରନ୍ତ ସେ ସେଠାରୁ ଧାଇଁ ଯାଇ ଗାଁଲୋକଙ୍କୁ ଘଟଣା ବିଷୟରେ କହିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ତୁରନ୍ତ ପୁଲିସ ମଧ୍ୟ ପହଞ୍ଚିଥିଲା। ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏହି ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଏକ ଟିମ୍ ମଧ୍ୟ ଗାଁରେ ପହଞ୍ଚି ଅନୁଧ୍ୟାନ କରିଛି।

### ହୀରାକୁଦ ଖୋଲିଲା...

କ୍ୟୁସେକ, ଖଇରମାଲଠାରେ ୭୮୦୦୦ କ୍ୟୁସେକ, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଲୀଠାରେ ୧୧୮୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସେହିପରି ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୬.୯୮ ମିମି ଏବଂ ତଳମୁଣ୍ଡରେ ୧୮.୫୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ଶିବରାଜ, ଧର୍ମେନ୍ଦ୍ର...

ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୬ରେ ପଶ୍ଚିମବଙ୍ଗ, ତେଲଙ୍ଗାନା, କେରଳ, ଆସାମ ଓ ୨୦୨୭ରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ, ମଣିପୁର ବିଧାନସଭା ନିର୍ବାଚନ ହେବ ଏବଂ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଏହି ବର୍ଷ ଅନୁଷ୍ଠିତ ହେବ। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଦଳ ସଭାପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବ। ସମ୍ପ୍ରତି ତିନିଜଣ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ମନୋହରଲାଲ ଖଟ୍ଟର, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମକୁ ନେଇ ଦଳର ଶୀର୍ଷ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ପୁରନ୍ଦେଶ୍ୱରୀଙ୍କ ସହ ଦୁଇ ଟାଣୁଆ ସଙ୍ଗଠନ ବି.ଏଲ୍.ସନ୍ତୋଷ ଓ ସୁନୀଲ ବଂଶଲଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି। ଦଳର କିଛି ନେତା ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ନାମ ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହେଉଛି।

କୁହାଯାଉଛି ଯେ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ବିଜେପି ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛି। ସଂଗଠନାତ୍ମକ ଅଭିଜ୍ଞତା, ଆଞ୍ଚଳିକ ସନ୍ତୁଳନ, ଜାତିଗତ ସମୀକରଣ ଏ କ୍ଷେତ୍ରରେ ପ୍ରାଥମିକତା ଗ୍ରହଣ କରିଛି। ଖୁବ୍ ଶୀଘ୍ର ସଭାପତି ନିର୍ବାଚନ ନିମନ୍ତେ ଏକ କେନ୍ଦ୍ରୀୟ କମିଟି ଗଠନ କରାଯିବ। ଦଳର ସମ୍ବିଧାନ ଅନୁଯାୟୀ ୫୦ ପ୍ରତିଶତ ସାଂଗଠନିକ ରାଜ୍ୟ ଶାଖାଙ୍କ ଅଧ୍ୟକ୍ଷ ନିଯୁକ୍ତି ପରେ ଜାତୀୟ ଅଧ୍ୟକ୍ଷ ନିର୍ବାଚନ ହେବ। ସମ୍ପ୍ରତି ବିଜେପିର ୩୭ଟି ରାଜ୍ୟ ଶାଖା ରହିଛି। ଏଥିରୁ ୨୬ଟିର ଅଧ୍ୟକ୍ଷ ଚୟନ ସରିଛି। ଚଳିତ ମାସ ପ୍ରାରମ୍ଭର ଦୁଇ ଦିନ ମଧ୍ୟରେ ବିଜେପି ୯ ରାଜ୍ୟର ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ତେଣୁ ଜାତୀୟ ସଭାପତି ନିର୍ବାଚନ ନିମନ୍ତେ କୌଣସି ବାଧା ନାହିଁ।

### ବାହୁଡ଼ାରେ ବାହୁଡ଼ିଗଲେ...

ସଦର ଥାନା ଅନ୍ତର୍ଗତ ଆଇଆରବି ନିକଟରେ ଆଜି ଗାଡ଼ି ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ବ୍ଲକ୍ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ଲେନ୍ଦ୍ରିମାଳିଗୁଡାର ଭଗବାନ ମାଳି(୨୫) ଓ ଗୋବିନ୍ଦ ମାଳି(୨୧)। ଭଗବାନ ଓ ଗୋବିନ୍ଦ ଏକ ବାଇକ୍‌ରେ ଜୟପୁର ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କୋରାପୁଟ ପଟୁ ଯାଉଥିବା ଏକ ଅଜଣା ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଦୁଇଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୁଲିସ ନମ୍ବର ୧୧୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ପୁଲିସ୍ ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ, ୪ ଗୁରୁତର

ଭୋଗରାଇ, ୬।୭(ସମିସ): ରବିବାର ଉଦୟପୁର ବେଳାଭୂମି ନିକଟ ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର କେତେଜଣ ଯୁବକ ଆଜି ଅପରାହ୍ଣ ପ୍ରାୟ ୩ଟାରେ ଉଦୟପୁର ବେଳାଭୂମିରେ ମଦ୍ୟ ପାନ କରି ସମୁଦ୍ରରେ ଗାଧୋଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅପରାହ୍ଣ ୫ଟାରେ ପଶ୍ଚିମବଙ୍ଗର ୫ଜଣ ଯୁବକ/ଯୁବତୀ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଭାସି ଯାଇଥିଲେ। ୪ ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ବିହାର ଭାଗଲପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

**ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore,Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone : 7978897651 E-mail : principalomavjeypore@gmail.com

**SHORT TENDER CALL NOTICE No. 01/25**

Sealed Tenders are invited from Registered Firms having GST number and Tax Clearance for supply of Grocery Items, Non-Veg items, Students' TLM , School Uniforms and Sports Items latest by 22 July 2025 5.00 P.M. by Regd/Speed Post. The tender paper for each item with terms and conditions may be obtained from the Office of the Principal, ODISHA MINING ADARSHA VIDYALAYA, JEYPORE on cash payment of Rs. 200/- only per form during office hours. The tenders will be opened in presence of the Tenderers or their duly authorised representative at 11 A.M. on 23 July 2025. The Principal, ODISHA MINING ADARSHA VIDYALAYA, JEYPORE has the sole right to reject any one or all Tenders without assigning any reason thereof.

sd/-
Principal, OMAV, Jeypore

**AFFIDAVIT**

By virtue of an affidavit sworn before Notary Public, Rourkela, dated 29.05.2025, I Basanti Mohapatra, W/o- Bipin Bihari Mohapatra Address - QR No C3M 33,R.D.A Colony, Chhend phase 2, PO- Rourkela 15, PS- Chhend, Dist- Sundargarh , Odisha, Pin- 769015 declare that I have changed my name from Basantibala Mohapatra to Basanti Mohapatra. Henceforth I shall be known as BASANTI MOHAPATRA for all purposes.
Basanti Mohapatra

**NOTICE (for Minor)**

By virtue of an affidavit sworn before Notary Public, Udala, Mayurbhanj dated 28-05-2025 I, Debashree Lenka , Address of Kanhupur P.O.- B.C.Pur, Dist- Mayurbhanj, Odisha, Pin- 757085 declare that I have changed the name of my son from Kanha Lenka to Jyoti Prakash Lenka. Henceforth, he shall be known as Jyoti Prakash Lenka for all purposes.
(Debashree Lenka)

**NOTICE**

By virtue of an affidavit sworn before Notary Public, Balasore , Sl. No.-75/3 , Date-26/06/2025 , I Raghunath Singh (New Name ) , Adress- At- San Maitapur, Po- Maitapur, Ps-Bhadrak, Dist- Bhadrak, Odisha, Pin-756111 declare that I have change my name from Kanha Singh (Old Name) to Raghunath Singh (New Name). Henceforth, I shall be known as Raghunath Singh (New Name) for all purposes.
Raghunath Singh

B-274
E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.- B-I- Tourism-05/2025/26152 / Bhubaneswar, the 4th July, 2025
Invitation for Bids
1st Corrigendum

Tender Reference No. C.E. (B) - 14 / 2025-26
Name of the Work : Periphery Development of Narayani Temple, Khalikote in Ganjam District.

The following changes have been made in Bid Identification No. C.E. (B) - 14 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.21.07.2025 to 17.00 hours of dt.05.08.2025 instead of dt.04.07.2025 to dt.19.07.2025 for ONLINE BIDDING respectively.
2. Online bids shall be received till 17.00 Hours of dt.05.08.2025 instead of dt.19.07.2025.
3. The technical bids will be opened at 11.30 A.M. of dt.06.08.2025 instead of dt.21.07.2025.

All other terms and conditions remain unchanged.

Chief Engineer (Buildings-I),
Odisha, Bhubaneswar

OIPR-34117/11/0116/2526

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆସ୍କା ମୁଖ୍ୟ ଶାଖା
କଳିଙ୍ଗ ରୋଡ ଆସ୍କା, ଗଞ୍ଜାମ, ପିନ୍-୭୬୧୧୧୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଓ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ତନଖି କରିବାର ତାରିଖ ଓ ସମୟ: ୧୭.୦୭.୨୦୨୫ ରୁ ୨୧.୦୭.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ରବିବାର ଛୁଟିଦିନ)

| କ୍ର ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ମଞ୍ଜୁଳା ବେହେରା, ସ୍ୱାମୀ: ଶ୍ରୀ ଭୂପତି ଭୂଷଣ ବେହେରା, ସା: ଖମେଶ୍ୱରୀପାଟଣା, ଗୋପିନାଥ ମନ୍ଦିର ନିକଟ, ଆସ୍କା, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୦ / ଆକାଉଣ୍ଟ ନଂ.: ୪୧୪୬୭୭୩୨୦୩୦ | TATA ACE GOLD+ DIESEL BS VI<br>Regd. No.: OD32H3494<br>Chassis No.: MAT559029NVN63147<br>Engine No.: 700CCDI02NXXSF1811 | ୦୪.୦୬.୨୦୨୫ ସୁଦ୍ଧା ଟ.୪,୦୬,୦୯୦.୧୩ + ୦୫.୦୬.୨୦୨୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩,୦୦,୦୦୦/-<br>ଟ.୩୦,୦୦୦/-<br>ଟ.୫,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ, ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବ୍‌ସାଇଟ୍: https://baanknet.com ପରିଦର୍ଶନ କରନ୍ତୁ। baanknet.com ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବ୍‌ସାଇଟ୍‌ରେ ଅପଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡରକୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ସରକାରୀ/ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରିବାକୁ ଥିବା କୌଣସି ବୈଧାନିକ ଦେୟ/ଦାୟିତ୍ୱ ଇତ୍ୟାଦି ବିଷୟରେ ଜଣା ନାହିଁ ଏବଂ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ସଂରକ୍ଷିତ ରଖିଅଛି।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : https://sbi.co.in/web/sbi-in-the-news/auction-notices/sarfaesi-and-others, https://baanknet.com (e-Bkray Portal)

ଗାଡିର ପାର୍କିଂ ସ୍ଥାନ: ମେସର୍ସ ଦିଶା ଆସୋସିଏଟ୍ସ, ଏନ୍‌ଏଚ୍-୫, ଗୋପାଳପୁର ଜଙ୍କସନ୍, ଦୁରା ବାଏପାସ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ.: ୬୩୭୦୫୨୧୮୩୭

ସ୍ଥାନ : ଆସ୍କା, ତାରିଖ : ୦୫.୦୭.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜନସମୁଦ୍ର

ନୀଳଗିରି, ୬।୭ (ସମିସ)

ତୃତୀୟ ଶ୍ରୀକ୍ଷେତ୍ରର ପ୍ରଥମ ଦିନର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ତିନି ଠାକୁରଙ୍କ ସମସ୍ତ ରୀତିନୀତି ପରେ ବଡ ଏକାଦଶୀ ହୋଇଥିବାରୁ ହଜାର ହଜାର ଭକ୍ତ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରି ଆଶିଷ କାମନା କରିଥିଲେ। ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ଆଡ଼କୁ ଶ୍ରଦ୍ଧାଳୁମାନେ ଟାଣି ଟାଣି

**● ଶ୍ରୀଜୀଉଙ୍କୁ ସୁନାବେଶରେ ଦର୍ଶନକଲେ ଭକ୍ତ**



ନେଇଥିଲେ। ପ୍ରଥମ ଦିନରେ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରା ଖୁଣ୍ଟା ପୋଖରୀ ସମ୍ମୁଖରେ ପହଞ୍ଚାଇ ଥିଲେ। ବର୍ଷା ସତ୍ତ୍ୱେ ବଡ଼ଦାଣ୍ଡ ଜନ ସମୁଦ୍ର ହୋଇଥିଲା। ଏହି ବାହୁଡାଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଳିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ତାପସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୪ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜନ କରାଯାଇଥିଲା। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ।

# ଆଧାର କାମରେ ଅନିୟମିତତା ଅଭିଯୋଗ

ଲଙ୍ଗଳେଶ୍ୱର, ୬।୭ (ସମିସ) : ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଆଧାର କାର୍ଡ ଜରୁରୀ ଦସ୍ତାବିଜ ହୋଇଯାଇଛି। ଆଧାର କାର୍ଡ ନୂତନ ପଞ୍ଜୀକରଣ ଏବଂ ସଂଶୋଧନର ସୁବ୍ୟବସ୍ଥା ପାଇଁ ସରକାରଙ୍କ ଆନ୍ତରିକତା ଅଭାବ ଦେଖା ଦେଉଛି। ଆଧାର କାର୍ଯ୍ୟ ଦାୟିତ୍ୱ ବେସରକାରୀ ସଂସ୍ଥାକୁ ଟେକିଦେଇ ସରକାର ନିଘୋଡ଼ ନିଦରେ ଶୋଇଥିବା ଜଣାପଡୁଛି। ଫଳରେ ବର୍ତ୍ତମାନ ଆଧାର କାର୍ଯ୍ୟରେ ଅନେକ ଅନିୟମିତତା ସହିତ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳୁଛି ବାଲିଆପାଳ ବ୍ଲକ ନିମପଦା ବଜାରରେ। ସୂଚନାରୁ ପ୍ରକାଶ ସିଂଲା ଥାନା ଅନ୍ତର୍ଗତ କୁଣ୍ଡୁଳୀ ପଞ୍ଚାୟତ ନିମପଦା ଠାରେ ଥିବା ସେବାକେନ୍ଦ୍ରରେ ଆଧାର କାର୍ଯ୍ୟ ଚାଲିଥିବା ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେବାକେନ୍ଦ୍ର ମାଲିକ ରାଜେନ୍ଦ୍ର ବେହେରା ଏବଂ ଆଧାର ଅପରେଟର ମିଶି ସାଧାରଣ ନାଗରିକ ଠାରୁ କାର୍ଡ ପିଛା ୨୦୦ ରୁ ୩୦୦ ନେଉଥିବାର ଦେଖି କିଛି ଲୋକେ ଏହାକୁ ବିରୋଧ କରିଥିଲେ। ନିମପଦା ରେ କୌଣସି ସେବାକେନ୍ଦ୍ରକୁ ଆଧାର କାର୍ଯ୍ୟ ପାଇଁ ଅନୁମତି ନ ଥିଲେ ବି ବେନିୟମ ଭାବେ ବସ୍ତା ବ୍ଲକରୁ ଆଧାର ଅପରେଟର ଆସି ସେବାକେନ୍ଦ୍ର ମାଲିକ ରାଜେନ୍ଦ୍ର ବେହେରାଙ୍କ ସହଯୋଗରେ ଏଠାରେ ଆଧାର କାର୍ଯ୍ୟ ଚାଲୁଥିବାର ଜାଣିବାକୁ ମିଳିଥିଲା। ଆଧାର ଅପରେଟରଙ୍କୁ ଏ ବିଷୟ ରେ ପଚାରିବାରୁ ଲୋକଙ୍କ ସୁବିଧା ପାଇଁ ସେ ଆସନ୍ତି ବୋଲି ସ୍ୱୀକାର କରିବା ସହିତ ଅଧିକ ଅର୍ଥ ନେବା ବିଷୟରେ ମୁହଁ ଖୋଲିନଥିଲେ। ତେବେ ବସ୍ତା ଏବଂ ବାଲିଆପାଳ ବ୍ଲକର ଅଧିକାଂଶ ମୋବାଇଲ ଦୋକାନ, ଅନଲାଇନ ଦୋକାନ ଏବଂ ସେବାକେନ୍ଦ୍ର ଗୁଡିକରେ ଏଭଳି ବେନିୟମ କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଶାସନର ଉଦାସୀନତା ଏବଂ ଆଧାର କାର୍ଯ୍ୟ ଦାୟିତ୍ୱ ରେ ଥିବା ସଂସ୍ଥା ଅଧିକାରୀ ମାନେ ହିଁ ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।



# ବେଧଡ଼କ ଚାଲିଛି ବେଆଇନ ମାଟି ଓ ବାଲି କାରବାର



କାଳିପଦା, ୬।୭ (ସମିସ): ବାଲିଆପାଳ ବ୍ଲକରେ ଏବେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର। ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହୁଛି। ମାଟି ଓ ବାଲି ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ଓ ବାଲି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଟି ଓ ବାଲି ମାଫିଆମାନେ କୁଦମାନସିଂ, ପାଳ ଜାମକୁଣ୍ଡା, ବିଷ୍ଣୁପୁର, କେନାଲ ବନ୍ଧ, ସମୁଦ୍ର କୂଳ ବାଲି ଅଡିଆ, ସୁବର୍ଣ୍ଣ ରେଖା ନଦୀ ଚଡ ଆଦି ସ୍ଥାନରେ ମାଟି ଓ ବାଲି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ ମାଫିଆ ମାନେ କିଛି ଅସାମାଜିକ ଯୁବକଙ୍କୁ ହାତବାରିସୀ କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ଫଳରେ ସାଧାରଣ ଲୋକଙ୍କ ବିରୋଧାଭାସ ପ୍ରଶାସନ ପାଖରେ ପହଞ୍ଚିପାରୁ ନାହିଁ। ମାଟି ଓ ବାଲି ଉତ୍ତୋଳନ ସ୍ଥାନ ବାଲିଆପାଳ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧୁଚନ୍ଦ୍ରିକାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ସ୍ଥାନୀୟ ଆର ଆଇଙ୍କୁ ମାଫିଆମାନଙ୍କ ବିରୋଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

# ସରକାରୀ ରାସ୍ତା ଅବରୋଧ ନେଇ ମରଣାନ୍ତକ ଆକ୍ରମଣ

ଭୋଗରାଇ, ୬।୭ (ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତର ସେହି ଗ୍ରାମର ଜନୈକ ବ୍ୟକ୍ତି ଏକ ସରକାରୀ ରାସ୍ତା ଅବରୋଧ କରିବାକୁ ନେଇ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ଭିତରେ ଗଣ୍ଡଗୋଳ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଏହିକି ଦେଉଳା ଥାନାଛକ ମୁଖ୍ୟ ରାସ୍ତାକୁ ଲାଗି ପ୍ଲଟ ନଂ ୧୦୧୮ ଯାହା ରାସ୍ତା ଅଟେ। ଏହି ରାସ୍ତା ଦେହୁର୍ଦ୍ଦା (ଉଦପଦା) ଗ୍ରାମ ଭିତରକୁ ଯାଇଅଛି। ମାତ୍ର ଉକ୍ତ ରାସ୍ତାକୁ ସାତଗହଳିଆ ଗ୍ରାମର ଯତିନ୍ଦ୍ର ତୋଳାଙ୍କ ପୁଅ ଗୌରାଙ୍ଗ ତୋଳା ଜବରଦଖଲ କରି ରଖିଛନ୍ତି। ଗ୍ରାମବାସୀ ବାରମ୍ବାର ତାଙ୍କୁ ରାସ୍ତାଟିକୁ ଛାଡ଼ିବାକୁ କହିବାରୁ ସେ ଛାଡୁନଥିଲେ। ଗତ ଜୁନ ୨୭ ତାରିଖ ସକାଳେ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଗ୍ରାମର ମୁଖିଆ ରମାକାନ୍ତ କରଣଙ୍କ ସହିତ ଗ୍ରାମର କିଛି ଲୋକ ସେହି ସ୍ଥାନକୁ ଯାଇ ଗୌରାଙ୍ଗଙ୍କୁ ପୁଣି ରାସ୍ତା ଛାଡ଼ିବାକୁ କହିବାରୁ ତାଙ୍କର ବାପା ଯତିନ୍ଦ୍ର ଆସି ସୁକାନ୍ତ ଦାସଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଥାନାରେ ସେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଯତିନ୍ଦ୍ରଙ୍କ ପରିବାରକୁ ଗ୍ରାମର କିଛି ଯୁବକ ପିଟାମାରା କରିଥିବା ସେ ମଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୋଗରାଇ ପୁଲିସ ଉଭୟଙ୍କ ଏତଲା ଆଧାରରେ ପୃଥକ ମାମଲା ରୁଜୁ କରି ଚୁପ୍ ବସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ତଦନ୍ତ ଚାଲିଥିବା ଭୋଗରାଇ ଥାନା ଅଧିକାରୀ ରୋହିତ ଭୋଳ କହିଛନ୍ତି।



# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟିକା



ବାଲେଶ୍ୱର/ବସ୍ତା, ୬।୭ (ସମିସ): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାଇ ବିଧାୟିକା ସୁବାସିନୀ ଜେନା ୨୦୨୪-୨୫ ଆର୍ଥିକ ବର୍ଷ ବିଧାୟିକ ପାଣ୍ଠିରୁ ୫ଲକ୍ଷ ୪୦ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ପଞ୍ଚାୟତର ବଡ଼ଗଡ଼ିଆ ଗ୍ରାମର ନିଳାମ୍ବର ବେହେରାଙ୍କ ଘର ଆଗ ଠାରୁ ପକ୍କାଘାଟ ପର୍ଯ୍ୟନ୍ତ ଗାର୍ଡୱାଲ୍ ନିର୍ମାଣ ନିମନ୍ତେ ୨ଲକ୍ଷ ୪୦ ହଜାର ଓ ଚୋରପଦା ଗ୍ରାମର ଅନନ୍ତ ଜେନାଙ୍କ ବିଲ ସୀମା ଠାରୁ ଶ୍ରୀନିବାସ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଓ କଲଭଟ ନିର୍ମାଣ ନିମନ୍ତେ ୨ଲକ୍ଷ ଏବଂ କିଆପଣସି ଗ୍ରାମର ଯଦୁନାଥ ବେହେରାଙ୍କ ଘର ଠାରୁ ଭଗିରଥପୁର ନୂତନ ପ୍ରାଥମିକ ବିଦ୍ୟାଳୟ ଭାୟା କେଦାରନାଥ ବେହେରା ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ୧ଲକ୍ଷ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ସେହିପରି ସଦାନନ୍ଦପୁର ଓ ମାଙ୍କଡଗଡ଼ିଆ ଗ୍ରାମରେ ବସ୍ତା ପଞ୍ଚାୟତ ସମିତି ଦ୍ୱାରା ହେବାକୁଥିବା ଦୁଇଗୋଟି ପ୍ରକଳ୍ପର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବରୁଣଗଡ଼ିଆ ପଞ୍ଚାୟତ ସଭାପତି ପଞ୍ଚାନନ ଦାସଙ୍କ ତତ୍ତ୍ୱାବଧାନରେ ବିଧାୟିକା ସୁବାସିନୀ ଜେନା ଉପସ୍ଥିତ ରହି ସମସ୍ତ ପ୍ରକଳ୍ପ ଗୁଡିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ସମିତି ସଭ୍ୟ ରମାକାନ୍ତ ସେଠୀ, ବରିଷ୍ଠ ବିଜେଡ଼ି ନେତା ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ମହାଦେବ ଦାସ, ବ୍ଲକ ମହିଳା ବିଜେଡି ସଭାପତି ଲିପିକା ରାଉଳ, ବରୁଣଗଡ଼ିଆ ପଞ୍ଚାୟତର ବିଜେଡ଼ି ନେତା ସବୋଧ କିଶୋର ରାଉଳ, ଗୋପାଳ ଜେନା, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ବେହେରା, ବିଦ୍ୟାଧର ବେହେରା, ପରେଶ ଚନ୍ଦ୍ର ବେହେରା, ହେମନ୍ତ ଜେନା, ପ୍ରଭାତ ବେହେରା, ମଧୁସୂଦନ ନାୟକ, ରତନ ସାମଲ, ସ୍ୱାଗତିକା ସାହାଣୀ, ଚୈତନ୍ୟ ବେହେରା, ମୃତ୍ୟୁଞ୍ଜୟ ବେହେରା ଓ ଯୁବ ସଭାପତି ଜୟନ୍ତ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ବର୍ତ୍ତନାରେ ସ୍ୱାସ୍ଥ୍ୟ ଶିବିର

ଖଇରା, ୬।୭ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ଡା ବ୍ରଜ ସୁନ୍ଦର ସ୍ୱାଇଁଙ୍କୁ କିଏ ବା ନ ନଜାଣେ। ଡାକ୍ତରୀ ପେସାରୁ ସ୍ୱେଚ୍ଛାକୃତ ଅବସର ପରେ ଗାଁ ଗାଁରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଶିଶୁ ମାନଙ୍କୁ ଚିକିତ୍ସା କରିବା ତାଙ୍କର ନିୟମିତ ଅଭ୍ୟାସରେ ପରିଣତ ହୋଇ ଯାଇଛି। ୨ବର୍ଷ ଭିତରେ ସେ ୩୦ରୁ ଅଧିକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ମାଧ୍ୟମରେ ୪ହଜାରରୁ ଅଧୀକ ଶିଶୁଙ୍କ ଚିକିତ୍ସା କରି ସାରିଲେଣି। ରବିବାର ବର୍ତ୍ତନା ବଜାରରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏକ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ସେ ଜନ୍ମିତ ଶିଶୁ ଠାରୁ ୧୪ବର୍ଷର ପିଲା ମଧ୍ୟରେ ମୋଟ ୯୧ଜଣଙ୍କର ଚିକିତ୍ସା କରିଥିବା ବେଳେ ନିଜ ଖର୍ଚ୍ଚରେ ସମସ୍ତଙ୍କ ଲାଗି ଔଷଧର ବ୍ୟବସ୍ଥା କରିଥିଲେ। ସନ୍ଧ୍ୟାରାଣୀ ବେହେରା, ପ୍ରିତିଲତା ସାହୁ, ବ୍ରଜକିଶୋର ମଲ୍ଲିକ, ଚର୍ଚ୍ଚିତା ମହାନ୍ତି, ପୁଷ୍ପା ରାଉତ ପ୍ରମୁଖ ପଞ୍ଜିକରଣ ଏବଂ ଔଷଧ ବଣ୍ଟନରେ ସହାୟତା କରିଥିଲେ।

# ପାଣିରେ ବୁଡ଼ି ଶିଶୁ ମୃତ

ଜଳେଶ୍ୱର ବ୍ଲକ, ୬।୭(ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମ ନଗର ଗ୍ରାମ ପଞ୍ଚାୟତର ଘଡଘଡା ଗ୍ରାମର ବସନ୍ତ ହାଁସଦାଙ୍କ ଏକମାତ୍ର ୫ ବର୍ଷର ପୁତ୍ର ସାଗୁନ ହାଁସଦା ଘର ପାଖରେ ଥିବା ପୋଖରୀରେ ପଡ଼ି ବୁଡ଼ି ଯାଇଥିଲା। ପରିବାର ଲୋକେ ପିଲାଟିକୁ ଚାରିଆଡେ ଖୋଜାଖୋଜି କରି ପାଇନ ଥିଲେ ଶେଷରେ ପୋଖରୀରେ ବୁଡି ଯିବାର ସନ୍ଦେହ ପ୍ରକାଶ କରି ପୋଖରୀରେ ଖୋଜା ଖୋଜି କରିବାରୁ ପୋଖରୀଭିତରୁ ପୁଅକୁ ପାଇଥିଲେ। ତାକୁ ସଙ୍ଗେ ସଙ୍ଗେ ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସରପଞ୍ଚ ଗିରିଜା ଶଙ୍କର ସାସମଲ ଏପରି ଦୁଃଖଦ ସମୟରେ ତାଙ୍କ ପରିବାର ପାଖରେ ପହଞ୍ଚି ପରିବାର ବର୍ଗକୁ ସମବେଦନା ଜଣାଇବା ସହିତ ସରକାରଙ୍କ ପାଖରେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ସଦାଶିବ ମହାନ୍ତିଙ୍କ ସ୍ମୃତିସଭା

ଜଳେଶ୍ୱର ବ୍ଲକ, ୬।୭ (ସମିସ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ସ୍ଥିତ ପୂଜ୍ୟପୂଜା ମର୍ମରେ ସ୍ୱର୍ଗତ ସଦାଶିବ ମହାନ୍ତିଙ୍କ ୩୧ତମ ବାର୍ଷିକ ଶ୍ରାଦ୍ଧଉତ୍ସବ ସଦାଶିବ ମହାନ୍ତି ସ୍ମୃତି କମିଟିର ସମ୍ପାଦକ ତଥା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ଆହ୍ୱାନ କ୍ରମେ ସ୍ମୃତି କମିଟିର ସଭାପତି ବିପିନ ବିହାରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ସ୍ମୃତି ଚାରଣ ସଭା ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ମୁଖ୍ୟଅତିଥି, ଶାଳୀ କୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିବେକାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଗ୍ରାମ ମୁଖ୍ୟ ଗଣେଷ ଚନ୍ଦ୍ର ପରିଡ଼ା, ପଦ୍ମଲାଭ ପ୍ରଧାନ, ଶିଶୁ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ଓଝା, ସ୍ୱର୍ଗତ ମହାନ୍ତିଙ୍କ ସାନ ପୁତ୍ର ଡାକ୍ତର କାଳିପଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଂସଦର ସମ୍ପାଦକ ହରେକୃଷ୍ଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ଆଞ୍ଚଳିକ ବ୍ରାହ୍ମଣ ସମିତିର ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ

ଖଇରା, ୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଚତୁର୍ଦ୍ଦଶ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ବାଉଁଶଗଡ଼ିଆସ୍ଥିତ ବରପଦା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ସକାଳେ ବ୍ରହ୍ମଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ସ୍ଥାନୀୟ ଗ୍ରାମପୋଖରୀରୁ ଘଟୋତ୍ତଳନ କରାଯାଇ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପଣ୍ଡିତ ଗୌରଚନ୍ଦ୍ର ପାଠୀ, ନୃସିଂହ ଦ୍ୱିବେଦୀ, ବାସୁଦେବ ସାହୁ, ଶ୍ୟାମସୁନ୍ଦର ପଣ୍ଡା ଓ ବାଣ୍ଟୁ ପଣ୍ଡାଙ୍କ ଦ୍ୱାରା ପଞ୍ଚକୁଣ୍ଡୀୟ ଯଜ୍ଞ, ଦେବାର୍ଚ୍ଚନା ତଥା ରୁଦ୍ରାଭିଷେକ କର୍ମର ଆୟୋଜନ କରାଯାଇଥିଲା। ଅପରାହ୍ନରେ ସମିତି ସଭାପତି ଜଳଧର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମସଭାରେ ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ଜିଲା ସମ୍ପାଦକ ଗୌରଚନ୍ଦ୍ର ଦାଶ, ବୈଦ୍ୟନାଥ ଆଚାର୍ଯ୍ୟ, ନିରାକାର ଦାଶ ତଥା ବାହାନଗା ବ୍ରାହ୍ମଣ ସମିତି ସଭାପତି ଭାଗିରଥି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବ୍ରାହ୍ମଣଙ୍କୁ ସମାଜରେ ଉଚ୍ଚ ଆସନ ଲାଭ କରିବାକୁ ହେଲେ ସଂସ୍କାର ସମ୍ପର୍ଣ୍ଣ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ପଣ୍ଡା, ମଦନ ମୋହନ ପଣ୍ଡା ଓ ଭାସ୍କର ପଣ୍ଡାଙ୍କୁ ମାନପତ୍ର ଓ ଯଜ୍ଞ ଆୟୋଜନରେ ପ୍ରତ୍ୟକ୍ଷ ସହଯୋଗ ପାଇଁ ନାରାୟଣ ପଣ୍ଡା ଏବଂ ବିଷ୍ଣୁପଦ ଘଡେଇଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପିତାମ୍ବର ପତି କାର୍ଯ୍ୟକ୍ରମକୁ ଶେଷସ୍ପର୍ଶ ଦେଇଥିଲେ। ମଙ୍ଗଳଚନ୍ଦ୍ର ପଣ୍ଡା, ତରଣୀ ପଣ୍ଡା, ଶରତ କୁମାର ପଣ୍ଡା, ଆକାଶ ପଣ୍ଡା, ରମାକାନ୍ତ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀଙ୍କ ସମେତ ସମିତିର ସମସ୍ତ ସଭ୍ୟ ଯଜ୍ଞ କର୍ମ ପରିଚାଳନାରେ ସହଯୋଗ କରିଥିଲେ।



# ବିନା ଫଳକରେ ପୋଲ କାମ, ତଦନ୍ତ ଦାବି

କାଳିପଦା, ୬।୭ (ସମିସ): ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ଖାଲ ମୁହାଁଣୀ ଚଟାଣରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ ହେଉଛି। ଏହି ପୋଲ ନିର୍ମାଣ ପାଇଁ କେତେ ଟାଙ୍କ ମଞ୍ଜୁର ହୋଇଛି, ନିର୍ମାଣର ସମୟ ଅବଧି, କିଏ ଠିକାଦାର ଇତ୍ୟାଦି ସମ୍ପର୍କରେ କିଛି ଜାଣି ହେଉ ନାହିଁ। ପୂର୍ତ୍ତ ଓ ଗୃହ ନିର୍ମାଣ ଯନ୍ତ୍ରୀଙ୍କ ସହିତ ମଧ୍ୟ ଯୋଗାଯୋଗ ହୋଇ ପାରୁନାହିଁ। ପୋଲ କାମ ପୂର୍ବରୁ ପୋଲ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ମରାଯିବା କଥା। ମାତ୍ର ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତ୍ରରାରୁ ଏଭଳି ହୋଇ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। କାମ ଅତି ନିମ୍ନ ମାନର ହୋଇଥିବା ବାରି ହୋଇ ପଡୁଛି। ଏହାର ଏକ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଆଦିବାସୀ ପରିବାର

ଜଳେଶ୍ୱର ବ୍ଲକ, ୬।୭ (ସମିସ)





କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ଲୋକ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଯୋଜନାର ସଫଳତା ନେଇ ସରକାର ଡିଣ୍ଡିମ ପିଟୁଥିଲେ ହେଁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା।

ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ରାଇବଣିଆ ଅଞ୍ଚଳରେ ରହୁଥିବା ୧୪ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଅଧିକାଂଶ ଗ୍ରାମ ପଞ୍ଚାୟତର ୭୦ରୁ ଅଧିକ ଲୋକ ଆଦିବାସୀ ଅଧ୍ୟୁଷିତ ସମ୍ପ୍ରଦାୟରଓ ଗରିବ ଦୀନ ମଜୁରିଆ ଅଶିକ୍ଷିତ ଲୋକ ବସବାସ କରିଥାନ୍ତି। ସେଥିପାଇଁ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆଦିବାସୀ ଅଞ୍ଚଳରେ ନା ଅଛି ପକ୍କା ରାସ୍ତା ନା ଅଛି ସ୍ୱଚ୍ଛ ପିଇବା ପାଣି ନା ପାଇପାରିଛନ୍ତି ମୌଳିକ ଅଧିକାର। ମୁଣ୍ଡ ଉପରେ ପକ୍କା ଘର ପାଲଟି ଯାଇଛି ସାତ ସପନ। ଆଜିବି କିଛି ଆଦିବାସୀ ପରିବାର ଭତ୍ତା କଣ ଆଉ ଏହା କିପରି ଅବେଦନ କରାଯାଏ ତାଙ୍କୁ ଅଜଣା। ରାଇବଣିଆ ଗ୍ରାମପଞ୍ଚାୟତ ବାଉଁଶବଣୀ ଗ୍ରାମର ଖପା ମୁର୍ମୁଙ୍କ ଧର୍ମପତ୍ନୀ ହିଂସ ମୁର୍ମୁ ନିସନ୍ତାନ ହୋଇ ଥିବାରୁ ଏହି ୬୨ ବର୍ଷ ବୃଦ୍ଧା ବୟସରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି କବାଟଘାଟି ଗ୍ରାମର ବିଧବା ପୁଗୁଣି ହାଁସଦା ବୟସ ୭୨ ଟପିବାକୁ ବସିଲାଣି ସେ ମଧ ଭତ୍ତା ପାଇବାରୁ ବଞ୍ଚିତ ଓ କବାଟଘାଟି ଗ୍ରାମର ଦାସ ହେମରମ୍ ମୃତ୍ୟୁ ହେବାର ୧୦ ମାସ ବିତିଯାଇଥିଲେ ମଧ ବିଧବା ପତ୍ନୀ ଚୂଡ଼ାମଣି ହେମରମ୍ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତର ଶିବାନୀ ସିଂ ତାଙ୍କର ପୂର୍ବ ଭୋଟର ପରିଚୟ ପତ୍ରରେ ୧୯୯୪ ବେଳକୁ ୪୦ ବର୍ଷ ହୋଇଥିବା ବେଳେ ୨୦୨୪-୨୫ ବର୍ଷର ଭୋଟର ପରିଚୟ ପତ୍ରରେ ୩୯ ବର୍ଷ ଠିକ ସେହିପରି ଭାଗବତ ହାଂସଦାଙ୍କ ମୃତ୍ୟୁ ପରେ ପତ୍ନୀ ମାୟା ହାଁସଦା ବିଧବା ଭତ୍ତା ୨୦୨୪ ଅଗଷ୍ଟ ମାସରୁ ହୋଇ ଥିଲେ ମଧ ତାଙ୍କୁ ତାଙ୍କ ଭତ୍ତା ନ ଦେଇ ପିଇଓଙ୍କୁ ହାତ ବାଇଶି କରି ସେହି ଗ୍ରାମର ଜଣେ ଜନ ପ୍ରତିନିଧି ତାଙ୍କର ଭତ୍ତାକୁ ଦୀର୍ଘ ଦିନ ଧରି ଉଠାଉ ଥିଲେ। ସେ ଏ ବାବଦରେ ଜାଣିବାକୁ ପାଇ ଖୋଳତାଳ କରିବାରୁ ତାଙ୍କୁ ଏକା ଥରକେ ରାଇବଣିଆ ଗ୍ରାମ ପଞ୍ଚାୟତର ପିଇଓ ବୁଦ୍ଧିମଣି ମାଝୀ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ମାୟାଙ୍କ ପରିବାରର ଏବେ ପୁରୁଷ ଶୁନ୍ୟ ହୋଇ ପଡ଼ିଛି। ବଡ଼ ପୁତ୍ରବଧୂ ୧୨ ବର୍ଷ ହେଲା ବିଧବା, ସାନ ପୁଅ ମଧ ଗୋଟିଏ ମାସ ତଳେ ମୃତ୍ୟୁବରଣ କରିଛି। ଦୁଃଖ ଓ ପରିତାପର ବିଷୟ ସେମାନଙ୍କର ଛୋଟ ଛୋଟ ପିଲା ମାନେ କିପରି ପଢ଼ିବେ ସେ ନେଇ ଚିନ୍ତାରେ ପରିବାର ଲୋକେ। ଅଳ୍ପ ବୟସରେ ବିଧବା ମହିଳାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମାଜ କଲ୍ୟାଣ ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ସହାୟତା ରାଶି ଥିଲେ ମଧ ସେମାନଙ୍କ ଏହା ସମ୍ପୂର୍ଣ୍ଣ ଅଜ୍ଞ। ଯାହା ଫଳରେ ରାଇବଣିଆ ଅଞ୍ଚଳର ଅନେକ ପରିବାର ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେହିପରି ବିଧବା ମହିଳା ମାନଙ୍କୁ ଅନ୍ତୋଦୟ ଗୃହ ଯୋଜନା ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଗୃହ, କିମ୍ବା ରାସନ କାର୍ଡରେ ନାମ ସଂଯୋଗ ଅବା ମହିଳା ମାନଙ୍କୁ ସୁଭଦ୍ରା ଯୋଜନା ସତେ ଯେମିତି ସେମାନଙ୍କ ପାଇଁ ସାତ ସପନ ପାଲଟି ଯାଇଛି। ବିଭିନ୍ନ ସରକାରୀ ସହାୟତା ବାବଦରେ ସାଧାରଣ ଗରିବ ଅଶିକ୍ଷିତ ଆଦିବାସୀଙ୍କ ପାଖରେ ପହଞ୍ଚାଇବାରେ ପ୍ରଶାସନ ବିଫଳ ବୋଲି ରାଇବଣିଆ ଅଞ୍ଚଳର ସାମାଜିକ ସଙ୍ଗଠନ ଆଶାର ଆଲୋକର ସନ୍ତୋଷ କୁମାର ଜେନା, ସମାଜ ସେବୀ ରାଜୀବ ଗିରି, ଆଶିଷ ଘୋଷ, ବାଦଲ ସୋରେନ୍, ସପନ ବିନ୍ଧାଣୀ ପ୍ରମୁଖ ମତ ପ୍ରକାଶ କରିଛନ୍ତି।

ପ୍ରଭୁ ବଳଦେବଜୀଉଙ୍କ ପବିତ୍ର ସୁନାବେଶ

# ଅଳଙ୍କାର ଆଭୂଷିତ, ରଥାରୂଢ ଠାକୁରଙ୍କୁ ଦେଖି ଭକ୍ତ ବିଭୋର



କେନ୍ଦୁଝର, ୬।୭ (ସମିସ):

କେନ୍ଦୁଝରଠାରେ ସର୍ବସମ୍ମତ ପଦ୍ମା ଏକାଦଶୀ ରବିବାର ଦିନ ଆରାଧ୍ୟ ରାଷ୍ଟ୍ରଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ, ଶ୍ରୀ ଶ୍ରୀ ଜଗନ୍ନାଥ ଏବଂ ମାତା ସୁଭଦ୍ରାଙ୍କ ପବିତ୍ର ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତ ରଥାରୂଢ ଶ୍ରୀଜୀଉମାନଙ୍କର ପବିତ୍ର ସୁନାବେଶ ଦର୍ଶନ କରିବାର ଦୁର୍ଲଭ ସୁଯୋଗ ପାଇଥିଲେ। ଭକ୍ତମାନେ ପ୍ରଭୁଙ୍କୁ ସୁନାବେଶରେ ଦେଖି ବିଭୋର୍ ହୋଇଥିଲେ। ସୁଶୃଙ୍ଖଳିତ ଭାବରେ ସମାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମଧ୍ୟାହ୍ନରୁ ଟ୍ରାଫିକ ପରିଚାଳନା କଟକଣା ସହିତ ବନ୍ଦୋବସ୍ତ କରାଯାଇ ଅପରାହ୍ନ ୩ଟାରେ ସୁନାବେଶ ଆରମ୍ଭ ହୋଇଥିଲା। ପ୍ରଭୁଙ୍କର ନୀତି ଓ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଅଧିକାରୀଙ୍କ ବ୍ୟତୀତ ଶ୍ରୀଜୀଉମାନଙ୍କର ସୁନାବେଶ ସମୟରେ ରଥ ଉପରକୁ କୌଣସି ସାଧାରଣ ଭକ୍ତ ଯିବାର ବ୍ୟବସ୍ଥା ନଥିଲା। ରଥ ଚାରିପଟେ କର୍ଡନ କରାଯାଇ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ବଡପଣ୍ଡା, ରାଜପୁରୋହିତ ଏବଂ ବ୍ରହ୍ମା ଏବଂ ବରିଷ୍ଠ ପୂଜକମାନେ ଶ୍ରୀଜୀଉମାନଙ୍କ ସୁନାବେଶ କରାଇଥିଲେ। ରାଜାରାଜୁଡା ସମୟରୁ କେନ୍ଦୁଝରର ଆରାଧ୍ୟ ଶ୍ରୀଜୀଉଙ୍କ ସୁନାବେଶ ହେଉଥିଲା। ପରେ ପୁଣି କୌଣସି କାରଣରୁ ଅନେକ ବର୍ଷଧରି ସୁନାବେଶ ବନ୍ଦ ରହିଥିଲା। ଦୀର୍ଘ ବର୍ଷ ପରେ ୨୦୦୮ରୁ ଏହି ସୁନାବେଶ ଆରମ୍ଭ ହୋଇଥିବାବେଳେ ବଡ଼ ଏକାଦଶୀ ଦିନ ରଥାରୂଢ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ପୂର୍ବରୁ କେନ୍ଦୁଝରର ରାଜନବର୍ଗଙ୍କ ପୃଷ୍ଠପୋଷକତାରେ ସୁନାବେଶ ଅନୁଷ୍ଠିତ ହେଉଥିଲା। ୧୯୭୧ରେ ଏହାକୁ ବନ୍ଦ କରାଯାଇଥିବା କୁହାଯାଏ। ଭାରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦୁଝର ଶାଖାର ଲକର ଏବଂ ଟ୍ରେଜେରିରୁ ଶ୍ରୀଜୀଉଙ୍କ ସୁନା ଅଳଙ୍କାର ବାହାର କରାଯାଇଥିଲା। ଠାକୁରଙ୍କ ୭୩ ପ୍ରକାରର ସୁନା ଅଳଙ୍କାର ଏବଂ ମୂଲ୍ୟବାନ ପଥର ରହିଛି। ସେଥିମଧ୍ୟରୁ ୧୬ ପ୍ରକାରର ଅଳଙ୍କାରରେ ପ୍ରଭୁଙ୍କୁ ଆଭୂଷିତ କରାଯାଉଛି। ଚଳିତବର୍ଷ ୧୬କେଜି ୭୫୦ ଗ୍ରାମ ସୁନା ଏବଂ ୩୦ କେଜି ରୁପା ଅଳଙ୍କାରରେ ଠାକୁର ଆଭୂଷିତ ହୋଇଛନ୍ତି। ଶ୍ରୀ ବଳଭଦ୍ରଙ୍କର ୧୪ଟି ପଥର ଥାଇ ସୁନା ମୁକୁଟ, ଶ୍ରୀ ଜଗନ୍ନାଥଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ଦେବୀ ସୁଭଦ୍ରାଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ପାଞ୍ଚଗୋଟି କିଆପଥର ଥାଇ ସୁନା କିରିଟି, ସୁନାର ମରିଚ ହାର, ସାତଗୋଟି ସୁନାର କିରିଟ ଓ ୫ଗୋଟି ସୁନାର କିରିଟ, ୧୭ଟି ଝରା ସହିତ ଜଗନ୍ନାଥ ଓ ବଳଭଦ୍ରାଙ୍କ ସୁନାପେଟି, ୧୭ଟି ଝରା ସହିତ ସୁଭଦ୍ରାଙ୍କର ସୁନାପେଟି, ଦୁଇଯୋଡା ସୁନା କୁଣ୍ଡଳ, ୫୬ଟି ମୋହର ଓ ୬୦ଟି କଣ୍ଠି ଥାଇ ଗିରିଗୋଲର ହାର, ୫୧ଟି ରୁଦ୍ରାକ୍ଷ ଥାଇ ସୁନା ରୁଦ୍ରାକ୍ଷ ମାଳ, ୫ଗୋଟି କିଆପତ୍ର, ଏକଯୋଡା କୁଣ୍ଡଳ, ଗୋଟିଏ ରୁପା ମୁକୁଟ, ଚାରିଗୋଟି ରୁପା ହାତ, ଚାରିଗୋଟି ରୁପା ଗୋଡ ଓ ଚାରିଗୋଟି ରୁପା ପୟର ଆଦି ଅଳଙ୍କାରରେ ସଜ୍ଜିତ କରାଯାଉଛି। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଏସପି ନିତିନ କୁଶଲକର, ଅତିରିକ୍ତ ଏସ୍‌ପି, ଏସଡିପିଓ, କେନ୍ଦୁଝର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡିଆଇବିଏ ଏସପି, ମାଜିଷ୍ଟ୍ରେଟ, ଟାଉନ ଥାନାଧିକାରୀଙ୍କ ଉପସ୍ଥିତରେ ସୁନାବେଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଥିଲା। ସୁନାବେଶ ଅବସରରେ ବଡଦାଣ୍ଡରେ ଥିବା ଶ୍ରୀ ଶ୍ରୀ ଗୋପାଳଜୀଉ ମଠ ଆନୁକୂଲ୍ୟରେ ରଥାରୂଢ ଶ୍ରୀଜୀଉମାନଙ୍କୁ ରସଗୋଲା ଭୋଗ ରୀତିନୀତି ଅନୁଯାୟୀ ଲାଗି ହୋଇଥିଲା।

ସୂଚନାଯୋଗ୍ୟ ଯେ ଶ୍ରୀ ଜୀଉଙ୍କର ୩୪କିଲୋ ୨୬୫ ଗ୍ରାମ ସୁନା ଗଚ୍ଛିତ ରହିଛି; କିନ୍ତୁ କେତେକ ଗହଣା ଭାଙ୍ଗିରୁଜି ଯାଇଥିବାରୁ କମ ଗହଣା ବ୍ୟବହାର ହେଉଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଉଜ୍ଜ୍ୱଳ ଆଲୋକରେ ଶ୍ରୀଜୀଉଙ୍କର ସୁନାବେଶ ଦର୍ଶନ କରି ବିମୋହିତ ହୋଇଥିଲେ।

## ଶ୍ରୀଦଧିବାମନଜୀଉଙ୍କ ସୁନାବେଶ





ଆନନ୍ଦପୁର, ୬।୭ (ସମିସ): ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉ ବାହୁଡ଼ିବା ପରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ସୁନାବେଶ ଦର୍ଶନରେ ପ୍ରବଳ ଜନସମାଗମ ହୋଇଥିଲା। ନିତିକାନ୍ତି ପରେ ଦିନ ସାଢେ ୧୦ଟାରେ ତିନିଠାକୁରଙ୍କୁ ଏକାଦଶୀ ବ୍ୟଞ୍ଜନ ଲାଗି କରାଯାଇଥିଲା। ରାଜପ୍ରତିନିଧି ସୁଦର୍ଶନ ମିଶ୍ର ରାଜପୁରୋହିତ ଶରତଚନ୍ଦ୍ର ମିଶ୍ର, ଅଜୟ ମହାପାତ୍ର, ପୂଜକ ଜଗବନ୍ଧୁ ଦାଶ, ଯଶୋବନ୍ତ କର, ଜଗତାନନ୍ଦ ମିଶ୍ର, ରବୀନ୍ଦ୍ର କୁମାର ଦାଶ, ଅଜୟ କୁମାର ପଣ୍ଡା ରଥ ଅଧିକାରୀ ଆଶୁତୋଷ ପଟ୍ଟନାୟକ, ସୁଆର ଶଙ୍କର୍ଷଣ ମିଶ୍ର, ବିଶ୍ୱନାଥ ପାତ୍ର, ଲକ୍ଷ୍ମଣ ପାଢ଼ୀ, ବିଷ୍ଣୁପ୍ରସାଦ ଘୋଷ, ଦୁଆରି ଶରତ ମହାରଣା ଓ କମିଟିର ସଦସ୍ୟ ସହଯୋଗ କରିଥିଲେ। ଆନନ୍ଦପୁର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଆନନ୍ଦପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ନୀଳମାଧବ ସୁନା ସହକାରୀ ଜିଲ୍ଲାପାଳ ତପନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ନବଦିନାତ୍ମକକାର୍ଯ୍ୟକ୍ରମ ଓ ସୁନାବେଶ ଶୃଙ୍ଖଳାର ସହିତ ହୋଇଥିଲା। ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ରମାକାନ୍ତ ନାୟକ, ବିଜୟ ସାହୁ, ରାମାୟଣୀ ଅର୍ଜୁନ ମହାନ୍ତି, ସରୋଜ ସାହୁ, ଗଦାଧର ମିଶ୍ର, ଉମାକାନ୍ତ ନାୟକ, ହଲତା ନାୟକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




**ହାଟଡ଼ିହୀ:** ଶ୍ରୀଜୀଉ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଏହାର ଏକ ସ୍ୱର୍ଣ୍ଣମୟୀ ଦୃଶ୍ୟ ହାଟଡ଼ିହୀ ବ୍ଲକ ବଞ୍ଝୋଠାରେ ଦେଖିବାକୁ ମିଳିଛି। ହଜାର ହଜାର ଭକ୍ତଙ୍କ ଗହଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ବଡ଼ ବଳିଆରଭୁଜ ବଳଭଦ୍ର, ମାଆ ସୁଭଦ୍ରା ସୁନା ଅଳଙ୍କାରରେ ଅଳଙ୍କୃତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ପବିତ୍ର ସୁନାବେଶ ଉପଲକ୍ଷେ ପ୍ରାୟ ୨୦ଭରି ସୁନା ଅଳଙ୍କାର ଦ୍ୱାରା ଶ୍ରୀଜୀଉଙ୍କୁ ସାଜଯାଇଥିଲା। ଠାକୁରଙ୍କ ଏହି ଅପରୂପ ଦୃଶ୍ୟକୁ ଦର୍ଶନ କରି ଭକ୍ତମାନେ ଖୁବ ଆନନ୍ଦିତ ହୋଇଛନ୍ତି।

## ବିପର୍ଯ୍ୟସ୍ତ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର







- ଛାତରୁ ଗଳୁଛି ପାଣି; ବିପଦରେ ରୋଗୀ
- ଭାଙ୍ଗିଲା ପାଚେରି, ଅସୁରକ୍ଷିତ ଡାକ୍ତରଙ୍କ ବାସଗୃହ

ତେଲକୋଇ, ୬।୭ (ସମିସ): ଲଘୁଚାପ ଚାପ ଜନିତ ଲଗାଣ ବର୍ଷା ଯୋଗୁଁ ତେଲକୋଇ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ସକାଳ ୮ଟା ସୁଦ୍ଧା ୧୦୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ନଈନାଳର ବନ୍ୟାପାଣି ଦ୍ୱାରା ରାସ୍ତାଘାଟ, ଘରଦ୍ୱାର ନଷ୍ଟ ହୋଇଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଥିରୁ ବାଦ୍ ପଡୁନି। ବିଭିନ୍ନ ସ୍ଥାନରୁ ପାଣି ଗଳିବା ସହିତ ଅନ୍ତଃବିଭାଗ କକ୍ଷଗୁଡ଼ିକର ଛାତରୁ ପାଣି ଗଳୁଛି। ରୋଗୀମାନେ ବିପଜ୍ଜନକ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ରୋଗୀ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହାସହିତ ଡାକ୍ତରମାନଙ୍କ ପାଇଁ ରହିଥିବା ସରକାରୀ ବାସଗୃହରୁ ମଧ୍ୟ ପାଣି ଗଳୁଛି। ଡାକ୍ତରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଝରି ସୁଇଚବୋର୍ଡଗୁଡ଼ିକରେ ପାଣି ପଶିଯାଇଛି। ସୁରକ୍ଷା ପାଚେରି ଲଗାଣ ବର୍ଷାରେ ଭାଙ୍ଗିଯାଇଛି।

ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ମାତ୍ର ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ଏହି ସମସ୍ୟା ପ୍ରତି ବର୍ଷ ଦେଖାଦେଉଛି। ଫଟା କାନ୍ଥ ମରାମତି ତ ଦୂରର କଥା ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପାଇଖାନା ମଧ୍ୟ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ।

ପ୍ରକାଶ ଥାଉକି, ଗତ ବର୍ଷ ଏଭଳି ଛାତରୁ ପାଣି ଗଳିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ ନିଜକୁ ଅସୁରକ୍ଷିତ ମଣି ସମୂହ ଛୁଟିରେ ଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଡାକ୍ତର ବିଧାୟକଙ୍କ କାନରେ ପଡ଼ିଥିଲା। ତାଙ୍କର ହସ୍ତକ୍ଷେପ ପରେ ପୁଣି କାର୍ଯ୍ୟରତ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଇ ରୋଗୀ ସେବା ଯୋଗାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଏହି ସର୍ବନିମ୍ନ ସମସ୍ୟା ସମାଧାନ ହୋଇ ପାରିଲା ନାହିଁ।

## ବୈତରଣୀ ବନ୍ୟାଜଳ ସତର୍କସୀମା ଉପରେ

ଆନନ୍ଦପୁର, ୬।୭ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ଦୁଇ ଦିନଧରି ଝିପି ଝିପି ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇ ଆଜି ରାତି ୮ଟା ସୁଦ୍ଧା ସତର୍କ ସଂକେତ ଅତିକ୍ରମ କରିଛି। ୩୭.୫୦ ମିଟରରେ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଆନନ୍ଦପୁର ବ୍ୟରେଜ ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଉଥିବାରୁ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ବ୍ୟରେଜର ଗେଟ ଖୋଲାଯିବାପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି।

## ଓଏସ୍‌ଆର୍‌ଟିସି ସୁପରଭାଇଜର-କଣ୍ଡକ୍ଟର ବିବାଦ

ହାଟଡ଼ିହୀ, ୬।୭ (ସମିସ): ହାଟଡ଼ିହୀ ବ୍ଲକରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ ସେବାର କର୍ମଚାରୀଙ୍କ ମଧ୍ୟରେ ବିବାଦ ଲାଗିଥିବା ଜଣାଯାଇଛି। ଗତ ୩୦-୬-୨୦୨୫ରେ କଣ୍ଡକ୍ଟର ଉତ୍ତମ କୁମାର ସାହୁ ଟିକେଟ କାଟି ନଥିବାରୁ ସୁପରଭାଇଜର ରାଜକିଶୋର ନାୟକ ସମ୍ପୃକ୍ତ କଣ୍ଡକ୍ଟରକୁ କାର୍ଯ୍ୟରୁ ନିବୃତ୍ତ କରିଥିଲେ। ରବିବାର ଦିନ ପ୍ରାୟ ସାଢ଼େ ୧ଟା ବେଳେ କଣ୍ଡକ୍ଟର ଉତ୍ତମ ଏନେଇ ଫୋନ ଯୋଗେ ସୁପରଭାଇଜର ରାଜକିଶୋରଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ବ୍ଲକ ପରିସର ମଧ୍ୟରେ ବିଡିଓଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ଏନେଇ ସୁପରଭାଇଜର ରାଜକିଶୋର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ଜାଣି କଣ୍ଡକ୍ଟର ଉତ୍ତମ ତାଙ୍କର କିଛି ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ଆପୋଷ ବୁଝାମଣା ପାଇଁ ଚେଷ୍ଟା କରିଥିବା ସୂଚନା ରହିଛି।

## ପାଟଣା ବଜାରରେ ସିରିଜ୍ ଚୋରି

ଘୁରୁମୁଙ୍ଗା, ୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ବଜାରରୁ ସିରିଜ ଚୋରି ହୋଇଛି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରତ୍ନାକର ଦାସଙ୍କ ମହାଲକ୍ଷ୍ମୀ ଇଲେକ୍ଟ୍ରି ଦୋକାନ, ଚିତ୍ତରଞ୍ଜନ ଦାଶଙ୍କ ସାର ଦୋକାନର ଆଜବେଷ୍ଟସ ଓ ରାଜେଶ ସାହୁଙ୍କ ଫାଷ୍ଟଫୁଡ୍ ଦୋକାନରେ କଳା କନା ବୁଲାଇ ଦେଇଛନ୍ତି। ବିଦ୍ୟୁତ୍ ଦୋକାନରୁ ଫ୍ୟାନ, ଗ୍ରାଇଣ୍ଡର ଚୋରି ହୋଇଥିବା ବେଳେ ସାର ଦୋକାନରୁ ନଗଦ ଟଙ୍କା, ଫାଷ୍ଟ ଫୁଡ ଦୋକାନରୁ ଗ୍ୟାସ ସିଲିଣ୍ଡର, ତେଲ, ଅଣ୍ଡା ଆଦି ଚୋରି କରି ନେଇଯାଇଛନ୍ତି ଦୁର୍ବୃତ୍ତ। ଘଟଣାସ୍ଥଳରେ ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ, ଏସ୍‌ଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


## ୫ ଗୋରୁ ଉଦ୍ଧାର

ରାମଚନ୍ଦ୍ରପୁର, ୬।୭ (ସମିସ): ବେଆଇନ ଗୋ-ଚାଲାଣ ବେଳେ ମାଡ଼ି ବସିଲା ରାମଚନ୍ଦ୍ରପୁର ପୁଲିସ। ଗୋରୁ ବୋଝେଇ ଗାଡ଼ି ଜବତ କରାଯାଇଛି। ୫ ଗୋରୁ ଉଦ୍ଧାର ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ମାଫିଆ ଫେରାର ହୋଇଯାଇଛି। ଗୋଟିଏ ଡାଲା ଅଟୋରେ ଯାଜପୁର କୋରେଇ ଅଞ୍ଚଳରୁ ଗୋରୁ ବୋଝେଇ କରି ୨୦ନମ୍ବର ଜାତୀୟ ରାଜପଥ ଦେଇ ମୟୂରଭଞ୍ଜ ଅଞ୍ଚଳକୁ ରବିବାର ସକାଳୁ ଚାଲାଣ ହେଉଥିଲା। ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ସୁଆଁପଦା ଛକ ନିକଟରୁ ଗୋରୁ ବୋଝେଇ ଗାଡ଼ିକୁ ମାଡ଼ି ବସିଥିଲା। ପରେ ଉଦ୍ଧାର ଗୋରୁଙ୍କୁ ବିଭିନ୍ନ ଗୋଶାଳାଙ୍କୁ ସ୍ଥାନାନ୍ତର କରାଯାଇଛି।

## ଘରେ ପଶି ଡକାୟତି

ମୋରଡ଼ା, ୬।୭ (ସମିସ): ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ଡୁଙ୍ଗୁରିସାହିର ସମାଇ ମାରାଣ୍ଡିଙ୍କ ଘରେ ୪ଜଣ ଦୁର୍ବୃତ୍ତ ଦିନ ଦ୍ୱିପ୍ରହରରେ ଘରେ ପଶି ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୨୦ହଜାର ଟଙ୍କା ଡକାୟତି କରି ନେଇଯାଇଥିବାର ଜଣାପଡିଛି। ସମାଇ ବିରୋଧ କରିବାରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଧମକ ଦେବା ସହିତ ତାଙ୍କ ଘରୁ ଦୁଇ ହଳ ସୁନା କାନ ଫୁଲ, ଗୋଟିଏ ହଳ ମଙ୍ଗଳ ସୂତ୍ର ଏବଂ ଟଙ୍କା ନେଇ ଚାରିଜଣ ଯାକ ବାଇକରେ ଚମ୍ପଟ ମାରିଥିବା କଥା ସେ ପ୍ରକାଶ କରିଛନ୍ତି। କିଛିଦିନ ପୂର୍ବେ ଭାଲୁଘେରା ଗାଁରେ ଏହିପରି ଘଟଣା ଘଟିଥିବା ସେ କହିଥିଲେ।

## ମହାପ୍ରଭୁଙ୍କ ସୁନାବେଶ ପାଇଁ ସୁନା ଚିତା ଦାନ



ବେତନଟୀ, ୬।୭ (ସମିସ): ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ବେତନଟୀର ଶ୍ରୀଜଗନ୍ନାଥ ମନ୍ଦିରରେ ସବାଇ ଓ ଶାଳପତ୍ର ବ୍ୟବସାୟୀ ସଂଘ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସୁନାବେଶ ପାଇଁ ସୁନାଚିତା ଦାନ କରିଛନ୍ତି। ଏହି ଦାନ ମନ୍ଦିରର ସଭାପତିଙ୍କୁ ମୁକ୍ତ ହସ୍ତରେ ପ୍ରଦାନ କରାଯାଇଛି। ଯାହା ସ୍ଥାନୀୟ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ସଞ୍ଚାର କରିଛି। ସୁନାବେଶ ହେଉଛି ମହାପ୍ରଭୁଙ୍କ ଏକ ଦିବ୍ୟ ଓ ମହିମାମୟ ରୀତି, ଯେଉଁଥିରେ ତ୍ରିମୂର୍ତ୍ତିଙ୍କୁ ସୁନା ଓ ରତ୍ନଖଚିତ ଅଳଙ୍କାରରେ ସଜ୍ଜିତ କରାଯାଇଥାଏ। ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଏହି ମହତ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ଏହି ଦାନ ପାଇଁ ସଙ୍ଘକୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। କମିଟିର ଜଣେ ପ୍ରତିନିଧି କହିଛନ୍ତି, "ଏହି ଦାନ ସୁନାବେଶକୁ ଆହୁରି ଭବ୍ୟ କରିବ ଓ ଆମ ସମୁଦାୟର ଏକତାକୁ ପ୍ରତିଫଳିତ କରୁଛି। ଏହି ଦାନ ବେତନଟୀର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ସମୃଦ୍ଧ କରିବ।

## ବାରିପଦାରେ ମହରମ ପର୍ବ ପାଳିତ

ବାରିପଦା, ୬।୭ (ସମିସ): ମୁସଲିମ ସମ୍ପ୍ରଦାୟର ପବିତ୍ର ମହରମ ପର୍ବ ପାଳନ ଅବସରରେ ବାରିପଦା ସହରରେ ବାଡ଼ି ଖେଳ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ମହରମ ପର୍ବକୁ ନେଇ ଧୁମଧାମରେ ପାଳନ ଉତ୍ସବ ଦେଖିବାକୁ ମିଳିଛି। ମୁସଲମାନ ଭାଇ ଓ ଭଉଣୀମାନେ ଆନନ୍ଦ ଉଲ୍ଲାସର ସହିତ ମହରମ ପର୍ବକୁ ପାଳନ କରିଛନ୍ତି। ସହରର ବିଭିନ୍ନ ମସଜିଦମାନଙ୍କରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ୍ ପାଠ କରିଥିଲେ। ଏଥିପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଧର୍ମାଲମ୍ବୀ ମାନେ ବିଭିନ୍ନ ଦଳକୁ ନେଇ ସହରରେ ବାଡ଼ି ଖେଳ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡପଡ଼ିଆ ଆଦି ବିଭିନ୍ନ ମସଜିଦମାନଙ୍କ ଦଳ ବାଡ଼ି ଖେଳ କରି ଲାଲବଜାର ସ୍ଥିତ ମସଜିଦରେ ସମ୍ମିଳିତ ହୋଇଥିଲେ। ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକମାନେ ମହରମ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଛନ୍ତି। ପର୍ବକୁ ନେଇ ଶାନ୍ତିଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ଶୋଭାଯାତ୍ରା ରୁଟ୍ ଅନୁମତି ଦେବା ବେଳେ ଟ୍ରାଫିକ ସମସ୍ୟାକୁ ଅଣଦେଖା କରାଯାଇଥିବାରୁ ଅସନ୍ତୋଷ ଉପୁଜିଥିଲା।

● ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା

## ଅଂଶଗ୍ରହଣ କରିବେ ଶିବାନୀ ଓ ରଘୁବୀର

ବାରିପଦା, ୬।୭ (ସମିସ): ସ୍ଥାନୀୟ ତକତପୁର ନିକଟ ମହାରାଜପୁରସ୍ଥିତ ଓଆରଡି କେନ୍ଦ୍ରର ୨ଜଣ ପ୍ରତିଯୋଗୀ ଓଡ଼ିଶା ଯୋଗ ଆସୋସିଏସନ, କଟକ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର, ବାରିପଦା ଷ୍ଟାଡିୟମ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ



କୃତିତ୍ୱ ହାସଲ କରିଥିବାରୁ ସେମାନେ ଏହି ସୁଯୋଗ ପାଇଛନ୍ତି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସାଇ ପ୍ରକାଶ ମହାନ୍ତି ଜଣାଇଛନ୍ତି। ଉଭୟେ ବାପ ଛେଉଣ୍ଡ ହୋଇଥିବା ବେଳେ ଜଣେ ୪ର୍ଥ ଶ୍ରେଣୀରେ ଭଲ ପାଠ ପଢୁଥିବା ଶିବାନୀ ସିଂ ଏବଂ ଅନ୍ୟ ଜଣକ ୩ୟ ଶ୍ରେଣୀର ମେଧାବୀ ଛାତ୍ର ରଘୁବୀର ବିନ୍ଧାଣି। ପ୍ରଥମ ଥର ପାଇଁ ରାଜ୍ୟସ୍ତରରେ ଅଂଶଗ୍ରହଣ କରୁଥିବାରୁ ଉଭୟେ ବେଶ୍ ଉତ୍ସାହିତ ଅଛନ୍ତି ଏବଂ ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମହାନ୍ତି ଆଶାବାଦୀ ଅଛନ୍ତି। ପାଠ ସହିତ ଶିବାନୀଙ୍କ ନୃତ୍ୟରେ ଓ ରଘୁବୀରଙ୍କ ନେତୃତ୍ୱ ନେବାରେ ଭଲ ଦକ୍ଷତା ରହିଛି। ଅନୁଷ୍ଠାନରେ ରହୁଥିବା ପ୍ରାୟ ୪୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନେକ ଅନାଥ କିମ୍ବା ପିତା ବା ମାତାଙ୍କୁ ହରାଇଥିବା ପିଲା ରହିଛନ୍ତି। ମାତ୍ର ସେମାନଙ୍କ ମଧ୍ୟରେ ପ୍ରତିଭା ରହିଛି; କେବଳ ସୁଯୋଗ ଦରକାର। ସେମାନେ ଅନୁଷ୍ଠାନ ଭିତରେ ଥିବା ଅଭିରାମ ପରମହଂସ ବେଦ ବେଦାନ୍ତ ବିଦ୍ୟାଳୟରେ ପାଠ ପଢ଼ନ୍ତି। ନିକଟରେ ଜାତୀୟ ନାଟ୍ୟ ବିଦ୍ୟାଳୟ, ଦିଲ୍ଲୀ ଆନୁକୂଲ୍ୟରେ ଆୟୋଜିତ ନାଟକରେ ଅଭିନୟ କରି ବେଶ ପ୍ରଶଂସିତ ହୋଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଉଦଳା, ୬।୭ (ସମିସ): ଉଦଳା ସନ୍ଧାନଗୃହରେ ୨୦୨୪-୨୫ ମସିହାର ଅବସରପ୍ରାପ୍ତ ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମକୁ ଉଦଳା ସମନ୍ୱିତ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ଆୟୋଜନ କରିଥିଲେ। ଉଦଳା ନିର୍ବାଚନମଣ୍ଡଳୀର ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀ ମଞ୍ଜରୀ ପଣ୍ଡା, ଜିଲ୍ଲା ସମନ୍ୱୟ ସଂଘର ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲ୍ଲା ସଂଘର ସଭାପତି ହରେକୃଷ୍ଣ ବାରିକ, ଜିଲ୍ଲା ବହୁଭାଷୀ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର ସୋରେନ, ବ୍ଲକ ଏକ୍ସ-କ୍ୟାଡର ସଂଘର ସଭାପତି ଶାନ୍ତନୁ ନାୟକ, ନୂତନ ପେନସନ ଭୁକ୍ତ ସଂଘର ଉପଦେଷ୍ଟା ରଜତ କୁମାର ମହାପାତ୍ର ଓ ଦୀପକ ଦାସ ଉପସ୍ଥିତ ଥିଲେ। ସଂଘର ସଭାପତି ବିରେନ୍ଦ୍ର ନାଥ ମଢ଼େଇ ସଭାର ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଲାଲ୍‌ମୋହନ ମାର୍ଣ୍ଡି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସଭାଗୃହ ନିମନ୍ତେ ଦେବା ପାଇଁ ବିଧାୟକ ଘୋଷଣା କରିଥିଲେ। ବିଦାୟ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହିତ ଗୋଟିଏ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ଶେଷରେ ସଂଘର ସଭ୍ୟ ଦୈତାରୀ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଦ୍ୟାଶା ଦାସ, ମୀନାକ୍ଷୀ ମିଶ୍ର, ଅସୀମା ଅରୁନ୍ଧତୀ, ବୈଶାଖି ସାହୁ, ପ୍ରଜ୍ଞା ଦାସ ବାବୁ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଅଜୟ ପଣ୍ଡା, ପ୍ରଭାତ ଶଙ୍ଖୁଆ, ନବିନ ହେମ୍ବ୍ରମ, ରମେଶ ଚନ୍ଦ୍ର ସାହୁ, ରମେଶ ଖଣ୍ଡେଇ, ନରୋତ୍ତମ ପ୍ରଧାନ, ଭାଦୁଚନ୍ଦ୍ର ହେମ୍ବ୍ରମ, ଶାନ୍ତନ ଦାସ, ଛତିଶ ବେହେରା, ଆଲୋକ ପରିଡା, ପ୍ରଶାନ୍ତ ଜେନା, ଫକୀର ମୋହନ ସିଂ ଓ ସୁଧାଂଶୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆଜିଠୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତିବାଦ

ବାରିପଦା, ୬।୭ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ସୋମବାରରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ। ଏନେଇ ଓଡ଼ିଶା



ରାଜସ୍ୱ ଅମଲା ସଂଘର ରାଜ୍ୟ କମିଟି ନିଷ୍ପତ୍ତିକ୍ରମେ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଅଧ୍ୟକ୍ଷ କପିଳାସ ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଆୟୋଜିତ ହୋଇଥିଲା। ବାରମ୍ବାର ଦାବି ଉପସ୍ଥାପନ କରିବା ସତ୍ତ୍ୱେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବି ପୂରଣ କରୁନାହାଁନ୍ତି। କିଛିଦିନ ପୂର୍ବେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଯାହାକୁ ନେଇ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସଂଘର ଆଲୋଚନା ହୋଇଛି। କିନ୍ତୁ ବାରମ୍ବାର ପର୍ଯ୍ୟାଲୋଚନା ପରେ ମଧ୍ୟ ଫଳଶୂନ୍ୟ ରହିଛି। ଏହି ପରିପ୍ରେକ୍ଷୀରେ, ଜୁଲାଇ ୭ରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟକରିବେ। ଏହାସତ୍ତ୍ୱେ ଯଦି ରାଜ୍ୟ ସରକାର ଦାବିଗୁଡିକ ପୂରଣ ନ କରିବେ ତେବେ ଜୁଲାଇ ୧୪ରୁ ସମୂହ ଛୁଟିରେ ଯାଇ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

ରାଇରଙ୍ଗପୁରର ପ୍ରସିଦ୍ଧ ଦୁଇ ଦିବସୀୟ ବାହୁଡ଼ାଯାତ୍ରା ସମ୍ପନ୍ନ

# ବର୍ଷାରେ ଭିଜି ରଥ ଟାଣିଲେ ୬୦ ହଜାର ଭକ୍ତ

ରାଇରଙ୍ଗପୁର, ୬।୭ (ସମିସ):

ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ରାଇରଙ୍ଗପୁରର ପ୍ରସିଦ୍ଧ ୩୮ତମ ଦୁଇ ଦିବସୀୟ ବାହୁଡ଼ାଯାତ୍ରା ଆନନ୍ଦ ଉଲ୍ଲାସରେ ସମ୍ପନ୍ନ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ମାଉସୀ ମା'ର ମନ୍ଦିରରେ ରୀତିନୀତି ଅନୁସାରେ ମୁଖ୍ୟ ପୂଜକ ଦେବବ୍ରତ ରଥ ମହାପାତ୍ର ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପୂଜା ସମ୍ପନ୍ନପରେ ଚତୁର୍ଦ୍ଧାମୂର୍ତିଙ୍କ ପହଣ୍ଡି ଓ ରଥାରୂଢ଼ କରାଯାଇଥିଲା। ଜୟ ଜଗନ୍ନାଥ, ହୁଳହୁଳି ଘଣ୍ଟ, ଘଣ୍ଟି, ହରିରାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ଅପରାହ୍ନରେ ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପନ୍ନ ହେବାପରେ ମାଉସୀ ମା'ର ମନ୍ଦିରରୁ ସାହୁଲଜ୍ ପର୍ଯ୍ୟନ୍ତ ପୁରୁଷଙ୍କ ଦ୍ୱାରା ରଥଟଣା ଆରମ୍ଭ ହୋଇ ୬ଟା ୪୦ରେ ସମ୍ପନ୍ନ ହୋଇଥିଲା। ପ୍ରବଳ ବର୍ଷାକୁ ଖାତିର ନ କରି ୩୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟାରେ ଆଳତୀ ଦର୍ଶନ ପରେ ମହାପ୍ରଭୁଙ୍କ ସାହାଣମେଳା ଲାଗିଥିଲା। ରବିବାର ଦିତୀୟ ଦିବସରେ ସକାଳୁ ଅପରାହ୍ନ



୨ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା ପାଇଁ ଠାକୁରଙ୍କ ପାଖରେ ଗହଳି ଲାଗି ରହିଥିଲା। ଡାହୁକ କୃଷ୍ଣବିହାରୀ ମହାନ୍ତି ଏବଂ ଯୁବ ଡାହୁକ ଅଭିଷେକ ମହାନ୍ତିଙ୍କ ଆକର୍ଷଣୀୟ ଡାକ ଧ୍ୱନୀରେ ମହିଳାମାନେ ରଥକୁ ଟାଣି ଟାଣି ନେଇଥିଲେ। ସାହୁଲଜ୍ ସମ୍ମୁଖରୁ ଜଗନ୍ନାଥ ମାର୍କେଟ ରଥଖଳା ପର୍ଯ୍ୟନ୍ତ ରଥକୁ ଟାଣି ପହଞ୍ଚାଇଥିଲେ। ରଥଯାତ୍ରାର ଅନ୍ତିମ ଦିନରେ ୬୦ହଜାରରୁ ଅଧିକ ଶ୍ରଦ୍ଧାଳୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ରାଇରଙ୍ଗପୁର ଆଖପାଖ ଅଞ୍ଚଳରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ଛୁଟି ଆସିଥିଲେ। ଶ୍ରଦ୍ଧାଳୁଙ୍କୁ ମାରୱାଡି ମଞ୍ଚ, ରାଇରଙ୍ଗପୁର ବ୍ୟାଡମିଣ୍ଟନ କ୍ଲବ, ୨୦୦୭ ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ମାଟ୍ରିକ୍ ବ୍ୟାଚ୍ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଥ କମିଟି ଅଧ୍ୟକ୍ଷ ସାଂସଦ ନବଚରଣ ମାଝୀ, ବିଧାୟକ ଜଲେନ ନାଏକ, ଦେବୋତ୍ତୋର କମିଟି ଅଧ୍ୟକ୍ଷ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ପିଡି ଧର୍ମାନନ୍ଦ ବେହେରା, ସାଂସଦ ପ୍ରତିନିଧି ନବୀନ ରାମ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସଡିପିଓ ଗୋକୁଳାନନ୍ଦ ସାହୁ, ଡିଏଫଓ ଶିବପ୍ରସାଦ ରଥ, ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ପୁଲିସ ଫୋର୍ସ ରାଇରଙ୍ଗପୁର ଏସଡିଏମଓ, ଅଗ୍ନିଶମ ବିଭାଗ, ଅଧିକାରୀ, ରଥ କମିଟି ସଦସ୍ୟ ବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହ ରଥ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଆଷାଢ଼ ଶୁକ୍ଳ ହରିଶୟନ ଏକାଦଶୀ ପଡିଥିବାରୁ ଦେବୋତ୍ତର ବିଭାଗ ତରଫରୁ ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ।

# ସୁପ୍ରିମକୋର୍ଟରେ ବିହାର ଭୋଟର ତାଲିକା ବିବାଦ

ନୂଆଦିଲ୍ଲୀ,୬ ।୭ (ଏଜେନ୍ସି): ବିହାରରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ନୂଆ ସଂଘର୍ଷ ଆରମ୍ଭ ହୋଇଛି । ଭୋଟର ତାଲିକାର ଯାଞ୍ଚକୁ ନେଇ ଆରମ୍ଭ ହୋଇଛି ଏହି ସଂଘର୍ଷ । ଭୋଟର ତାଲିକା ଯାଞ୍ଚ୍ ପ୍ରକ୍ରିୟାକୁ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ବିରୋଧକରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଆଧାର କାର୍ଡକୁ ବୈଧ ପରିଚୟ ପତ୍ର ଭାବେ ମାନ୍ୟତା ମିଳିଥିବା ବେଳେ ନିର୍ବାଚନ କମିଶନ ଏହାକୁ ଭୋଟର ତାଲିକା ଯାଞ୍ଚ୍ ବେଳେ ପରିଚୟ ପତ୍ର ଭାବେ ଗ୍ରହଣ କରିନାହିଁ । ଏ ନେଇ ପ୍ରକାଶିତ ହୋଇଥିବା ତାଲିକାରେ ଆଧାର କାର୍ଡକୁ ସାମିଲ କରାଯାଇନାହିଁ । ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛି । ଏ ନେଇ ମହୁଆ ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୨ ଅନୁସାରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି । ଜୁନ୍ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶକୁ ରଦ୍ଦ କରିବାକୁ ଏଥିରେ ଦାବି କରାଯାଇଛି । କମିଶନଙ୍କ ଆଦେଶ ସମ୍ବିଧାନ ଅନୁଚ୍ଛେଦର ଉଲ୍ଲଂଘନ ବୋଲି ମହୁଆ ଆବେଦନରେ ଉଲ୍ଲେଖ କରାଯାଇଛି । ପୂର୍ବରୁ ଏକାଧିକ ବାର ମତଦାନ କରିଥିବା ବ୍ୟକ୍ତିଙ୍କୁ ଏଥର ନାଗରିକତା ପ୍ରମାଣ କରିବାକୁ ପରୋକ୍ଷରେ କୁହାଯାଉଛି । ତେଣେ କମିଶନ ଏହି ପ୍ରକ୍ରିୟାକୁ ଅନ୍ୟ ରାଜ୍ୟରେ ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ତେଣୁ ବିରୋଧୀ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି । ସେପଟେ ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ମଧ୍ୟ ଏହି ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରାସ୍ଥ ହୋଇଛି । ଏହାଦ୍ୱାରା ବିହାରରେ ଲକ୍ଷାଧିକ ଲୋକ ମତଦାନରୁ ବଞ୍ଚିତ ହେବେ ବୋଲି ଏଡିଆର ତାର ଆବେଦନରେ ଉଲ୍ଲେଖ କରିଛି । ଏହା ମଧ୍ୟରେ ଆରଜେଡି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଆରଜେଡି ଏମ୍‌ପି ମନୋଜ ଝା କମିଶନଙ୍କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି । ପିପୁଲ୍ସ ୟୁନିଅନ ଫର ସିଭିଲି ଲିବରଟିଜ୍ (ପିୟୁସିଏଲ୍) ଭଳି ରାଜ୍ୟର ଏକାଧିକ ସିଭିଲ ସୋସାଇଟି ଗ୍ରୁପ୍ ଓ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଯୁଦ୍ଧ ପରେ ପ୍ରଥମଥର ପାଇଁ ସାମ୍ନାକୁ ଆସିଲେ ଖାମ୍‌ନେଇ

ତେହେରାନ୍,୬ ।୭ (ଏଜେନ୍ସି): ଇସ୍ରାଏଲ ବିପକ୍ଷ ଯୁଦ୍ଧର ପାଖାପାଖି ମାସେ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇ ପ୍ରଥମଥର ପାଇଁ ସର୍ବସମ୍ମୁଖରେ ଦେଖା ଦେଇଛନ୍ତି । ରାଜଧାନୀ ତେହେରାନ୍‌ରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ସମସ୍ତଙ୍କ ସାମ୍ନାକୁ ଆସିଛନ୍ତି । ସେ ମୁସଲମାନଙ୍କ ସିୟା ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟରେ ଯୋଗ ଦେବା ସହ ସମର୍ଥକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ । ୮୬ ବର୍ଷୀୟ ଖାମନେଇଙ୍କୁ ନିଜ ଗହଣରେ ପାଇ ସମର୍ଥକମାନେ ବେଶ୍ ଉତ୍ସାହିତ ହେବା ସହ ତାଙ୍କ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ । ଆମ ଧମନୀ ତଥା ଶିରାପ୍ରସିରାରେ ଖାମନେଇଙ୍କ ପାଇଁ ରକ୍ତ ପ୍ରବାହିତ ହେଉଛି ବୋଲି ସମର୍ଥକମାନେ ସ୍ଲୋଗାନ ଦେଇ କହିଥିଲେ । ଇସ୍ରାଏଲ ଓ ଇରାନ ମଧ୍ୟରେ ୧୨ ଦିନର ଯୁଦ୍ଧ ଅବସରରେ ସେ ନିରାପଦ ସ୍ଥାନରେ ଲୁଚି ରହିଥିଲେ ।

## ବ୍ରିଟିଶ୍ ଜେଟ୍‌କୁ ସଜାଡ଼ିବା ପାଇଁ ଆସିଲେ ୪୦ ଇଞ୍ଜିନିୟର

ତିରୁଅନନ୍ତପୁରମ,୬ ।୭ (ଏଜେନ୍ସି): ବ୍ରିଟିଶ ଫାଇଟର ଜେଟ୍ ଏଫ୍-୩୫ ଠିକ୍ କରିବା ପାଇଁ ବ୍ରିଟେନରୁ ୪୦ ଇଞ୍ଜିନିୟର ରବିବାର ଭାରତ ପହଞ୍ଚିଛନ୍ତି । ବିମାନକୁ ଏଠାରେ ସଜାଡ଼ାଯିବ କି ବ୍ରିଟେନ ନିଆଯିବ ସେ ନେଇ ଇଞ୍ଜିନିୟରଙ୍କ ଏହି ଦଳ ନିଷ୍ପତ୍ତି ନେବ । ଜୁଲାଇ ୨ରେ ଏହି ଦଳ ଭାରତ ଆସିବାର କାର୍ଯ୍ୟକ୍ରମ ଥିଲା । ଜୁନ୍ ୧୪ରେ ଏହି ଫାଇଟର ଜେଟ୍ କେରଳର ତିରୁଅନନ୍ତପୁରମ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଥିଲା । ଅବତରଣ ପରେ ବିମାନରେ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଏହି ବିମାନ ଫେରିପାରି ନଥିଲା । ଗତ ୧୩ ଦିନ ହେବ ୯୧୮ କୋଟିର ଏହି ବିମାନ ଏୟାରପୋର୍ଟରେ ଛିଡା ହୋଇଛି ।

## ଦଲାଇଲାମା ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ: ଚୀନ୍

ନୂଆଦିଲ୍ଲୀ,୬ ।୭ (ଏଜେନ୍ସି): ବୌଦ୍ଧ ଧର୍ମଗୁରୁ ଦଲାଇଲାମା ତାଙ୍କର ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ । ଏହି କଥା କହିଛନ୍ତି ଭାରତରେ ଅବସ୍ଥାପିତ ଚୀନ୍ ରାଜଦୂତ ସୁ ଫେଇହୋଙ୍ଗ୍ । ସେ କହିଛନ୍ତି ଯେ, ୧୪ତମ ଦଲାଇଲାମା ଐତିହାସିକ ଓ ଧାର୍ମିକ ପରମ୍ପରାର ଅଂଶବିଶେଷ । ‘ଦଲାଇଲାମାଙ୍କ ପୁନର୍ଜନ୍ମ ତାଙ୍କଠାରୁ ଆରମ୍ଭ ହୋଇ ନ ଥିଲା ବା ତାଙ୍କ ପାଇଁ ଶେଷ ମଧ୍ୟ ହୋଇପାରିବ ନାହିଁ । ପରମ୍ପରା ଜାରି ରଖିବା ବା ଶେଷ କରିବା କାର୍ଯ୍ୟ ଦଲାଇଲାମାଙ୍କ ହାତରେ ନାହିଁ । ପୁନର୍ଜନ୍ମ ପରମ୍ପରା ନେଇ ସେ ଏକା ନିଷ୍ପତ୍ତି ନେଇପାରିବେ ନାହିଁ ।

## ହତ୍ୟା ମାମଲାରେ ଆପ୍ ବିଧାୟକ ଗିରଫ

ଅହମଦାବାଦ୍,୬ ।୭ (ଏଜେନ୍ସି): ହତ୍ୟା ଉଦ୍ୟମ ମାମଲାରେ ଗୁଜରାଟର ଆପ୍ ବିଧାୟକ ଚଇତାର ଭସଭା ଗିରଫ ହୋଇଛନ୍ତି । ନର୍ମଦା ଜିଲ୍ଲାର ଦେଡିଆପଡାର ତଲୁକା ପଞ୍ଚାୟତର ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ପୁଲିସ ଗିରଫ କରିଛି । ଶନିବାର ସନ୍ଧ୍ୟାରେ ଏକ ବୈଠକରେ ଯୁକ୍ତିତର୍କ ତଥା କଥା କଟାକଟି ହେବା ପରେ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ କୋର୍ଡିନେସନ କମିଟିରେ ତାଙ୍କ ନୋମିନିଙ୍କୁ ସ୍ଥାନ ନ ମିଳିବାର ଭସଭା ଉତ୍କ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ ବୋଲି ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଛି । ସେପଟେ ଏହି ଗିରଫଦାରୀକୁ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ନିନ୍ଦା କରିଛନ୍ତି ।

## କ୍ରାଇମ୍ କ୍ୟାପିଟାଲରେ ପରିଣତ ହେଲାଣି ପାଟନା: ରାହୁଲ

ନୂଆଦିଲ୍ଲୀ, ୬ ।୭ (ଏଜେନ୍ସି): ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟା ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାରର ନୀତୀଶ କୁମାରଙ୍କ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି । ରାଜଧାନୀ ପାଟନା ଏବେ କ୍ରାଇମ୍ କ୍ୟାପିଟାଲରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । ଏନଡିଏ ସରକାର ପାଟନାକୁ ଅପରାଧିଙ୍କ ଚରାଭୂଇଁରେ ପରିଣତ କରି ଦେଇଛନ୍ତି । ବିହାରରେ ବର୍ତ୍ତମାନ ଲୁଟ୍, ଗୁଳି ଚାଳନା, ହତ୍ୟା ସାଧାରଣ ଅପରାଧରେ ପରିଣତ ହୋଇଛି । ଅପରାଧକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ରାହୁଲ କହିଛନ୍ତି । ଉଲ୍ଲେଖଥାଉ କି, ମଗଧ ହସ୍ପିଟାଲର ମାଲିକ ଗୋପାଳ ଖେମ୍‌କାଙ୍କୁ ଶୁକ୍ରବାର ରାତି ୧୧.୪୦ରେ ନିଜ ଆପାର୍ଟମେଣ୍ଟର ଗେଟ୍ ସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା । ଏହାକୁ ନେଇ ବିହାରରେ ହଇଚଇ ସୃଷ୍ଟି ହୋଇଛି ।



# ଟ୍ରମ୍ପଙ୍କୁ ଖୋଲା ଚ୍ୟାଲେଞ୍ଜ ଦଳ ଗଢ଼ିଲେ ଏଲନ୍ ମସ୍କ

**ରିପବ୍ଲିକାନ୍ ଓ ଡେମୋକ୍ରାଟ୍ ଉଭୟ ଭ୍ରଷ୍ଟ**
**୨ ଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବ ଆମେରିକା ପାର୍ଟି**

ୱାଶିଂଟନ, ୬।୭ (ଏଜେନ୍ସି): ବ୍ୟବସାୟ, ରାଜନୀତି, ନେତାଙ୍କୁ ସମର୍ଥନ, ମନ୍ତ୍ରୀପଦ, ସରକାରୀ ନିଷ୍ପତ୍ତିକୁ ବିରୋଧ, ବିବାଦ, ଇସ୍ତଫା ପରେ ପୁଣି ରାଜନୀତିରେ ସାମିଲ ହେବା ଘଟଣା ଆମେରିକାରେ ଚହଳ ପକାଇ ଦେଇଛି । ଶିଳ୍ପପତି ଏଲନ ମସ୍କଙ୍କ ସହ ଏଭଳି ଘଟଣା ଘଟିଛି । ବନ୍ଧୁତା ବଇରୀ ପାଲଟି ଯାଇଛି । ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ କରି ଆର୍ଥିକ ସହାୟତା ଦେଇଥିବା ମସ୍କ ବିବାଦ ପରେ ରାଷ୍ଟ୍ରପତିଙ୍କ ଠାରୁ ଦୂରେଇ ଯାଇଛନ୍ତି । ଶତ୍ରୁତା ଏତେ ବଢ଼ି ଯାଇଛି ଯେ ଖୋଲାଖୋଲି ଭାବେ ଟ୍ରମ୍ପଙ୍କୁ ବିରୋଧ କରି କ୍ଷମା ମାଗିବାକୁ ପଛାଇ ନାହାନ୍ତି । ଟ୍ରମ୍ପ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି । ଟେସ୍‌ଲା ମାଲିକଙ୍କୁ ଦକ୍ଷିଣ ଆଫ୍ରିକା ପଠାଇ ଦେବେ ବୋଲି ମଧ୍ୟ କହିଛନ୍ତି । ଏପରି ସମୟରେ ଆମେରିକା ରାଷ୍ଟ୍ରପତିଙ୍କୁ ଜବାବ ଦେବା ଲାଗି ଅରବପତି ଏଲନ ମସ୍କ ଶନିବାର ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି । ସେ ଏହାର ନାମ ‘ଆମେରିକା ପାର୍ଟି’ ରଖିଛନ୍ତି । ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସରେ ମସ୍କ ଏହି ସୂଚନା ଦେଇଛନ୍ତି ।

ମସ୍କ ଏହି ଘୋଷଣା କରି ଦେଶର ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ସେ ଦେଶରେ ଏକ ଦଳୀୟ ବ୍ୟବସ୍ଥା ଚାଲିଥିବା ଉଲ୍ଲେଖ କରିଛନ୍ତି । ଆମେ ଗଣତନ୍ତ୍ରରେ ନୁହେଁ, ବରଂ ଏକ ଦଳୀୟ ବ୍ୟବସ୍ଥାରେ ରହୁଛେ । ଦେଶକୁ ବର୍‌ବାଦ କରି ଦେବାଳିଆ କରିଦିଆଯାଉଛି । ଏବେ ଆମେ ଏକଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବାକୁ ଯାଉଛୁ । ମସ୍କ ଘୋଷଣା କରିଛନ୍ତି ଯେ ଆଜି ଆମେରିକା ପାର୍ଟି ଗଠନ କରାଯାଇଛି । ଲୋକଙ୍କୁ ପୁଣିଥରେ ସ୍ୱାଧୀନତା ଫେରାଇ ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି । ଏହାକୁ ନେଇ ସେ ଏକ୍ସରେ ସର୍ଭେ ମଧ୍ୟ କରିଥିଲେ । ଏଥିରୁ ୬୬% ଲୋକ ନୂଆ ରାଜନୈତିକ ଦଳ ଚାହୁଁଥିବା ଜଣାପଡ଼ିଛି । ଏବେ ଲୋକଙ୍କ ଇଚ୍ଛା ପୂରଣ ହେବ । ରପବ୍ଲିକାନ ଏବଂ ଡେମୋକ୍ରାଟ ପାର୍ଟି ଆମେରିକାକୁ ବର୍‌ବାଦ ଏବଂ ଦୁର୍ନୀତିର ଗନ୍ତାଘର କରିଦେଇଛନ୍ତି । ଏବେ ଦେଶକୁ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ମିଳିବ । ଟ୍ରମ୍ପଙ୍କ ସହ ବିବାଦ ମଧ୍ୟରେ ମସ୍କ ଏଭଳି ଘୋଷଣା କରିଛନ୍ତି ।

ଏହା ପୂର୍ବରୁ ଆମେରିକା ସ୍ୱାଧୀନତା ଦିବସ ଅବସରରେ ମସ୍କ ଏକ୍ସରେ ଏକ ସର୍ଭେ କରାଇ ଥିଲେ । ଏଥିରେ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ଚାହୁଁଛନ୍ତି କି ନାହିଁ ଏବଂ ଆମେରିକା ପାର୍ଟି ଗଠନ କରିବା ଉଚିତ କି ବୋଲି ପଚାରି ଥିଲେ । ସର୍ଭେରେ ୬୫.୪ ପ୍ରତିଶତ ଲୋକ ହଁ ଏବଂ ୩୪.୬ ପ୍ରତିଶତ ନା କହିଥିଲେ । ସୂଚନାଯୋଗ୍ୟ ଯେ ଗତ କିଛି ସପ୍ତାହ ହେଲା ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା । ଉଭୟ ଗୃହରେ ପାରିତ ଟ୍ରମ୍ପଙ୍କ ପ୍ରିୟ ‘ୱାନ ବିଗ୍ ବିୟୁଟିଫୁଲ ବିଲ୍’ ଏହି ନିଆଁରେ ଘିଅ ଢାଳି ଥିଲା । ଏହାକୁ ମସ୍କ ତୀବ୍ର ସମାଲୋଚନା କରିଥିଲେ । ପୂର୍ବରୁ ମସ୍କ ଟ୍ରମ୍ପଙ୍କ କ୍ୟାବିନେଟରେ ପ୍ରମୁଖ ପରାମର୍ଶଦାତା ଭାବେ କାମ କରୁଥିଲେ । ‘ଡିପାର୍ଟମେଣ୍ଟ ଅଫ୍ ଗମେଣ୍ଟ ଏଫିସିଏନ୍ସି’ର ନେତୃତ୍ୱ ନେଇ ସେ ସରକାରୀ ଖର୍ଚ୍ଚ କାଟ୍ କରୁଥିଲେ । ତେବେ ଟ୍ରମ୍ପଙ୍କ ଟିକସ ଏବଂ ବ୍ୟୟ ବିଲ୍‌କୁ ସେ ବିରୋଧ କରିଥିଲେ । ଏହା ଦ୍ୱାରା ଆଗାମୀ ୧୦ ବର୍ଷରେ ଆମେରିକା ୩.୩ ଟ୍ରିଲିୟନ ଡଲାରର ଋଣ ବୃଦ୍ଧି କରିବ ବୋଲି ସେ ଆଶା କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ମତଭେଦ ତୀବ୍ର ହେବା ପରେ ସେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇଥିଲେ ।



## ମହାକାଶ ଷ୍ଟେସନ୍‌ର କପୋଲାରେ ଶୁଭାଂଶୁ

ଟେକ୍ସାସ୍, ୬।୭ (ଏଜେନ୍ସି): ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ନୂଆ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏଥିରେ ଶୁଭାଂଶୁ ଆଇଏସଏସର କପୋଲା ମଡ୍ୟୁଲୋର ଝରକାରୁ ପୃଥିବୀକୁ ଦେଖୁଥିବା ଜଣାପଡୁଛି । ଇସ୍ରୋ, କେନ୍ଦ୍ର ସରକାର ଏବଂ ଆମେରିକା ସ୍ପେସ୍ କମ୍ପାନୀ ଅକ୍ସିୟମ ପକ୍ଷରୁ ଏହି ଫଟୋ ସେୟାର କରାଯାଇଛି । କପୋଲା ମଡ୍ୟୁଲୋ ହେଉଛି ଏକ ଗୋଲାକାର ପର୍ଯ୍ୟବେକ୍ଷଣ କେନ୍ଦ୍ର । ଏଥିରେ ୭ଟି କାଚ ଝରକା ରହିଛି । ଏହା ମାଧ୍ୟମରେ ମହାକାଶ ଯାତ୍ରୀ ବାହାରର ମହାକାଶ, ପୃଥିବୀ ଏବଂ ଷ୍ଟେସନ କାର୍ଯ୍ୟକୁ ଦେଖିଥାନ୍ତି ଓ ନିୟନ୍ତ୍ରଣ କରିଥାନ୍ତି । ଏହା ପୃଥିବୀର ସବୁଠାରୁ ସୁନ୍ଦର ଚିତ୍ର ଉତ୍ତୋଳନ କରୁଥିବା ସ୍ଥାନ ପାଲଟି ଯାଇଛି । ଗତ ୨୫ ତାରିଖରେ ଶୁଭାଂଶୁଙ୍କ ସମେତ ୪ ମହାକାଶଚାରୀ ଆଇଏସଏସକୁ ଯାତ୍ରା ଆରମ୍ଭ କରି ୨୮ ଘଣ୍ଟା ପରେ ପହଞ୍ଚି ଥିଲେ । ଶୁଭାଂଶୁ ମହାକାଶରେ ଇଣ୍ଡିଆନ ଏଜୁକେଶନ ଇନଷ୍ଟିଚ୍ୟୁଟ୍‌ସର ୭ଟି ପରୀକ୍ଷଣ କରିବେ । ଏହି ଅଭିଯାନ ଭାରତର ଗଗନଯାନ ମିଶନକୁ ବଳ ଦେବ ।

# ୨୪ ବର୍ଷ ପରେ ଗିରଫ ହେଲା ସିରିଏଲ୍ କିଲର୍

**ଗାଡ଼ି ଭଡ଼ା ନେଇ ଡ୍ରାଇଭରକୁ ହତ୍ୟା କରି ଲୁଟୁଥିଲା**

ନୂଆଦିଲ୍ଲୀ,୬ ।୭ (ଏଜେନ୍ସି): ୨୪ ବର୍ଷର ତଲାଶି ପରେ ଜଣେ ସିରିଏଲ କିଲରକୁ ଗିରଫ କରାଯାଇଛି । ଅଜୟ ଲାମ୍ବା ନାମକ ଏହି ସିରିଏଲ କିଲରଙ୍କୁ ଦିଲ୍ଲୀ ପୁଲିସ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି । ସେ ୪ଟି ହତ୍ୟା ଓ ଡକାୟତି ମାମଲାରେ ଅଭିଯୁକ୍ତ ଥିଲେ ଓ ତାଙ୍କୁ ପୁଲିସ ଖୋଜୁଥିଲା । ପାଖାପାଖି ଅଢେଇ ଦଶନ୍ଧି ପରେ ଗିରଫ କରିବାରେ ପୁଲିସ ସଫଳ ହୋଇଛି । ଅଜୟ ଓ ତା'ର ସହଯୋଗୀଙ୍କ ଟ୍ୟାକ୍ସି ଭଡା କରି ଉତ୍ତରାଖଣ୍ଡ ଯାଉଥିଲେ । ସେଠାରେ ଚକ୍ରାନ୍ତ କରି ଟ୍ୟାକ୍ସି ଡ୍ରାଇଭରଙ୍କୁ ହତ୍ୟା କରି ଉତ୍ତରାଖଣ୍ଡର ପାହାଡୀ ଉପତ୍ୟାକାରେ ମୃତୁଦେହକୁ ଫୋପାଡି ଦେଉଥିଲେ । ଏହାପରେ ଟ୍ୟାକ୍ସି ତଥା କାରଗୁଡିକୁ ସୀମା ପାର କରି ପଡୋଶୀ ଦେଶ ନେପାଳରେ ବିକ୍ରି କରୁଥିଲେ । ୨୦୦୧ରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର କ୍ୟାବ ଡ୍ରାଇଭରମାନଙ୍କୁ ହତ୍ୟା କରିଥିଲେ ବୋଲି ଦିଲ୍ଲୀ ଡିସିପି ଆଦିତ୍ୟ ଗୌତମ କହିଛନ୍ତି । ଅଜୟ ଓ ତାର ସହଯୋଗୀ ଆହୁରି କେତୋଟି ହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି । ଏହି କ୍ରମରେ ତା'ର ଦୁଇଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରି ପଚରାଉଚରା କରୁଛି । ଦିଲ୍ଲୀ ନିବାସୀ ୪୮ ବର୍ଷୀୟ ଅଜୟ ଲାମ୍ବା ଷଷ୍ଠ ଶ୍ରେଣୀରୁ ପାଠ ପଢା ଛାଡିଥିଲେ । ଏହାପରେ ସେ ଉତ୍ତରପ୍ରଦେଶର ବରେଲି ଚାଲିଯାଇଥିଲେ । ସେଠାରେ ସେ ଧୀରେନ୍ଦ୍ର ଓ ଦିଲୀପ ନେଗୀଙ୍କ ସହ ସାଥି ହୋଇ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିଲେ । ଅଜୟ ନାମରେ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବାର ଅନ୍ୟ ଏକାଧିକ ମାମଲା ରହିଛି । ସେ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନେପାଳରେ ରହୁଥିଲା । ଏହାପରେ ସେ ପରିବାର ସହ ଡେରାଡୁନକୁ ଯାଇ ସେଠାରେ ବସବାସ କରୁଥିଲା । ସେଠାରେ ରହି ସେ ଓଡ଼ିଶାରୁ ଦେଶର ଅନ୍ୟ ରାଜ୍ୟଗୁଡିକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା । ଗତବର୍ଷ ଓଡ଼ିଶାର ବ୍ରହ୍ମପୁରରେ ଏକ ଗହଣା ଦୋକାନ ଡକାୟତି ମାମଲାରେ ଗିରଫ ହୋଇଥିଲା ଓ ଜାମିନରେ ବାହାରିଥିଲା ବୋଲି ପୁଲିସ କହିଛି ।

## ଟେକ୍ସାସ୍‌ରେ ବନ୍ୟା; ମୃତ୍ୟୁସଂଖ୍ୟା ୫୧କୁ ବୃଦ୍ଧି

ୱାଶିଂଟନ,୬ ।୭ (ଏଜେନ୍ସି): ଆମେରିକାର ଟେକ୍ସାସ ରାଜ୍ୟରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ସ୍ଥିତି ଆହୁରି ଉତ୍କଟ ହୋଇଛି । ଅଚାନକ ଆସିଥିବା ଏହି ବନ୍ୟାରେ ଏପର୍ଯ୍ୟନ୍ତ ୫୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ବାଳିକାମାନଙ୍କର ଏକ ସମର କ୍ୟାମ୍ପ ମଧ୍ୟ ଏଥିରେ ବୁଡି ଯାଇଥିଲା । କ୍ୟାମ୍ପରୁ ୭୫୦ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି । କିନ୍ତୁ ୨୭ ଜଣ ବାଳିକା ନିଖୋଜ ଅଛନ୍ତି । ଟେକ୍ସାସର ସେନ ଆଣ୍ଟୋନିଓରେ ୧୫ ଇଞ୍ଚ୍ ବର୍ଷା ହେବା ପରେ ମାତ୍ର ୪୫ ମିନିଟ୍ ମଧ୍ୟରେ ଗୁଆଡାଲୁପ୍ ନଦୀରେ ୨୬ ଫିଟ୍ ଅର୍ଥାତ ୮ ମିଟର ଉଚ୍ଚର ବନ୍ୟା ଆସିଥିଲା । ଫଳରେ ଘର ଓ ଗାଡ଼ିଗୁଡିକ ଖେଳଣା ଭଳି ଭାସି ଯାଇଥିଲା । ଉଦ୍ଧାର କାର୍ଯ୍ୟରେ ୧୪ ହଲିକପ୍ଟର, ୧୨ଟି ଡ୍ରୋନକୁ ସାମିଲ କରାଯାଇଛି । ଏପର୍ଯ୍ୟନ୍ତ ମୋଟ୍ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି ।

# ସରକାରୀ ଘର ଛାଡୁ ନାହାନ୍ତି ପୂର୍ବତନ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼

- କେନ୍ଦ୍ରକୁ ଚିଠି ଲେଖିଲା ସୁପ୍ରିମକୋର୍ଟ ପ୍ରଶାସନ
- ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ବଙ୍ଗଳା ମିଳି ପାରିନାହିଁ
- ବ୍ୟକ୍ତିଗତ କାରଣ ପାଇଁ ଖାଲି କରିନାହିଁ: ଜଷ୍ଟିସ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏ ପର୍ଯ୍ୟନ୍ତ ନିଜ ସରକାରୀ ବଙ୍ଗଳା (କୃଷ୍ଣ ମେନନ ମାର୍ଗ, ୫) ଖାଲି କରିନାହାନ୍ତି । ଧାର୍ଯ୍ୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସେ ଏଠାରେ ରହିଲେଣି । ଏବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସୁପ୍ରିମକୋର୍ଟ ପ୍ରଶାସନ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି । ଖୁବ୍‌ଶୀଘ୍ର ପୂର୍ବତନ ସିଜେଆଇଙ୍କ ବଙ୍ଗଳା ଖାଲି କରି ହସ୍ତାନ୍ତର କରିବାକୁ କୁହାଯାଇଛି । ଏହା ପରେ ବଙ୍ଗଳାକୁ ‘ହାଉସିଂ ପୁଲ୍’ ରେ ସାମିଲ କରାଯିବ ।

ଏବେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମିଶାଇ ୩୩ ବିଚାରପତି ଅଛନ୍ତି । ଏବେ ଜଣେ ବିଚାରପତିଙ୍କ ପଦ ଖାଲି ରହିଛି । କିନ୍ତୁ ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ସରକାରୀ ବଙ୍ଗଳା ମିଳିପାରି ନାହିଁ । ରିପୋର୍ଟ ଅନୁଯାୟୀ ତିନି ଜଣ ବିଚାରପତି ସୁପ୍ରିମକୋର୍ଟର ଟ୍ରାଞ୍ଜିଟ ଆପାର୍ଟମେଣ୍ଟରେ ଏବଂ ଜଣେ ବିଚାରପତି ରାଜ୍ୟ ଅତିଥି ଭବନରେ ରହୁଛନ୍ତି । ତେଣୁ ଯେତେ ଶୀଘ୍ର ସମ୍ଭବ କୋଠା ଫେରାଇବାକୁ ଦାବି କରାଯାଇଛି ।

ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଗତ ବର୍ଷ ନଭେମ୍ବର ୧୦ରେ ଅବସର ଗ୍ରହଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟରତ ପ୍ରଧାନ ବିଚାରପତିଙ୍କୁ ଅଷ୍ଟମ ଶ୍ରେଣୀର ବଙ୍ଗଳା ପ୍ରଦାନ କରାଯାଇଥାଏ । ସେ ଅବସର ନେଲା ପରେ ସପ୍ତମ ଶ୍ରେଣୀର ବଙ୍ଗଳାରେ ରହିପାରିବେ । ଏଥିପାଇଁ ୬ ମାସ ପର୍ଯ୍ୟନ୍ତ କୌଣସି ଭଡ଼ା ଦେବାକୁ ପଡ଼ିବ ନାହିଁ । କିନ୍ତୁ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଅବସରର ଆଠ ମାସ ପରେ ବି ବଙ୍ଗଳା ଖାଲି କରିନାହାନ୍ତି । ନିୟମ ଅନୁଯାୟୀ ସେ କେବଳ ୬ ମାସ ପର୍ଯ୍ୟନ୍ତ ଏହି ବଙ୍ଗଳାରେ ରହିପାରିବେ । ମାତ୍ର ଏହି ସମୟସୀମା ମେ’ ୩୧ରୁ ଶେଷ ହେଲାଣି । ଏଥିଯୋଗୁଁ ତାଙ୍କର ଦୁଇ ଉତ୍ତରାଧିକାରୀ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ଏବଂ ସିଜେଆଇ ବିଆର ଗଭାଇ କ୍ରିଷ୍ଣା ମେନନ ମାର୍ଗ ସ୍ଥିତ ବଙ୍ଗଳାକୁ ଯିବାକୁ ଉଚିତ ମଣିନାହାନ୍ତି । ସୁପ୍ରିମକୋର୍ଟ ପ୍ରଶାସନ ଗତ ୧ ତାରିଖରେ କେନ୍ଦ୍ର ଆବାସ ମନ୍ତ୍ରାଳୟକୁ ଏହି ଚିଠି ଲେଖିଥିଲା । ଏଥିରେ କୁହାଯାଇଥିଲା ଯେ ଏ ପର୍ଯ୍ୟନ୍ତ କୃଷ୍ଣ ମେନନ ସ୍ଥିତ ବଙ୍ଗଳା ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ କବ୍‌ଜାରେ ରହିଛି । ବିଳମ୍ବ ନ କରି ଏହାକୁ ଖାଲି କରାଯାଉ ।



ଘର ଖାଲି ନ କରିବାକୁ ନେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ବ୍ୟକ୍ତିଗତ କାରଣ ପାଇଁ ଏପରି ହୋଇଛି । ସୁପ୍ରିମକୋର୍ଟ ପ୍ରଶାସନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା । ସରକାରୀ ବଙ୍ଗଳାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁ ନ ଥିଲି । କିନ୍ତୁ ଝିଅଙ୍କ ଆବଶ୍ୟକତା ଲାଗି ସ୍ୱତନ୍ତ୍ର ସୁବିଧା ଥିବା ଘର ଜରୁରୀ । ଫେବୃଆରୀ ମାସଠାରୁ ଘର ଖୋଜୁଛି । ସର୍ଭିସ ଆପାର୍ଟମେଣ୍ଟ ଏବଂ ହୋଟେଲ ବି ଦେଖୁଛି, କିନ୍ତୁ ସେଠାକୁ ଯାଇପାରି ନାହିଁ । ଏପ୍ରିଲ ୨୮ରେ ଏ ନେଇ ପୂର୍ବତନ ସିଜେଆଇ ଖାନ୍ନାଙ୍କୁ ଚିଠି ଲେଖି ସୂଚନା ଦେଇଥିଲି । ଜୁନ୍ ୩୦ ପର୍ଯ୍ୟନ୍ତ ରହିବାକୁ ଅନୁମତି ମାଗିଥିଲି । ମାତ୍ର କୌଣସି ଜବାବ ମିଳି ନ ଥିଲା । ଏ ନେଇ ସିଜେଆଇ ଗଭାଇଙ୍କ ସହ ମଧ୍ୟ କଥା ହୋଇଛି । ଖୁବଶୀଘ୍ର ବଙ୍ଗଳା ଛାଡିଦେବି ବୋଲି କହିଛି ।

**● ବ୍ରିକ୍ସରେ ମୋଦୀ**

## ବିଶ୍ୱକୁ ନୂଆ ବ୍ୟବସ୍ଥା ଆବଶ୍ୟକ

ରିଓଡି ଜାନେରିଓ, ୬ ।୭ (ଏଜେନ୍ସି): ବ୍ରାଜିଲର ରିଓ ଡି ଜାନେରିଓରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଯୋଗ ଦେଇ ବର୍ତ୍ତମାନ ବିଶ୍ୱକୁ ଏକ ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି କହିଛନ୍ତି । ବିଂଶ ଶତାବ୍ଦୀରେ ଗଠନ କରାଯାଇଥିବା ବିଭିନ୍ନ ସଂସ୍ଥା ଏକବିଂଶ ଶତାବ୍ଦୀର ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକୁ ପ୍ରତିହତ କରିବାରେ ଅକ୍ଷମ । ଏଆଇ ଯୁଗରେ ପ୍ରତି ମୁହୂର୍ତ୍ତରେ ଜ୍ଞାନକୌଶଳରେ ପରିବର୍ତ୍ତନ ହେଉଛି । କିନ୍ତୁ ୮୦ ବର୍ଷ ତଳେ ଗଠନ ହୋଇଥିବା ସଂସ୍ଥା ଗୁଡ଼ିକରେ କୌଣସି ପରିବର୍ତ୍ତନ ହୋଇନାହିଁ । ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ସମ୍ମିଳନୀରେ ଯୋଗ ଦେଇନାହାନ୍ତି ।

# ଦାନା ପାଇଁ ଟଙ୍କା ନାହିଁ କାନ୍ଧରେ ଲଙ୍ଗଳ ଟାଣିଲେ ବୃଦ୍ଧ, କଣ୍ଟି ଧରିଲେ ପତ୍ନୀ

ମୁମ୍ବାଇ, ୬।୭ (ଏଜେନ୍ସି): ପାଖରେ ଟଙ୍କା ନାହିଁ । ଖାଇବାକୁ ଦାନା ନାହିଁ । ହାତ ଥରୁଛି । ଓଜନ ଆଗରେ ପାଦ ନଇଁ ଯାଉଛି । ଖଟି ଖଟି ବେକ ଥକି ଗଲାଣି । ତଥାପି ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି । ଟଙ୍କା ଅଭାବରୁ ବଳଦ କିଣିପାରୁ ନାହାନ୍ତି । ଭଡ଼ାରେ ଟ୍ରାକ୍ଟର କିମ୍ବା ଶ୍ରମିକ ଆଣିବାକୁ ମଧ୍ୟ ଅର୍ଥ ନାହିଁ । ଦିନକୁ ଦି ଓଳା ଖାଇବା ପାଇଁ ବୃଦ୍ଧ ଦମ୍ପତି ବିଲରେ ଖଟୁଛନ୍ତି । ୭୫ ବର୍ଷୀୟ ସ୍ୱାମୀ କାନ୍ଧରେ ଲଙ୍ଗଳ ଭିଡୁଥିବାବେଳେ ସ୍ତ୍ରୀ କଣ୍ଟି ଧରୁଛନ୍ତି । ଜୀବନର



ଅପରାହ୍ନରେ ଗରିବ ଚାଷୀ ଅମ୍ବାଦାସ ପାଓ୍ୱାର ଏବଂ ତାଙ୍କ ପତ୍ନୀ ମୁକ୍ତାବାଇଙ୍କ ଏହି କଠୋର ପରିଶ୍ରମର କରୁଣ ଦୃଶ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି । ମହାରାଷ୍ଟ୍ର ଲାତୁର ଅନ୍ତର୍ଗତ ହାଦୋଲତି ଗ୍ରାମର ଏହି ଦମ୍ପତିଙ୍କ ଭିଡିଓ ସରକାରୀ ଯୋଜନା ଉପରେ ପ୍ରଶ୍ନ ଉଠାଇଛି ।

ଜୀବନ ଆମ ପାଇଁ କୌଣସି ବିକଳ୍ପ ଦେଇ ନାହିଁ ବୋଲି ଅମ୍ବାଦାସ କ୍ଷୋଭର ସହ କହିଛନ୍ତି । ଏହି ଦମ୍ପତି କହିଛନ୍ତି ଯେ ପୁଅ ଶ୍ରମିକ ଭାବେ କାମ କରୁଛି । ତା ରୋଜଗାର ୬ ଜଣିଆ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉନାହିଁ । ଗତ କିଛି ବର୍ଷ ହେଲା ବର୍ଷାରେ ମଧ୍ୟ ଫସଲ ନଷ୍ଟ ହୋଇଯାଉଛି । ଏଥିପାଇଁ କ୍ଷତି ହେଉଛି । ତଥାପି ପେଟ ପାଟଣା ଲାଗି ଫସଲ କରିବାକୁ ବାଧ ହେଉଛୁ । କରୋନା ସମୟରେ ସ୍ଥିତି ପୂରା ଦୋହଲି ଯାଇଥିଲା । ଏଥିପାଇଁ ଋଣ କରିବାକୁ ପଡ଼ିଥିଲା । ଫସଲ ଭଲ ନ ହେବାରୁ ଏହାକୁ ସେ ସୁଝି ପାରୁ ନାହାନ୍ତି । ପ୍ରତି ବର୍ଷ ଫସଲ ନଷ୍ଟ ହେବା ସତ୍ତ୍ୱେ ଆଶା ରଖି ନିଜର ୨.୫ ଏକର ଜମିରେ ଚାଷ କରୁଛନ୍ତି । ଏହି ଭିଡିଓ ଭାଇରାଲ ହେବା ପରେ ରାଷ୍ଟ୍ରମନ୍ତ୍ରୀ ବାଲାସାହେବ ପାଟିଲ ଶନିବାର ତାଙ୍କ ଋଣ (୪୨, ୫୦୦ ଟଙ୍କା) ଛାଡ଼ କରିଦେଇଛନ୍ତି । ସମବାୟ ସମିତିକୁ ଋଣ ପରିଶୋଧ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରିବାକୁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିପାରନ୍ତି। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୨୦୧୨- ରୁଷ୍‌ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ୧୪୦ ଲୋକ ମୃତ।

# ମଣିଷର ଭାଷା ବୁଝିପାରେ କି ଏଆଇ



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ'ଣ ସତରେ ମଣିଷଙ୍କ ଭାଷା, ଭାବନା ଏବଂ ଶବ୍ଦ ପଛରେ ଥିବା ଅର୍ଥକୁ ବୁଝିପାରେ ? ଏ ସଂକ୍ରାନ୍ତରେ ସ୍ନାୟୁ ବିଜ୍ଞାନୀ ବୀଣା ଡି. ଦ୍ୱିବେଦୀ ମତ ରଖିଛନ୍ତି। ସେ କହିଛନ୍ତି, ଏଆଇ ଯେତେ ବିକଶିତ ହେଲେ ବି ମଣିଷ ଭଳି ଭାଷାକୁ ଗଭୀରରୁ ବୁଝିବାକୁ ସକ୍ଷମ ନୁହେଁ। ସେହିପରି ନୋବେଲ ବିଜେତା ତଥା ଏଆଇ ଗଡ୍‌ଫାଦର୍ ଜେଫ୍ରି ହିଣ୍ଟନଙ୍କ କହିବା କଥା, 'ନ୍ୟୁରଲ ନେଟୱର୍କ ଏତେ ପ୍ରଗତି କରିସାରିଲାଣି, ଏହା ଭାଷାର ପାଟର୍ଣ୍ଣକୁ ବୁଝିବା ଲାଗି ସକ୍ଷମ। ଏପରିକି ଏଆଇ ଏବେ କ'ଣ କହୁଛି, ସେକଥା ମଧ୍ୟ ଜାଣିପାରୁଛି। ତେବେ ଠିକ୍ ଉତ୍ତର ଦେବା ଏବଂ ଆକର୍ଷଣୀୟ ବାକ୍ୟ ଗଠନ କରିବାକୁ କ'ଣ ବୁଦ୍ଧିମତା କୁହାଯିବ। ମଣିଷ ଭାଷାକୁ କେବଳ ଶବ୍ଦରେ ନୁହେଁ, ବରଂ ଭାବନା, ଅଙ୍ଗଭଙ୍ଗୀ ଏବଂ ସନ୍ଦର୍ଭରୁ ବି ବୁଝିଥାଏ। ଏଆଇ ହେଉଛି ଏହାର ବିପରୀତ। ଏଆଇ କେବଳ ଡାଟା ପ୍ୟାଟର୍ଣ୍ଣ ଉପରେ କାମ କରେ। ଏଆଇର ନା ଭାବନା ଥାଏ ନା ବ୍ୟକ୍ତିଗତ ଅନୁଭବ।' ବୀଣା କହନ୍ତି, 'କେବଳ ଲିଖିତ ଶବ୍ଦକୁ ଭାଷା ବୋଲି ବିବେଚନା କରିବା ହେଉଛି ସବୁଠୁ ବଡ଼ ଭୁଲ। ଉଦାହରଣ ସ୍ୱରୂପ ହିନ୍ଦୀ ଓ ଉର୍ଦ୍ଦୁ କହିବାର ଶୈଳୀ ଏକାପରି ଲାଗିଲେ ବି ଏହାର ଲିପି ଅଲଗା। ଏଆଇ ପାଇଁ ଭାଷା କେବଳ ଏକ ଟେକ୍ସଟ୍ ଡାଟା ହୋଇଥିବାବେଳେ ମଣିଷ ଭାଷାକୁ ନେଇ ବଞ୍ଚେ।' ସେହିପରି ମହାନ ଭାଷାବିଦ୍ ନୋଆମ ଚମସ୍କି କହିଥିଲେ, 'ମଣିଷ ପାଖରେ ଭାଷା ଶିଖିବାର ଜନ୍ମଜାତ କ୍ଷମତା ଅଛି। ଏହା ହେଉଛି ଏମିତି ଏକ ମାନସିକ ଶକ୍ତି, ଯାହାକୁ ବିଜ୍ଞାନ ସମ୍ପୂର୍ଣ୍ଣ ବୁଝିପାରି ନାହିଁ। ଅନ୍ୟପକ୍ଷରେ ଏଆଇର ନ୍ୟୁରଲ ନେଟୱାର୍କ କେବଳ ଗଣନା ଏବଂ ଆଲଗରିଦମ୍‌ର ଏକ ମାୟାଜାଲ। ଏଥିରେ ବୁଝିବାର ଶକ୍ତି କିମ୍ବା ଅନୁଭବ କରିବାର କ୍ଷମତା ନାହିଁ।' ଏଥିରୁ ନିଷ୍କର୍ସ ଏୟା ବାହାରିଲା ଯେ, ଏଆଇ ଅନେକ କିଛି କହୁଥିଲେ ସୁଦ୍ଧା ମଣିଷର ଭାଷାକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରେ ନାହିଁ। ଏଆଇ ମଣିଷର ଶବ୍ଦ ପଛର ଭାବ, ସନ୍ଦର୍ଭ, ଜଟିଳ ମାନବୀୟ ଅନୁଭବଠାରୁ ଏବେ ଅନେକ ଦୂରରେ ରହିଛି। ମଣିଷର ଭାଷା କେବଳ ଶବ୍ଦର ଖେଳ ନୁହେଁ, ଏହା ସମ୍ବେଦନା, ସଂସ୍କୃତି, ଅନୁଭବର ଏକ ଜଟିଳ ମିଶ୍ରଣ। ଯାହାକୁ ବୁଝିବା ପାଇଁ ଏଆଇକୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ।

# 'ଦ ରାଜା ସାବ୍'ରେ କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ଅନେକ ଦିନରୁ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରେ କରିନା, ପ୍ରଭାସଙ୍କ ବିପକ୍ଷରେ ଦେଖାଯିବେ ବୋଲି ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଶେଷରେ ଏଥିରେ ତ୍ରିପ୍ତି ଦିମ୍‌ରିଙ୍କୁ ଫାଇନାଲ କରାଯାଇଥିଲା। ଏବେ 'ଦ ରାଜା ସାବ୍' ଫିଲ୍ମରେ କରିନା ନଜର ଆସିବେ ବୋଲି ଜଣାପଡ଼ିଛି। ତେବେ ସେ ଏଥିରେ ଲିଡ୍ ରୋଲରେ ନଜର ଆସିବେ ନାହିଁ। ଏଥିରେ କେବଳ ତାଙ୍କର ଏକ ଆଇଟମ୍ ନମ୍ବର ରହିଛି। ଏଥିପାଇଁ କରିନାଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଥିବା ଚର୍ଚ୍ଚା ହେଉଛି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସଙ୍କ ସହ ତିନି ଜଣ ଅଭିନେତ୍ରୀ( ମାଳବିକା ମୋହନନ୍, ନିଦ୍ଧି ଅଗ୍ରୱାଲ ଓ ରିଦ୍ଧି କୁମାର) ନଜର ଆସିବେ। ଏହା ୫ ଡିସେମ୍ବର, ୨୦୨୫ରେ ମୁକ୍ତିଲାଭ କରିବ। ତେବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇବା ପାଇଁ କରିନାଙ୍କର ଏହି ଡ୍ୟାନ୍ସ ନମ୍ବର ରଖାଯାଇଥିବା କୁହାଯାଉଛି। ଏଥିରେ ନୟନତାରାଙ୍କର ମଧ୍ୟ ଏକ ଡ୍ୟାନ୍ସ ନମ୍ବର ରହିଛି।

# କାଚ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ

ପ୍ଲାଷ୍ଟିକ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସମସ୍ତେ ଜାଣନ୍ତି। ତେଣୁ ଏବେ ସୁଦ୍ଧା କାଚ ବୋତଲକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ବୋଲି କୁହାଯାଉଥିଲା। ହେଲେ ଏଭଳି ଭାବିବା ଭୁଲ। କାଚ ବୋତଲରେ ବିକ୍ରି ହେଉଥିବା ଲେମ୍ବୁ ପାଣି, ସୋଡ଼ା ଆଦି ଅନ୍ୟ ପାନୀୟରେ ମାଇକ୍ରୋପ୍ଲାଷ୍ଟିକ୍‌ର ମାତ୍ରା ପ୍ଲାଷ୍ଟିକ୍ ବୋତଲ ତୁଳନାରେ ଅଧିକ ଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଫ୍ରାନ୍ସର ଖାଦ୍ୟ ସୁରକ୍ଷା ଏଜେନ୍ସି ଆନ୍ସେସ୍‌ର



ଅଧ୍ୟୟନକାରୀମାନେ କରିଥିବା ଅଧ୍ୟୟନରୁ ଏଭଳି କିଛି ଜାଣିବାକୁ ପାଇଛନ୍ତି। ତେବେ ସେମାନଙ୍କର ଆଶା ଥିଲା ଯେ, ପ୍ଲାଷ୍ଟିକ୍ ବୋତଲ ତୁଳନାରେ କାଚ ବୋତଲ ଅପେକ୍ଷାକୃତ ସୁରକ୍ଷିତ ରହିବ। ହେଲେ ସେମାନଙ୍କୁ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଲା। ତେବେ କାଚ ବୋତଲ ଠିପିରେ ଲାଗିଥିବା ରଙ୍ଗ ଏହା ଲାଗି ଦାୟୀ ବୋଲି କୁହାଯାଉଛି। କାରଣ ବୋତଲ ଠିପିରେ ଲାଗିଥିବା ପ୍ଲାଷ୍ଟିକ୍‌ର ଏହି କଣିକା ପାନୀୟ ପଦାର୍ଥରେ ମିଶିଯାଏ। ଏହିପ୍ରକାରେ ପାନୀୟ ପଦାର୍ଥ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ୍ ଯାଏ। ଗବେଷଣାନୁସାରେ, କୋଲ୍ଡ୍‌ଡ୍ରିଙ୍କସ୍, ଲେମ୍ବୁ ପାଣି, ବିୟର କାଚ ବୋତଲରେ ପ୍ରତି ଲିଟରରେ ପ୍ରାୟ ୧୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଅଛି। ଯାହାକି ପ୍ଲାଷ୍ଟିକ୍ କିମ୍ବା ଧାତୁ କଣ୍ଟେନର ତୁଳନାରେ ୫୦ ଗୁଣ ଅଧିକ। ସେହିପରି ସମସ୍ତ ବୋତଲ ତୁଳନାରେ ବିୟର ବୋତଲରେ ଅଧିକ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଜଣାପଡ଼ିଛି। ଏଥିରେ ପ୍ରତି ଲିଟର ପିଛା ପ୍ରାୟ ୬୦ ପ୍ଲାଷ୍ଟିକ୍ କଣିକା ଥିଲା। ଏହାପରେ ଲେମ୍ବୁ ପାଣିରେ ପ୍ରାୟ ୪୦ ପ୍ରତିଶତ ପ୍ଲାଷ୍ଟିକ୍ କଣିକା ଥିଲା। ମଦକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପାନୀୟ ପାଇଁ ଅନ୍ୟ ପ୍ୟାକେଜିଂ ତୁଳନାରେ କାଚ କଣ୍ଟେନର୍ ଅଧିକ ଦୂଷିତ ଥିଲା। ଅନ୍ୟପକ୍ଷରେ ଏହି ଅଧ୍ୟୟନର ରିପୋର୍ଟ 'ଜର୍ଣ୍ଣାଲ ଅଫ୍ ଫୁଡ୍ କମ୍ପୋଜିସନ ଏବଂ ଆନାଲିସ୍'ରେ ପ୍ରକାଶିତ।



# ଅଧରପଣା

**ଆଜି ତିନି ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି ସର୍ବବୃହତ୍ ପଣାଭୋଗ। ରଥରେ ଥିବା ପାର୍ଶ୍ୱଦେବ ଦେବୀ, ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କୁ ତୃପ୍ତ କରିବା ପାଇଁ ଏହି ନୀତି ପାଳନ କରାଯାଏ।**

ଅଧରପଣା ନୀତି ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏବଂ ସନ୍ଧ୍ୟା ଆଳତି ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏହା ଲାଗି ସ୍ୱତନ୍ତ୍ର ଅଧରହାଣ୍ଡି ତିଆରି କରାଯାଏ। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉ ତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ମାଟିହାଣ୍ଡିରେ ପଣାକୁ ରଥ ଉପରେ ରଖାଯାଏ। ପ୍ରତି ରଥରେ ତିନି ହାଣ୍ଡି ହିସାବରେ ମୋଟ ୯ଟି ହାଣ୍ଡି ଅଧରପଣା ଭୋଗ କରାଯାଇ ଥାଏ। ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡି ଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହାକୁ ରଥରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କୁ ତୃପ୍ତ କରିବା ଲାଗି ଏହି ହାଣ୍ଡି ରଥ ଉପରେ ଭଙ୍ଗା ଯିବାର ବିଧି ଅଛି। ପଣା ହାଣ୍ଡି ଭାଙ୍ଗିଲେ ଏହା ରଥ ତଳକୁ ବୋହିଯାଏ। ଏହି ପଣାକୁ କ୍ଷୀର, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଏବଂ ପାଚିଲା କଦଳୀ ଆଦିରେ ପ୍ରସ୍ତୁତ କରାଯାଏ। ଦୁଇଟି ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୀତି ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଏ।

# ନୀଳାଦ୍ରି ବିଜେ

**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ତିନି ଠାକୁର ରତ୍ନ ସିଂହାସନରେ ବିଜେ କରନ୍ତି। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନିଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଗୋଟି ପହଣ୍ଡିରେ ବିଜେ କରନ୍ତି: ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

**ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା:** ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ ଭେଟ ହୁଏ। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ଶ୍ରୀଜଗନ୍ନାଥ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ତେଣୁ ମହାପ୍ରଭୁ ଲକ୍ଷ୍ମୀ ମା'ଙ୍କ ମାନଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।



**ରସଗୋଲାରେ ମାନ ଭଞ୍ଜନ:** ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

# ହରିଶୟନ ଏକାଦଶୀରୁ ମାଙ୍ଗଳିକ କାର୍ଯ୍ୟ ମନା



ଆଷାଢ଼ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇଛି 'ଦେବଶୟନ' ବା 'ହରିଶୟନ' ଏକାଦଶୀ। ଏହି ଦିନରୁ ଭଗବାନ ବିଷ୍ଣୁ ଚାରି ମାସ ପର୍ଯ୍ୟନ୍ତ ଯୋଗନିଦ୍ରାକୁ ଯାଆନ୍ତି। ତେଣୁ ଏହି ସମୟ ମଧ୍ୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ। ସେହିପରି ଏହିଦିନରୁ ଚତୁର୍ମାସ ପ୍ରାରମ୍ଭ ହୋଇଥାଏ। ଏହା ଚାରିମାସ ଧରି ବଳବତ୍ତର ରହିବ।

ଏହି ସମୟ ମଧ୍ୟରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ନାହିଁ। କାର୍ତ୍ତିକ ଶୁକ୍ଳ ଦେବୋତ୍‌ଥାପନ ଏକାଦଶୀ ପରେ ସବୁପ୍ରକାର ଶୁଭକାର୍ଯ୍ୟ ଆରମ୍ଭ ହୋଇଥାଏ। ଅନ୍ୟପଟେ ଚତୁର୍ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାକୁ ଯାଉଥିବାରୁ ଭଗବାନ ଶିବଙ୍କ ପୂଜା ଏହି ମାସଯାକ ଗୁରୁତ୍ୱ ବହନ କରେ। ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ଦୁଃଖ ଓ କଷ୍ଟ ଦୂର ହୋଇଥାଏ। ଏହି ସମୟରେ ଚତୁର୍ମାସ ବ୍ରତ କରିବା ପାଇଁ ସନାତନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

## ଜାଣନ୍ତୁ

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି 'ଭଅଣ୍ଡ'। ଭୋଗ ମଣ୍ଡପରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବା ଭୋଗ ସାମଗ୍ରୀ ଓ ସେଥି ନିମନ୍ତେ ଅନୁଷ୍ଠିତ ଧୂପକୁ ଭଅଣ୍ଡ କୁହାଯାଏ। ଠାକୁରଙ୍କ କୋଠଭୋଗ ଏହି ଭୋଗ ମଣ୍ଡପରେ ବଢ଼ା ଯାଇ ଅର୍ପଣ କରାଯାଏ। ସେହିପରି ଅଧିକ ଗହଳି ହେଲେ ଅଧିକ ଭୋଗ ରଖାଯାଏ। ଏହାକୁ ଅତିରିକ୍ତ ଭୋଗ ଭାବେ ଭୋଗ ମଣ୍ଡପରେ ଅବସ୍ଥାପିତ କରାଯାଇ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଏହା ଭଅଣ୍ଡ ନାମରେ ଜଣାଶୁଣା।

### ଗିଲ୍‌ଙ୍କ ରେକର୍ଡ ରନ୍; ଆକାଶଦୀପ ଓ ସିରାଜଙ୍କ ଘାତକ ବୋଲିଂ

# ଏଜ୍‌ବାଷ୍ଟନରେ ଭାରତର ସ୍ମରଣୀୟ ବିଜୟ

ଏଜ୍‌ବାଷ୍ଟନ,୫।୭ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ୍ (୨୬୯ ଓ ୧୬୧)ଙ୍କ ଦମ୍‌ଦାର ବ୍ୟାଟିଂ, ଆକାଶଦୀପ (୯ ୱିକେଟ) ଓ ମହମ୍ମଦ୍ ସିରାଜ (୭ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଭାରତ ୩୩୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଏହି ଭେନ୍ୟୁରେ ୯ମ ମୁକାବିଲାରୁ ଓ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଭାରତ ଏଠାରେ ମ୍ୟାଚ୍ ଜିତିବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଜବରଦସ୍ତ ବ୍ୟାଟିଂ କରି ୪୩୦ ରନ୍ କରିଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଚଳିତ ସିରିଜ୍‌ର ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ।

ଏହି ମ୍ୟାଚ୍‌ରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିବା ପରେ ୬ ୱିକେଟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଏହା ଫଳରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ବିଜୟ ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ଖେଳରେ ୨୭୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସର୍ବାଧିକ ୮୮, ବ୍ରାଇଡନ କାର୍ସ ୩୮, ବେନ୍ ଷ୍ଟୋକ୍ସ ୩୩, ବେନ୍ ଡକେଟ ୨୫, ଓଲି ପୋପ୍ ୨୪, ହ୍ୟାରୀ ବ୍ରୁକ୍ ୨୩ ଓ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ମାତ୍ର ୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଖେଳୁଥିବା ଆକାଶଦୀପ ସର୍ବାଧିକ ୬ଟି ୱିକେଟ ପାଇଥିଲେ।



ପୂର୍ବରୁ ୫ମ ତଥା ଶେଷ ଦିନ ଖେଳ ଆରମ୍ଭ ପୂର୍ବରୁ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଓ ଓଦା ପଡ଼ିଆ ଯୋଗୁ ଖେଳ ୧୦୦ ମିନିଟ୍ ବନ୍ଦ ରହିଥିଲା। ଫଳରେ ଆଜି ଖେଳାଯିବାକୁ ଥିବା ୯୦ ଓଭରରୁ ୧୦ ଓଭର କାଟିଦିଆଯାଇଥିଲା। ଖେଳ ଆରମ୍ଭ ହେବାର ଅଳ୍ପ ସମୟ ମଧ୍ୟରେ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଓଲି ପୋପ୍ (୨୪) ଓ ହ୍ୟାରୀ ବ୍ରୁକ୍ (୨୩)ଙ୍କୁ ଭାରତୀୟ ଫାଷ୍ଟ ବୋଲର ଆକାଶଦୀପ ଚମତ୍କାର ବୋଲିଂ କରି ଆଉଟ କରିଥିଲେ। ୮୩ ରନ୍‌ରେ ୫ମ ୱିକେଟ ଅକ୍ତିଆର କରିବା ପରେ ଭାରତୀୟ ବୋଲର ଉତ୍ସାହିତ ହୋଇଥିଲେ। କିନ୍ତୁ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ପ୍ରଥମ ଇନିଂସ ହିରୋ ଜେମି ସ୍ମିଥ୍ ଧୈର୍ଯ୍ୟର ସହ ମୁକାବିଲା କରିଥିଲେ। ଲଞ୍ଚ୍ ପୂର୍ବରୁ ବ୍ୟାକ୍ତିଗତଭାବେ ମାତ୍ର ଦ୍ୱିତୀୟ ଓଭର ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ଡିଆର୍‌ଏସ୍ ସହାୟତାରେ ଷ୍ଟୋକ୍‌ସ (୭୩ ବଲ୍‌ରେ ୩୩ରନ୍)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଖେଳାଇଦେଇଥିଲେ। ଲଞ୍ଚ୍ ବେଳକୁ ଇଂଲଣ୍ଡ ୧୫୩ ରନ୍‌ରେ ୬ଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା।

ଏହି ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏକାଧିକ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଦେଖିବାକୁ ମିଳିଛି। ବିଶେଷ କରି ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରି ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ପରିପାରିଛନ୍ତି। ସେହିପରି ଇଂଲଣ୍ଡ ଇନିସ୍‌ରେ ଜାମି ସ୍ମିଥଙ୍କ କାଉଣ୍ଟରଆଟାକ ବା ପ୍ରତ୍ୟାକ୍ରମଣ ବେଶ ଉପଭୋଗ୍ୟ ହୋଇଥିଲା। ସେ ଅପରାଜିତ ୧୮୪ ଏବଂ ହ୍ୟାରୀ ବ୍ରୁକ୍ ୧୫୮ ରନ୍ କରିଥିଲେ। ଏହି ଇନିଂସରେ ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ୱିକେଟ ନେଇ ଇଂଲଣ୍ଡରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୮୭/୧୦, ୧୫୩ ଓଭର** (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧, ଟଙ୍ଗ୍-୨/୧୧୯)।

**ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦, ୮୯.୩ ଓଭର** (ସ୍ମିଥ-୧୮୪*, ବ୍ରୁକ୍-୧୫୮, ସିରାଜ-୬/୭୦, ଆକାଶ ଦୀପ-୪/୮୮)।

**ଭାରତ ଦ୍ୱିତୀୟ ଇନିଂସ : ୪୨୭/୬, ୮୩ ଓଭର ପାଳି ଘୋଷିତ** (ଗିଲ୍-୧୬୧, ଜାଡେଜା-୬୯*, ପନ୍ତ୍-୬୫, ରାହୁଲ-୫୫, ଟଙ୍ଗ୍-୨/୯୩, ବସିର-୨/୧୧୯)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧/୧୦, ୬୮.୧ ଓଭର** (ସ୍ମିଥ୍-୮୮, ଷ୍ଟୋକ୍ସ-୩୩, ଡକେଟ-୨୫, ରୁଟ-୬, ବ୍ରୁକ୍-୨୩, କାର୍ସ-୩୮, ଆକାଶଦୀପ-୬/୯୯, ସିରାଜ-୧/୫୭, ସୁନ୍ଦର-୧/୨୮)।

### ୱିମ୍ବଲଡନ ୭ମ ଦିବସ

## ଫ୍ରିଜ୍-କାଚାନୋଭ କ୍ୱାର୍ଟର ଲଢ଼େଇ

ଲଣ୍ଡନ, ୬।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୭ମ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆର ଅଣସିଡେଡ୍ ଖେଳାଳି ଜୋର୍ଡାନ ଥମ୍ପସନ ଆଘାତ ହୋଇ ମ୍ୟାଚ୍ ଅଧାରୁ ରିଟାୟର୍ଡ ହଟ୍ ହୋଇଯିବାରୁ ଫ୍ରିଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏହି ସମୟରେ ଫ୍ରିଜ ୬-୧, ୩-୦ରେ ଅଗ୍ରଣୀ ରହିଥିଲେ। ଗତ ୪ ବର୍ଷ ମଧ୍ୟରେ ଫ୍ରିଜ ୩ୟଥର ଲାଗି ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟରରେ ଫ୍ରିଜ୍ ୧୭ତମ ସିଡ୍ ରୁଷିଆର କରନ କାଚାନୋଭାଙ୍କୁ ଭେଟିବେ। ଅନ୍ୟ ଏକ ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲରେ କରନ ୬-୪, ୬-୨, ୬-୩ ସିଧାସଳଖ ସେଟ୍‌ରେ ପୋଲାଣ୍ଡର କାମିଲ ମାଜଚରଜାକଙ୍କୁ ସହଜରେ ହରାଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ଶନିବାର ରାତିରେ ୭ଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ଏକ ବଡ଼ ବିଜୟ ହାସଲ କରିଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାରେ ସେ ନିଜ ଦେଶର ମିଓମିର୍ କେମାନୋଭିଚ୍‌ଙ୍କୁ ୬-୩, ୬-୦, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏଥିସହ ସେ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଅର୍ଥାତ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ କ୍ୟାରିୟରର ୧୦୦ତମ ବିଜୟ ଲାଭ କରିଥିଲେ। ବିଶ୍ୱର ୩ୟ ଖେଳାଳି ଭାବେ ସେ ୱିମ୍ବଲଡନରେ ୧୦୦ଟି ମ୍ୟାଚ୍ ଜିତିବାର କୀର୍ତ୍ତିମାନ କରିଥିଲେ। ତାଙ୍କ ପୂର୍ବରୁ ମାର୍ଟିନା ନାଭ୍ରାତିଲୋଭା ଓ ରୋଜର ଫେଡେରର୍ ଏହି କ୍ଲବରେ ସାମିଲ ହୋଇଥିଲେ। ରବିବାର ରାତିରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଆନ୍ଦ୍ରେ ରୁବଲେଭଙ୍କ ମଧ୍ୟରେ ପ୍ରି-କ୍ୱାର୍ଟର ମ୍ୟାଚ୍ ଜାରି ରହିଛି।


ଟେଲର୍ ଫ୍ରିଜ୍

### ଏଏଫ୍‌ସି ମହିଳା ଏସିଆ କପ୍

## ଭାରତ ସମେତ ୧୧ ଦେଶକୁ ଯୋଗ୍ୟତା

ବ୍ୟାଙ୍କକ୍,୬।୭ (ଏଜେନ୍ସି): ଅଷ୍ଟ୍ରେଲିଆରେ ଆ।ସନ୍ତାବର୍ଷ ଖେଳାଯିବାକୁ ଥିବା ଏଏଫ୍‌ସି ମହିଳା ଏସିଆ କପ୍ ଫୁଟବଲରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଥିଲାଗି ଅନୁଷ୍ଠିତ ବିଭିନ୍ନ ପ୍ରକାର ଟୁର୍ଣ୍ଣାମେଣ୍ଟରୁ ୧୧ଟି ଦେଶ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତକାଲି ନିଜଠାରୁ ଅଧିକ ମାନ୍ୟତାପ୍ରାପ୍ତ ଟିମ୍ ଥାଇଲାଣ୍ଡକୁ ପରାସ୍ତ କରି ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଦେଶ ଗୁଡ଼ିକ ହେଲା ଅଷ୍ଟ୍ରେଲିଆ, ଜାପାନ, ଉତ୍ତରକୋରିଆ, ଚୀନ୍, ଦକ୍ଷିଣ କୋରିଆ, ଭିଏତନାମ୍, ଫିଲିପାଇନ୍ସ, ଚାଇନିଜ୍ ତାଇପେଇ, ଉଜ୍‌ବେକିସ୍ତାନ ଓ ବାଂଲାଦେଶ। ଜୁଲାଇ ୭ରୁ ୧୯ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍-ଏ'ର ବିଜେତା ଶେଷ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିବେ। ଏଥିଲାଗି ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ଥାଇଲାଣ୍ଡରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ ବଳରେ ଭାରତ ୨-୧ ଗୋଲରେ ଆୟୋଜକ ଥାଇଲାଣ୍ଡକୁ ହରାଇ ଏଏଫ୍‌ସି ମହିଳା ଏସିଆ କପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରିଥିଲା।

## ଏସିଆନ୍ ପାରା ଆର୍ଚେରୀରେ ହରବିନ୍ଦରଙ୍କୁ ସ୍ୱର୍ଣ୍ଣ ପଦକ



ବେଜିଂ, ୬।୭ (ଏଜେନ୍ସି): ପାରାଅଲିମ୍ପିକ ଚାମ୍ପିଅନ ହରବିନ୍ଦର ସିଂହ ଚାଇନାରେ ଚାଲିଥିବା ଏସିଆନ୍ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଓପନ୍ ଇଣ୍ଡିଭିଜୁଆଲ୍ ଇଭେଣ୍ଟର ଫାଇନାଲରେ ହରବିନ୍ଦର ୭-୧ (୨୮-୨୪, ୩୦-୨୮, ୨୬-୨୬, ୩୦-୨୮)ରେ ଥାଇଲାଣ୍ଡର ହାନରେଉଚାଇ ସେତସିରିଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା କମ୍ପାଉଣ୍ଡରେ ଜ୍ୟୋତି ୧୪୪-୧୩୩ରେ ଇଣ୍ଡୋନେସିଆର ଅଡି ଆୟୁଡିଆଙ୍କୁ ହରାଇ କାଂସ୍ୟ ପଦକ ଜିତିଛନ୍ତି।

## ନେତୃତ୍ୱ ପଦାର୍ପଣରେ ମୁଲ୍‌ଡର୍‌ଙ୍କ ଦ୍ୱିଶତକ

ବୁଲାୱାୟୋ, ୬।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ରବିବାରଠାରୁ ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୮ ଓଭରରେ ୪ ୱିକେଟ୍ ହରାଇ ୪୬୫ ରନ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ମୁଲଡର୍ ୨୬୪ ଓ ଡେୱାଲ୍ଡ ବ୍ରେଭିସ ୧୫ ରନ କରି ଅପରାଜିତ ରହିଛନ୍ତି। ଦ୍ରୁତ ବ୍ୟାଟିଂ କରିଥିବା ମୁଲଡର୍ ୨୫୯ ବଲ୍‌ର ଏହି ପାଳିରେ ୩୪ ଚୌକା ଓ ୩ ଛକା ମାରିଥିଲେ। ଏହି ଦ୍ୱିଶତକୀୟ ପାଳି ଅବସରରେ ମୁଲ୍‌ଡର୍ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ୩ୟ ଖେଳାଳି ଭାବେ ନେତୃତ୍ୱ ନେବାର ପ୍ରଥମ ପାଳିରେ ଦ୍ୱିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗ୍ (୧୯୬୮ରେ ଭାରତ ବିପକ୍ଷରେ) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ୍ (୨୦୦୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ) ଏହି ସଫଳତା ପାଇଥିଲେ।

### ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ୍


## ରିଅଲ୍-ପିଏସ୍‌ଜି ସେମିଫାଇନାଲ

ଲିଙ୍କନ୍, ୬।୭ (ଏଜେନ୍ସି): ସ୍ପେନ୍‌ର ରିଅଲ ମାଦ୍ରିଦ୍ ଓ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି)ର କ୍ୱାର୍ଟର ଫାଇନାଲ ବିଜୟ ସହ ଏଠାରେ ଚାଲିଥିବା କ୍ଲବ୍ ବିଶ୍ୱକପ୍ ଫୁଟବଲର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୮ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ସହ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିପରି ଜୁଲାଇ ୯ରେ ରିଅଲ ମାଦ୍ରିଦ୍ ଓ ପିଏସ୍‌ଜି ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଜୁଲାଇ ୧୩ରେ ହେବ।

### ଦ୍ୱିତୀୟ ଟେଷ୍ଟ

## ୱେଷ୍ଟଇଣ୍ଡିଜ ସାମ୍ନାରେ ୨୭୭ ରନ ଟାର୍ଗେଟ୍

ସେଣ୍ଟ ଜର୍ଜ୍ସ, ୬।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ଶେଷ ଖବର ସୁଦ୍ଧା ୧୩ ଓଭରରେ ୪ ୱିକେଟ୍ ହରାଇ ୩୩ ରନ ସଂଗ୍ରହ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଜିତି ଭ୍ରମଣକାରୀ ଅଷ୍ଟ୍ରେଲିଆ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ଦ୍ୱିତୀୟ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି।



ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶନିବାର ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୨୨୧ ରନ କରିଥିବା ଅଷ୍ଟ୍ରେଲିଆ ଦଳ ୪ର୍ଥ ଦିବସରେ ରବିବାର ସକାଳେ ଆଉ ୨୨ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭେନ ସ୍ମିଥ ସର୍ବାଧିକ ୭୧, କାମେରନ ଗ୍ରୀନ ୫୨, ଟ୍ରାଭିସ ହେଡ୍ ୩୯, ଆଲେକ୍ସ କେରୀ ୩୦, ଅଧିନାୟକ ପ୍ୟାଟ୍ କମିନ୍ସ ୪, ମିଚେଲ ଷ୍ଟାର୍କ ଅପରାଜିତ ୧୩ ରନ କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ସାମାର ଜୋସେଫ ସବୁଠୁ ସଫଳ ବୋଲର ରହିଥିଲେ। ସେ ୪ଜଣ ଅଷ୍ଟ୍ରେଲୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିବାବେଳେ ଜାଡେନ ସେଲ୍ସ, ଅଲ୍‌ଜାରୀ ଜୋସେଫ୍ ଓ ଜଷ୍ଟିନ ଗ୍ରେଭିସ ବଳକା ୬ଟି ୱିକେଟ୍‌କୁ ବାଣ୍ଟି ନେଇଥିଲେ।

## କନ୍ଦନ ମୁର୍ମୁ ହେଲେ ବିଶ୍ୱ ଜୁଡୋ ରେଫରୀ



ଭୁବନେଶ୍ୱର,୬।୭ (ସମିସ): ଓଡ଼ିଶା ଜୁଡୋର ଜଣାଶୁଣା ଚେହେରା କନ୍ଦନ ଓରଫ ମନୋଜ ମୁର୍ମୁଙ୍କୁ ମିଳିଛି ଏକ ବଡ଼ ସଫଳତା। ଜାକାଖସ୍ଥାନରେ ଅନୁଷ୍ଠିତ ବିଶ୍ୱ ଜୁଡୋ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ରାଜ୍ୟର ପ୍ରଥମ ବିଶ୍ୱ ଜୁଡୋ ରେଫରୀ ହୋଇଛନ୍ତି। ଏହା ଫଳରେ ଏବେ ସେ ବିଶ୍ୱର ସମସ୍ତ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାଜାଖସ୍ଥାନର ଆଲମାଟିରେ ଜୁଲାଇ ୨ରୁ ୪ ଯାଏ ଅନୁଷ୍ଠିତ ଏହି ପରୀକ୍ଷାରେ ୧୧ଟି ଦେଶରୁ ୧୯ ଜଣ ଅନ୍ତର୍ଜାତୀୟ ରେଫରୀ ଯୋଗଦେଇଥିଲେ। ଏଥିରେ ଲିଖିତ, ମୌଖିକ ଓ ପ୍ରାକ୍ଟିକାଲ ପରୀକ୍ଷା ହୋଇଥିଲା। କନ୍ଦନ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ବିଶ୍ୱ ଜୁଡୋ ରେଫରୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା କନ୍ଦନ ବିଜେବି କଲେଜ୍‌ରେ ପଢୁଥିଲାବେଳେ କୋଚ୍ ସ୍ୱର୍ଗତଃ ବିରଞ୍ଚି ଦାସଙ୍କଠାରୁ ଜୁଡୋ ଶିଖିଥିଲେ। ଏହା ପରେ ସେ ଗୋଟିକ ପରେ ଗୋଟିଏ ରେଫରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ବିଶ୍ୱରେ ପରିଚିତ ହୋଇଛନ୍ତି। ଏବେ କିସ୍ ୟୁନିଭର୍ସିଟିରେ ଜୁଡୋ କୋଚ୍ ରହିବା ସହ ଓଡ଼ିଶା ଜୁଡୋ ସଂଘର ଟେକ୍ନିକାଲ ଚେୟାରମ୍ୟାନ ଦାୟିତ୍ୱ ତୁଲାଉଛନ୍ତି। ଏହି ସଫଳତା ଲାଗି ସେ ଓଡ଼ିଶା ଜୁଡୋ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ପତ୍ନୀ ରୋଜାଲିନ୍‌ଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆୟୁଷ୍ମାନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍



ଭୁବନେଶ୍ୱର,୬।୭ (ସମିସ): ନାରାୟଣ ଇ ଟେକ୍ନୋ ସ୍କୁଲର ଆୟୁଷ୍ମାନ୍ତ ମହାନ୍ତି ପୋଖରୀପୁଟ ଡିଏଭି ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ୍ମାନ୍ତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ଆୟୋଜକ ସ୍କୁଲ୍‌ର ଶ୍ରେୟସ କୁମାର ବେହୁରିଆ ୪.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ଜଣ ଖେଳାଳି ଯଥା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ରେୟାଂଶ ପରାଶର ଓ ପୋଖରୀପୁଟ ଡିଏଭିର ସାଇସ୍ୱାଗତ ପରିଜା ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ପୋଖରୀପୁଟ ଡିଏଭି ସ୍କୁଲ ଅଧ୍ୟକ୍ଷ ବିପିନ କୁମାର ସାହୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟ ଖେଳ ଶିକ୍ଷକ ନବକିଶୋର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଦୀପକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

## ସେପ୍ଟେମ୍ବରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

- ଭାଗ ନେବେ ୬ଟି ଦଳ
- ଡ୍ରାଫ୍ଟରେ ଖେଳାଳି କିଣା



କଟକ,୬।୭ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏକ ନୂଆ ଢ଼ାଞ୍ଚାରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛି। ଏରିଭା ସ୍ପୋର୍ଟସ ସହଭାଗିତାରେ ଆସନ୍ତା ସେପ୍ଟେମ୍ବରରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)। ଯେଉଁଥିରେ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବ। ଓସିଏର ଗତ ଆପେକ୍ସ କାଉନସିଲ ବୈଠକରେ ଲିଗ୍ ବାବଦରେ ଆଲୋଚନା ହୋଇଥିବା ଆଜି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାର୍ଥୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ରହିବ।

ବିଗତ ଦିନରେ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ) ଏବଂ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ସଫଳତା ପରେ ରାଜ୍ୟ କ୍ରିକେଟ ସଂଘ ଏବେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ନୂତନ ରୂପରେଖ ଦେବାକୁ ଯାଉଛି। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଚଳିତବର୍ଷ ଠାରୁ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦାୟିତ୍ୱ ସମ୍ଭାଳିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନେଇ ୬ଟି ଦଳ ଗଠନ ହେବ। ଓସିଏ ସମ୍ପାଦକ ସଞ୍ଜୟ କହିଛନ୍ତି ଯେ, ରାଜ୍ୟରେ କ୍ରିକେଟର ଧାରାକୁ ବଦଳାଇବା କ୍ଷେତ୍ରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହାୟକ ହେବ। ପ୍ରତିଭାବାନ ଖେଳାଳିଙ୍କୁ ନେଇ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳାଯିବ। ଓଡ଼ିଶାରେ ଅନ୍ୟ କ୍ରୀଡ଼ା ଗୁଡିକର ଦୃଷ୍ଟାନ୍ତମୂଳକ ବିକାଶ ଘଟୁଛି, ଏବେ କ୍ରିକେଟର ପାଳି ବୋଲି ସଞ୍ଜୟ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଉକ୍ତ ଲିଗ୍ ଆୟୋଜନ ନେଇ ଉତ୍ସାହିତ ଥିବା କହିଛନ୍ତି ଏରିଭା ସ୍ପୋର୍ଟସର କୋ-ଫାଉଣ୍ଡର ରଜନୀଶ ଚୋପ୍ରା। ସେ ଏହା ମଧ୍ୟ କହିଥିଲେ ଯେ, ଓପିଟିଏଲ କେବଳ କ୍ରୀଡା ଭିତ୍ତିକ ମନୋରଞ୍ଜନ ଯୋଗାଇବ ନାହିଁ, ବରଂ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରିକେଟର ବିକାଶ ଦିଗରେ କାର୍ଯ୍ୟ କରିବ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମ୍ନାକୁ ଆଣିବା ପାଇଁ ଉଦ୍ୟମ ହେବ ବୋଲି ରଜନୀଶ କହିଛନ୍ତି। ଇଓଆଇ ତଥା ଦି ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ଡକ୍ୟୁମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଓସିଏର ୱେବସାଇଟରେ ଉପଲବ୍ଧ କରାଯିବ। କ୍ରିକେଟ ପ୍ରତି ପ୍ରତିବଦ୍ଧତା ଏବଂ ଦୀର୍ଘମିଆଦି ଦୃଷ୍ଟିକୋଣରୁ ଫ୍ରାଞ୍ଚାଇଜ ଚୟନ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏର ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS